ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୨୫ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ମକର ସଂକ୍ରାନ୍ତି ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| IIT, Kharagpur Kshitij 2025, | | |
| ଏସିଆ ମହାଦେଶରେ ସର୍ବବୃହତ୍ ସୂଚନା ପ୍ରଦ୍ୟୋଗିକୀ - ବୈଷୟିକ ଉତ୍ସବ | | ୨୭ |
| ଏକ୍ସଆଇଏମ୍ ଭୁବନେଶ୍ୱର ଦ୍ୱାରା ଏକ୍ସ-ଏମିନେନ୍ସ୍ ୨୦୨୫ ଆୟୋଜିତ | | ୩୦ |
| **ଗଳ୍ପ ବିଭାଗ** | | **୩୩** |
| ଅନେକ କଳାଛାଇ - ୨୩ | ଅଶୋକ ବିଶ୍ୱାଳ | ୩୬ |
| ରେବତୀର ପୁନର୍ଜନ୍ମ | ସୁନନ୍ଦା ମହାନ୍ତି | ୪୮ |
| ଦାଢ଼ୀର କରାମତି | ସୁଧାଂଶୁ ଶେଖର ଦ୍ୱିବେଦୀ | ୫୦ |
| ପୁନର୍ମିଳନ | ଦିବାକର ନାୟକ | ୫୫ |
| କମିଟ୍‌ମେଣ୍ଟ : ଏକ ଅନୁଭୂତି | ସୌମ୍ୟରଞ୍ଜନ ପାଢ଼ୀ | ୬୦ |
| କାଚ ଆଇନା | ରୁଦ୍ରକାନ୍ତ ରାଉତରାୟ | ୬୪ |
| **କବିତା ବିଭାଗ** | | **୬୮** |
| ମୁଁ ପୁଣି ଫେରି ଆସିବି | ଶିବନାରାୟଣ ଦାସ | ୬୯ |
| ଆଧ୍ୟାତ୍ମିକତା | ବାସନ୍ତୀ ଲତା ଜେନା | ୭୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଦୁଃଖ ସୁଖ ଦୁହେଁ ଜାଆଁଲା ଭାଇ | ରବି ନାରାୟଣ ମିଶ୍ର | ୭୫ |
| ମାଟିର ଦ୍ରୋଣ | ସୁଜିତ କୁମାର ମିଶ୍ର | ୭୬ |
| ଶ୍ରାବଣୀ ଚପଳଛନ୍ଦା | ପ୍ରଶାନ୍ତ କୁମାର ଦାଶ | ୭୮ |
| ଚିହ୍ନିଥାଅ ସମାଜର ଶତ୍ରୁଙ୍କୁ | ହରେରାମ ପଣ୍ଡା | ୭୯ |
| ଅବଲୁପ୍ତ ପ୍ରେମର ଫସଲ | ସିଦ୍ଧେଶ୍ୱର ତ୍ରିପାଠୀ | ୮୦ |
| ସମ୍ବେଦନା ବାଣୀ | ଅଲେଖ ମେହେର ଯାଯାବର | ୮୧ |
| ଦାନାର ଅପମୃତ୍ୟୁ | ସୁଶାନ୍ତ ଶେଖର ଦାଶ | ୮୨ |
| ନୂତନ ରାହା | ଆଶୁତୋଷ ମେହେର | ୮୪ |
| ଯୁପକାଠ | ବିନୟ ମହାପାତ୍ର | ୮୫ |
| ହୃଦୟର ଠାକୁର | ଦୀପକ ରଂଜନ ଜେନା | ୮୬ |
| ଜୀବନେ ଏମିତି ନାଟକ ଚାଲିଛି | ତାରା ପ୍ରସାଦ ଜେନା | ୮୮ |
| ଶୀତ ଦିନ | ସଞ୍ଜୟ ନାଏକ | ୮୯ |
| ଫଗୁଣ ବି କଥା କହେ | ଶିଶିର କୁମାର ପଣ୍ଡା | ୯୦ |
| କଣ କାହାଠୁ ମିଳିବ | ବିନୟ କୁମାର ମିଶ୍ର | ୯୧ |
| ପ୍ରୟାଗରାଜରେ କୁମ୍ଭମେଳା | ନୀଳମଣି ଚାନ୍ଦ | ୯୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କଳାକର କଳାମୁଖ | ଡଃ ଅର୍ଜୁନ ଚନ୍ଦ୍ର ବାରିକ | ୯୪ |
| କହିଲ ଦେଖି | ଅମରନାଥ ବାରିକ | ୯୫ |
| ଅବନା ଚଉତିଶା | ପ୍ରଦୀପ କୁମାର ଜିଲିକାରା | ୯୭ |
| ସଭିଙ୍କୁ ଦିଅ ହେ ଖୁସି | ବିଦ୍ୟୁତ ପ୍ରଭା ମିଶ୍ର | ୯୯ |
| | ଭାସ୍କର ରାଉତ | ୧୦୦ |
| | ଭରତବନ୍ଧୁ ବିଶ୍ୱାଳ | ୧୦୧ |
| ପ୍ରଥମ ପ୍ରଣାମ ଘେନ ନୀଳାଚଳ ନାଥ | ବାସନ୍ତୀ ଦେଇ | ୧୦୨ |
| ଜଗା ମୋ ଜୀବନ | ଏଲିଜା ଜେନା | ୧୦୩ |
| କେତେ କନ୍ଦାଇବ ଆହେ ଶ୍ରୀହରି | ନଳିନୀ ଦାଶ | ୧୦୪ |
| ନୂଆ ବରଷର ନୂଆ କବିତା | ବଟକୃଷ୍ଣ ପଣ୍ଡା | ୧୦୫ |
| ନୂଆ ସକାଳର ମିଠା ସମ୍ପର୍କ | ଯାଜ୍ଞସେନୀ ପଣ୍ଡା | ୧୦୭ |
| ନୂଆବର୍ଷ ସ୍ୱାଗତିକା | ଦେବାଶିଷ ଚକ୍ରବର୍ତ୍ତୀ | ୧୦୮ |
| ସ୍ୱାଗତ ହେ ନବବର୍ଷ | ଝୁମୁରୀ ସାହୁ | ୧୧୦ |
| ବିଦାୟ ଚବିଶି ସ୍ୱାଗତ ପଚିଶି | ସୌଦାମିନୀ ତ୍ରିପାଠୀ | ୧୧୨ |
| ନୂଆ ବରଷର ବାର୍ତ୍ତା | ବସନ୍ତ କୁମାର ମଲ୍ଲିକ | ୧୧୪ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| କିଛି ସ୍ମୃତି କିଛି ଅନୁଭୁତି | ମନ୍ଦାକିନୀ ପାଢ଼ୀ | ୧୧୬ |
| ଅନେକରେ ଏକ | ପ୍ରଭଞ୍ଜନ ତ୍ରିପାଠୀ | ୧୧୭ |
| ଦୋହଲୁଥିବା ବସା | ସୌଦାଗର ବିଶ୍ୱାଳ | ୧୧୯ |
| ପ୍ରେମ ପତ୍ର | ଲୋପାମୁଦ୍ରା ମହାପାତ୍ର | ୧୨୦ |
| ଶୂନ୍ୟ ଜୀବନ | ସନ୍ତୋଷ କୁମାର ସୂତାର | ୧୨୧ |
| ଚନ୍ଦ୍ରମା ଗୋ... | ଶିଳ୍ପାଲିପି ବେହେରା | ୧୨୩ |
| ଜୟ ଶ୍ରୀ ରାମ | ଜୟନ୍ତ ଦାସ ପ୍ରଫୁଲ୍ଲ | ୧୨୪ |
| ମନେ ରହେ କିଛି କଥା | ଗୋଲୋକବିହାରୀ ବେହେରା | ୧୨୬ |
| ବିରହ ଯନ୍ତ୍ରଣା | ସାଗର ଖରା | ୧୨୭ |
| ମାଣିକ ପାଟଣା | ଆକୁଳାନନ୍ଦ ପୃଷ୍ଟି | ୧୩୦ |
| ବାପା | ରୋସନୀ ସାହୁ | ୧୩୨ |
| ନୀରବ ସାଜିଛ | ଦୁଷ୍ମନ୍ତ ବେହେରା | ୧୩୫ |
| ନମ୍ର ନୟନା | ଅଶୋକ କୁମାର ବାରିକ | ୧୩୬ |
| ବେଇମାନି ପ୍ରେମ | ତୃପ୍ତିମୟୀ ହୋତ୍ତା | ୧୩୭ |
| ଭୟ (ମୃତ୍ୟୁର) | ତପସ୍ୱିନୀ ସାହୁ | ୧୩୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ବ୍ରହ୍ମଚାରୀ | ଅରୁଣ କୁମାର ଦାସ | ୧୪୦ |
| ସ୍ମୃତି | ଅମୃତନାରାୟଣ ଶତପଥୀ | ୧୪୨ |
| ପଉଷର ଏ ଜନ୍ମଦିନେ | କିରନ୍ ସ୍ୱାଇଁ | ୧୪୩ |
| **ପ୍ରବନ୍ଧ ବିଭାଗ** | | **୧୪୪** |
| ହ୍ୟୁମାନ୍ ମେଟାନ୍ୟୁମୋ ଭୂତାଣୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୪୫ |
| ଜୀବନ୍ତ ଦେବତା | ଅଭୟ କୁଣ୍ଡ | ୧୫୦ |
| ବଞ୍ଚି ରହିବା ପାଇଁ ଜୀବନ ସଂଗ୍ରାମ | ଆଶୁତୋଷ ନାୟକ | ୧୫୩ |
| ଅଯୋଗ୍ୟ ପଦାଧିକାରୀଙ୍କ ବରଖାସ୍ତ | ପଙ୍କଜ କୁମାର ପାଣିଗ୍ରାହୀ | ୧୬୦ |
| ବିର୍ସା ମୁଣ୍ଡା : ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମର ପ୍ରତୀକ | ଅସିତ ମହାନ୍ତି | ୧୬୬ |
| **ବିଶେଷ ସୂଚନା** | | **୧୭୨** |


ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ଅଧିକ ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଓଡ଼ିଆ ଇ-ପତ୍ରିକାର ନୂତନ ଇଂରାଜୀ ନବବର୍ଷ ୨୦୨୫ର ପ୍ରଥମ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ନୂତନ ବର୍ଷ, ନୂଆ ଆଶା ଓ ଆକାଂକ୍ଷା । ସୁଖ ଓ ସମୃଦ୍ଧି ପାଇଁ କେତେ କାମନା ଓ ପ୍ରାର୍ଥନା । ଇଂରାଜୀ ନବବର୍ଷ ହେଉଥିଲେ ସୁଦ୍ଧା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଅନିଦ୍ରା କରାଇ ଭକ୍ତମାନଙ୍କ ଆକୁଳ ଆବେଦନ ଓ ପ୍ରାର୍ଥନା ଶୁଣିବା ପାଇଁ ବାଧ୍ୟ କରାଯାଇ ପାଳନ ହେଉଛି ଯେତେବେଳେ ଏହା ବିଶେଷ ତାତ୍ପର୍ଯ୍ୟ ବହନ କରେ ନିଶ୍ଚୟ । ପ୍ରତିବର୍ଷ ଇଂରାଜୀ ନବବର୍ଷ ପାଳନକୁ ନେଇ ଅନେକ ପ୍ରକାର ଟାହିଟାପରା ଓ ଟିପ୍ପଣୀ ଶୁଣିବାକୁ ମିଳେ, ଯାହା ଚଳିତ ବର୍ଷ ବି ଶୁଣାଯାଇଛି । ଏହାର ଏକ ସୁନ୍ଦର ଉତ୍ତର ସାନଭାଇ ବଳଭଦ୍ର ନିଜର ଏକ ପୋଷ୍ଟରେ ଫେସବୁକର ପଟ୍ଟଳରେ ଉଲ୍ଲେଖ କରି ଯାଇଛନ୍ତି, ଯାହା ଅନେକଙ୍କ ମନକୁ ପାଇଛି । ସଂକ୍ଷେପରେ ତାହା ଏହି ଭଳି ।

ଗତକାଲିର ନୂଆବର୍ଷରେ ଶୁଭେଚ୍ଛା ଜଣେଇବାକୁ ନେଇ ଜଣେ ନବ୍ୟ ଦୀକ୍ଷିତ (ଏକ ପଚ୍ଛାରେ), ନୂଆ ସଂସାରୀ ଆଜି ବାଦ କଲେ । ବୃତ୍ତିରେ ବାବୁ ଜଣଙ୍କ ଜଣେ ଇଂଜିନିୟର୍, ଏକ Multinational Companyରେ ଓଡ଼ିଶା ବାହାରେ ତାଙ୍କର ପାଇଟି ।

ନିଜକୁ ଜଣେ ସେ ଧାର୍ମିକ, ମାର୍ମିକ ବୋଲି ମନେ କରି କହିଲେ "ଏଇଟା ଆମର ନୂଆବର୍ଷ ନୁହେଁ, ଆମର ପଣା ସଂକ୍ରାନ୍ତି । ତମ ଭଳିଆ ଲୋକ ସବୁ ଏ New Year Wish କରି ଆମ ସଂସ୍କୃତିକୁ କଳୁଷିତ କରୁଛ ।" ମୁଁ କହିଲି ହଉ ଭାଇ ତମେ ଆମ ସଂସ୍କୃତିର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧ୍ୱଜାବାହକ ହୁଅ ଯେ,

୧. ପ୍ରଥମରେ ଚଡ଼ି ନୁହଁ କାଛିଆ ପିନ୍ଧ । ବାନିଆନ୍ ନୁହଁ ଫତେଇ ପିନ୍ଧ ।

୨. ଦ୍ୱିତୀୟରେ ଅଙ୍ଗି (Shirt) ପେଏଣ୍ଟ (Pant) ନପିନ୍ଧି ଧୋତି ପିନ୍ଧ । କୁର୍ତ୍ତା, ପାଇଜାମା ବି ପିନ୍ଧନି । କାରଣ ସେଇଟା ବି ଆମର ନୁହଁ ।

୩. ପାଣ୍ଟେଇ, ଜୋତା, ମୋଜା ପିନ୍ଧିବା ଛାଡ଼ । କଠଉ ପିନ୍ଧ ।

୪. ଫୋନ୍, ଲାପଟପ୍ ହେରିକା କିଛି ଧରନି ।

୫. ତମେ ଯୋଉ MNCରେ କାମ କରୁଛ, ଯୋଉଥିରୁ କମଉଛ-ସେ କାମିନୀ ଛାଡ଼ । ଗାଁକୁ ଯାଇକି ରୁହ । ଖଟି ଖାଅ, କୁଟି ପିନ୍ଧ ।

୬. ଆପାର୍ଟମେଣ୍ଟରେ ରହୁଛ ପରା । କାଲିଠୁ ସେଇଟା ଛାଡ଼ । ଚାଳିଆଟେ ଯୋଗାଡ଼ କର ।

୭. କାରଟା ବିକିଦିଅ । ସଂପୂର୍ଣ୍ଣ ସ୍ୱଦେଶୀ ହେଇ ପଦ୍ମଚରଣ ଯାନକୁ ଆପଣାଅ । ଦୂର ବାଟ ଯିବାକୁ ଯଦି ଅସୁବିଧା ହବ ଶଗଡ଼ଟେ ନହେଲେ ଘୋଡ଼ା ଗାଡ଼ିଟେ ରଖିବ । Trainରେ କି Flightରେ କେବେ ଯିବନି । ସେଯାକ ଆମର ନାଇଁ ।

୮. ତମେ ଯୋଓଠେ ରହୁଛ ସେଇଠେ ନଦୀ, ବନ୍ଧକି, ପୋଖରୀ ଦେଖିକି ସେଇଠୁ ପାଣି ଆଣିକି ପିଅ ।

୯. ତା'ପରେ ରୋଗବ୍ୟାଧି ହେଲେ ଏଲୋପାଥିକ୍, ହୋମିଓପାଥିକ୍ ନଖାଇକି କେବଳ ଚେରମୂଳିକା ଖଅ । ଝଡ଼ାଫୁଙ୍କା କର ।

୧୦. ହଁ, ମଝିରେ ମଝିରେ କାଂଚ ଗିଲାସରେ ବରଫକୁ ସୋଓଡ଼ା ପକେଇକିରି ଯୋ ଭାଙ୍ଗୁଣିଟା ଟିକେ ଟିକେ ତେଣ୍ଟୁଚ ସେଯାକୁ ଛାଡ଼ । କାଦମ୍ବରୀ, ସଲପ, ଖଜିରି, ଚାଉଳିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଳି ସ୍ୱଦେଶୀ ପ୍ରପାନ ନିଅ ।

୧୧. Multinational Companyରେ ତମେ ଯୋ Software Engineer ଅଛ ତା'ର ଦେଶୀୟ ଅର୍ଥୁଟା କୁହ, ତା'ପରେ ମୁଁ ମାନିବି ଆମେ କଳୁଷିତ କରୁଛୁ, ଆଉ ତମେ ଟେକିକି ଧରିଛ ।

ଫୋନ୍ ରଖି ଦେଇକି ପଳେଇଲେ

ହଇକିହେ ମଇତ୍ରେ, ଏ ନେଖାଟା ନୁକିକିରି ପଢୁଥିବ ବୋଇଲେ ଦିହକୁ ନବନି ହେ । ନେଲେ ଓଲ ଆମ୍ବିଳା

#balabhadrarath

ମନୁଷ୍ୟ ଜୀବନ ନଶ୍ୱର । ବିଶେଷତଃ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାମ କରୁଥିବା ହେତୁ ମୁଁ ଜୀବନ ଓ ମୃତ୍ୟୁର ସୁକ୍ଷ୍ମ ପ୍ରଭେଦଟିକୁ ହୃଦୟଙ୍ଗମ କରି ଆସିଛି । କ୍ଷଣକରେ ଜଣେ ଜୀବିତ ବ୍ୟକ୍ତି ଜଡ଼ ବସ୍ତୁରେ ପରିଣତ ହେଉଥିବା ଦେଖୁଛି । ତେଣୁ ବେଳେ ବେଳେ ମନେ ହୁଏ, ଏତେ ଆଡ଼ମ୍ବର ପୂର୍ଣ୍ଣ ଜୀବନ, ସମ୍ପତ୍ତି, ବନ୍ଧୁ ବାନ୍ଧବ, ପରିଜନ ଥିବା ସତ୍ତ୍ୱେ, ମୃତ୍ୟୁଭଳି ବନ୍ଧନରୁ କେହି ବି ଆମକୁ ଦୂରେଇ ଦେଇ ପାରିବ ନାହିଁ । ତେଣୁ ଯେଉଁ ମୁହୂର୍ତ୍ତ ସବୁ ମିଳୁଛି ସେ ସବୁକୁ ମନଭରି ବଞ୍ଚିବା ହିଁ ଜୀବନ । ସ୍ୱଳ୍ପ ବୟସରେ ରୋଗଗ୍ରସ୍ତ ହେଉଥିବା ବ୍ୟକ୍ତିମାନଙ୍କୁ ଦେଖିଲେ ମନ ବ୍ୟାକୁଳ ହୋଇଉଠେ । ସେହିଭଳି ବୟସ୍କ ବ୍ୟକ୍ତି ଜଣକ ମୃତ୍ୟୁଶଯ୍ୟାରେ ଥିବା ବେଳେ ତାଙ୍କୁ କେମିତି ହେଲେ ବଞ୍ଚାଇ ଆଣିବାପାଇଁ ଆକୁଳ ଅନୁରୋଧ କରୁଥିବା ବନ୍ଧୁ ପରିଜନଙ୍କ ଆଖିରେ ଛଳ ଛଳ ହେଉଥିବା ଲୁହ ମଧ୍ୟ ଆମ ଆଖିକୁ ଓଦା କରିଦେଇଥାଏ । ସେଇଥିପାଇଁ ଜୀବନକୁ ଭଲ କରି ବଞ୍ଚିବା ଆମ ସମସ୍ତଙ୍କ ଧ୍ୟେୟ ହେବା ଉଚିତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତେ ଚାହାନ୍ତି ଆନନ୍ଦ । ଦୁଃଖ, ଶୋକ, ଅଭାବ, ଅନାଟନ ଏ ସବୁ ଶବ୍ଦ କେହି ବି ପସନ୍ଦ କରନ୍ତି ନାହିଁ । ତେଣୁ ସବୁବେଳେ ଆମେ ଖୁସିରେ ରହିବା ପାଇଁ ହିଁ ପ୍ରଚେଷ୍ଟାରତ ଥାଉ । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଖୁସି ରହିବା ପାଇଁ କଣ କିଛି କାରଣ ଖୋଜିବା ଆବଶ୍ୟକ କି ? ହୁଏତ ବାଲ୍ୟ, ଶୈଶବ ଓ ଯୌବନାବସ୍ଥାରେ ଆମେ ବସ୍ତୁମୋହରେ ପଡ଼ିଥାଉ, କିନ୍ତୁ ବୟସ ବଢ଼ିବା ସହ ଆମେ ସମସ୍ତେ ଜାଣିଯାଉ ଯେ ବସ୍ତୁ ମୋହ ଅପେକ୍ଷା ଜୀବନର ପ୍ରତି ମୁହୂର୍ତ୍ତ କେବେ ମୂଲ୍ୟବାନ । ତେଣୁ ସୁଯୋଗ ପାଇଲେ କେମିତି ଟିକେ ଖୁସିର ମୁହୂର୍ତ୍ତ ବିତେଇବା ତାହା ଖୋଜିଥାଉ ।

ଇଂରାଜୀ ନବବର୍ଷ ମଧ୍ୟ ସେହିଭଳି ଏକ ସମୟ, ଯେତେବେଳ ସମଗ୍ର ବିଶ୍ୱ ଏକୀକୃତ ହୋଇ ଆନନ୍ଦ ଉଲ୍ଲାସ ପାଳନ କରୁଥିବା ବେଳେ ଆମେ ବି କିଛି ମୁହୂର୍ତ୍ତର ଖୁସି ସାଉଁଟିବା କୌଣସି ଅପରାଧ ନୁହେଁ । ହଁ କିନ୍ତୁ ଏହିଭଳି ସମୟରେ ମଦ୍ୟପାନ କରିବା ବିଶୃଙ୍ଖଳିତ ବ୍ୟବହାର କରିବା ଆଦୌ ସ୍ପୃହଣୀୟ ନୁହେଁ । ଖୁସି ହେବାପାଇଁ କୌଣସି କାରଣର ଆବଶ୍ୟକତା ନାହିଁ, ଆଉ ଯଦି ସତରେ ଖୁସି ହେବାପାଇଁ ସୁଯୋଗ ମିଳୁଛି ତା ହେଲେ ଖୁସି ହେଲେ କିଛି ଖରାପ ବି ନାହିଁ । ତେଣୁ ଆମେ ଇଂରାଜୀ ନବବର୍ଷକୁ ମଧ୍ୟ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ।

ବର୍ଷ ୨୦୨୫ ଆରମ୍ଭ ନ ହେଉଣୁ, ଏକ ମାରାତ୍ମକ ବ୍ୟାଧି ବିଶ୍ୱରେ ବ୍ୟାପୀବାର ସମ୍ଭାବନା ଦେଖା ଦେଇଛି । ସମସ୍ତେ ବର୍ଷ ୨୦୨୦ ଏବଂ ୨୧ର ସେହି ହୃଦୟ କମ୍ପାଇଥିବା ମହାମାରୀ ବିଷୟ ଭୁଲିନଥିବେ । ସମଗ୍ର ବିଶ୍ୱ ଯେତେବେଳେ ସ୍ଥିର ହୋଇ ଯାଇଥିଲା । ମାସ ମାସ ଧରି ଲୋକମାନେ ନିଜ ଘରୁ ବାହାରିବାକୁ ଭୟ କରିଥିଲେ । ଅନେକ ନିରୀହ ଜୀବନ ଅକାଳରେ ଝଡ଼ି ପଡ଼ିଥିଲା । କରୋନା ଭୂତାଣୁ ଜନିତ କୋଭିଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂକ୍ରମଣର ଘଟଣା ନିଜ ଜୀବନକାଳରେ ଆଉଥରେ ଦେଖିବାକୁ ନ ହେଉ ବୋଲି ସମସ୍ତେ ପ୍ରାର୍ଥନା କରିଥିବେ ନିଶ୍ଚୟ ।

କରୋନା ଭୂତାଣୁକୁ ଉହାନ୍ ଭୂତାଣୁ ଭାବରେ ମଧ୍ୟ ବର୍ଣ୍ଣନା କରାଯାଇଥିଲା । କାରଣ କିଛି ବିଶେଷଜ୍ଞଙ୍କ ମତରେ ଏହି ଭୂତାଣୁ, ଚୀନରେ ଉହାନ୍ ପ୍ରାନ୍ତରେ ଥିବା ଏକ ବୈଜ୍ଞାନିକ ଗବେଷଣାଗାରରେ ସୃଷ୍ଟି ହୋଇଥିଲା ଯାହା ସମଗ୍ର ବିଶ୍ୱରେ ବ୍ୟାପୀ ଯାଇଥିଲା । ଅବଶ୍ୟ ଚୀନ ଏହି ମାମଲାରେ ସବୁବେଳେ ଏହିଭଳି ଦାବୀକୁ ଖଣ୍ଡନ କରି ଆସିଥିଲା । ଏବେ ପୁଣିଥରେ ଚୀନରେ ଅନେକ ପ୍ରଦେଶରେ ଏକ ଭୂତାଣୁ ବ୍ୟାପୀବାକୁ ଲାଗିଥିବା ଖବର ଚର୍ଚ୍ଚାରେ ରହିଛି । ବିଗତ ସପ୍ତାହରେ ଭାରତରେ ଏହି ଭୂତାଣୁ ଜନିତ ପାଖାପାଖି ପାଞ୍ଚଟି ନୂଆ ମାମଲା ସାମନାକୁ ଆସିବା ପରେ ବିଶ୍ୱରେ ଭାରତ ଏବେ ତୃତୀୟ ସ୍ଥାନରେ ରହିଛି । ଏଚ୍ଏମପିଭି ବା ହ୍ୟୁମାନ୍ ମେଟାନ୍ୟୁମୋ ଭାଇରସ ନାମକ ଏହି ଭୂତାଣୁ କୌଣସି ନୂତନ ଭୂତାଣୁ ନୁହେଁ । ବର୍ଷ ୨୦୦୧ରେ ଏହା ନେଦେରଲାଣ୍ଡର ଜନୈକା ବୈଜ୍ଞାନିକଙ୍କ ଦ୍ୱାରା ଆବିଷ୍କୃତ ହୋଇ ସାରିଥିଲା । ଯେତେବେଳେ ସେ ଶିଶୁମାନଙ୍କୁ ହେଉଥିବା ସାମାନ୍ୟ ଥଣ୍ଡାଜ୍ୱର ପାଇଁ କେଉଁ ସବୁ ଭୂତାଣୁ ଦାୟୀ ତାହାର ଗବେଷଣା କରୁଥିଲେ । ସାଧାରଣତଃ ରେସ୍ପିରାଟୋରି ସିନ୍‌ସିଟିଆଲ୍ ଭାଇରସ୍ ନାମକ ଭୂତାଣୁ ଥଣ୍ଡାଜ୍ୱର କରାଇଥାଏ । କିନ୍ତୁ ନେଦେରଲାଣ୍ଡରେ ହୋଇଥିବା ଗବେଷଣାରେ ଜଣା ପଡ଼ିଥିଲା ଯେ ଏଚ୍ଏମପିଭି ନାମକ ଏହି ଭୂତାଣୁ ମଧ୍ୟ ଶିଶୁମାନଙ୍କ ମଧ୍ୟରେ ଥଣ୍ଡା ଜ୍ୱର ଭଳି ସମସ୍ୟା କରିଥାଏ ।

ଯେଉଁଭଳି କରୋନା ଭୂତାଣୁ ବହୁତ ପୁରୁଣା ଭୂତାଣୁ ହୋଇଥିଲେ ସୁଦ୍ଧା ବର୍ଷ ୨୦୨୦ରେ ଏହାର ଏକ ନୂତନ ପ୍ରକାର ବା ଶ୍ରେଣୀରେ ଭୂତାଣୁ ସମଗ୍ର ବିଶ୍ୱକୁ ଆକ୍ରାନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲା ଠିକ୍ ସେହିଭଳି ଏଚଏମପିଭି ନାମକ ଏହି ଭୂତାଣୁ ମଧ୍ୟ ପରିବର୍ତ୍ତିତ ରୂପ ହୋଇ ଅଧିକ ଆକ୍ରମଣାତ୍ମକ ଓ ଭୟଙ୍କର ହୋଇଛି ବୋଲି କୁହାଯାଉଛି । କରୋନା ଭୂତାଣୁ ସଂକ୍ରମଣରେ କେହି ମୃତ୍ୟୁବରଣ କରୁନଥିବା ବେଳେ ବର୍ଷ ୨୦୧୯-୨୦ରେ ଦେଖା ଦେଇଥିବା କରୋନା ଅତ୍ୟଧିକ ମାରାତ୍ମକ ଥିଲା ଏବଂ ଏଥିପାଇଁ ଏହି ଭୂତାଣୁରେ କୌଣସି ବୈଜ୍ଞାନିକ ଗବେଷଣା ହୋଇଥିବା କଥା କୁହାଯାଉଥିଲା । ବୈଜ୍ଞାନିକ ମାନେ ଏହି ଭୂତାଣୁର ଜୀବକୋଷରେ ଥିବା ଗୁଣସୂତ୍ରକୁ ବଦଳାଇ ଏହାକୁ ଅଧିକ ଭୟଙ୍କର ଓ ମାରାତ୍ମକ କରି ଦେଇଥିବା କଥା କୁହାଯାଉଥିଲା । ଯଦି ଠିକ୍ ସେହିଭଳି ଏଚଏମପିଭି ଭୂତାଣୁ କ୍ଷେତ୍ରରେ ମଧ୍ୟ ହୁଏ ତା ହେଲେ ଏହା ଫଳରେ ବ୍ୟାପକ ଜନଜୀବନ ହାନୀ ହେବାର ସମ୍ଭାବନା ରହିଛି ।

ଏଚଏମପିଭି ଭୂତାଣୁ ସମ୍ବନ୍ଧରେ ଏକ ଆଲେଖ୍ୟ ଏହି ପତ୍ରିକାରେ ପ୍ରକାଶିତ ଯାହା ଆପଣମାନଙ୍କୁ ସୁରକ୍ଷିତ ରହିବାର ଉପାୟ ବିଷୟରେ ମଧ୍ୟ ସୂଚନାପ୍ରଦାନ କରିବ । ମନେ ରଖନ୍ତୁ ସତର୍କ ରହିବା ଦ୍ୱାରା ହିଁ ଆମେ ଅନେକ ରୋଗଠାରୁ ସୁରକ୍ଷିତ ହୋଇ ପାରିବା ।

ବର୍ତ୍ତମାନ ଓଡ଼ିଶାରେ ପ୍ରବାସୀ ଭାରତୀୟଙ୍କ ଉତ୍ସବ ପାଳନ ହେଉଛି । ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ବିଦେଶାଗତ ଅନେକ ପ୍ରବାସୀ ଓଡ଼ିଆ ଓ ଅଣଓଡ଼ିଆ ବ୍ୟକ୍ତି ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରୁଛନ୍ତି । ଆଶା କରାଯାଉଛି ଯେ ସେମାନେ ଓଡ଼ିଶାରେ ଅର୍ଥ ବିନିବେଶ କରିବେ, ସିଧା ସଳଖ କିମ୍ବା ପରୋକ୍ଷ ଭାବରେ ଓଡ଼ିଶାର ଆର୍ଥିକ ପ୍ରଗତିରେ ସହାୟକ ହେବେ । ସେମାନଙ୍କ ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହେଉଛି । ମୁଖ୍ୟତଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁବନେଶ୍ୱର, ପୁରୀ, କୋଣାର୍କ, ଆଦି ସ୍ଥାନମାନଙ୍କରେ ବିଶେଷ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଯେଉଁ ଓଡ଼ିଆମାନେ ନିଜ ନିଜ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରି ବିଦେଶ ଯାଇଛନ୍ତି, ସେମାନେ ଓଡ଼ିଶାର ଉନ୍ନତି ପାଇଁ କିଭଳି ଅବଦାନ ଦେବେ ତାହା ଦେଖିବାକୁ ରହିଲା ।

ହେଲେ ଏହି ପ୍ରବାସୀ ଓଡ଼ିଆ ମହୋତ୍ସବକୁ ନେଇ ଦୁଇପ୍ରକାରର ମତ ଦେଖିବାକୁ ବା ଶୁଣିବାକୁ ମିଳୁଛି । ଜଣେ ବନ୍ଧୁ କହିଲେ, ଯେଉଁମାନେ ଓଡ଼ିଶାରେ ରହି ଏହି ମାଟି ପାଣିପବନରେ ବଡ଼ ହେଲେ, ସରକାରଙ୍କ ଦ୍ୱାରା ସ୍ଥାପିତ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷା ଗ୍ରହଣ କରିଲେ, ସେମାନେ ଚାକିରୀ କରିବା ଅର୍ଥ ଉପାର୍ଜନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ତ୍ୟାଗ କରିଦେଇ ବିଦେଶ ଚାଲିଗଲେ । ସେମାନେ ଓଡ଼ିଶା ସରକାର ଗଠନରେ କୌଣସି ଭୂମିକା ନିଅନ୍ତି ନାହିଁ । କାରଣ ସେମାନେ ଭୋଟ୍ ଦିଅନ୍ତି ନାହିଁ । ସ୍ୱାର୍ଥସର୍ବସ୍ୱ ହୋଇ ଯେଉଁମାନେ ନିଜ ଗାଁ ମାଟି ଛାଡ଼ିଦେଲେ ସେମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏଭଳି ଆୟୋଜନ କରିବାର ଯଥାର୍ଥତା କଣ ରହିଛି ?

ଅନ୍ୟ ପକ୍ଷରେ ଅନେକେ ଆଶାବାଦୀ ଅଛନ୍ତି ଯେ, ଯେଉଁମାନେ ସବୁ ବିଦେଶ ଯାଇ ସଫଳ ହୋଇଛନ୍ତି ଏବଂ ନିଜ ନିଜ କ୍ଷେତ୍ରରେ ଭଲ ନାଁ କରିଛନ୍ତି ଯଦି ସେମାନେ ଓଡ଼ିଶାରେ ଅର୍ଥ ବିନିଯୋଗ କରନ୍ତି କିମ୍ବା ଓଡ଼ିଶାରେ ନୂଆ ଶିଳ୍ପ ପ୍ରତିଷ୍ଠା କରିବା, ଅନୁଷ୍ଠାନ ତିଆରି କରିବାରେ ସହାୟକ ହୁଅନ୍ତି ତା ହେଲେ ଏହା ରାଜ୍ୟର ସାମଗ୍ରିକ ବିକାଶରେ ସହଯୋଗ ହୋଇ ପାରନ୍ତା । ବିଦେଶରେ ବିଶେଷତଃ ଆମେରିକା, ଲଣ୍ଡନ ଆଦି ସ୍ଥାନରେ ଅସଂଖ୍ୟ ଓଡ଼ିଆ ଲୋକ ରହୁଛନ୍ତି । ଅନେକ ସେଠାକାର ବାସିନ୍ଦା ବି ହୋଇ ସାରିଲେଣି । ବିଦେଶରେ ଭଲ ଆୟ ବି କରୁଛନ୍ତି । ସେମାନେ ଚାହିଁଲେ ନିଜ ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଁ ବା ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଯୋଜନାମାନ ପ୍ରଣୟନ କରି ପାରନ୍ତେ । ସେମାନଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବବର୍ଗ ଅନେକ କାର୍ଯ୍ୟକ୍ରମ କରିବାକୁ ଆଗଭର ହୁଅନ୍ତେ । ଦେଖାଯାଉ ଏହି ପ୍ରବାସୀ ଉତ୍ସବର ସୁଫଳ କଣ ମିଳୁଛି । ଆପଣ କଣ ଭାବୁଛନ୍ତି ଏହା ବିଷୟରେ ନିଜସ୍ୱ ମତ ନିଶ୍ଚୟ ଜଣାଇବେ ।

ବିଗତ ଅନେକ ଦଶନ୍ଧି ଧରି ଓଡ଼ିଶାବାସୀ ବିଦେଶମୁଖୀ ହୋଇଛନ୍ତି । ମୋର ମନେ ହୁଏ ବିଗତ ଶତାବ୍ଦୀର ଅଶୀ ଦଶକରେ ଅନେକ ଓଡ଼ିଆ ସୁଦୂର ଇରାନ ଇରାକ୍ ଆଦି ଅଞ୍ଚଳରେ କାମ କରିବାକୁ ଯାଉଥିଲେ । ଆମ ଗାଁର ଅନେକ ଲୋକ ସେ ସବୁ ଦେଶ ଯାଇ କାମ କରୁଥିଲେ । ଆସ୍ତେ ଆସ୍ତେ ସେ ସବୁ ଅଞ୍ଚଳରେ ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେବାପରେ ପରେ ସେମାନେ ଫେରି ଆସିଥିଲେ । ଏହାପରେ ଅନେକ ଲୋକ ଦେଶ ଭିତରେ ହିଁ ଗୁଜରାତର ସହର ସୁରତରେ ଘର କରିଲେ । ସେତେବେଳେ ସୁରତରେ ଶିଳ୍ପକ୍ରାନ୍ତି ଆସିଥିଲା । ନୂଆ ନୂଆ ଅନେକ ଶିଳ୍ପ ଗଢ଼ି ଉଠୁଥିଲା । ସେହି ସମୟରେ ଓଡ଼ିଶାର ବିଶେଷ କରି ଗଞ୍ଜାମ, ନୟାଗଡ଼, କନ୍ଧମାଳ ଆଦି ଅଞ୍ଚଳର ଅନେକ ଲୋକ ସୁରତ ଯାଉଥିଲେ କାମ କରିବା ପାଇଁ । ଏହା ସହ କାଶ୍ମୀର, ବମ୍ବେ, ମାନ୍ଦ୍ରାଜ ଆଦି ଅଞ୍ଚଳକୁ ମଧ୍ୟ କାମ କରିବାପାଇଁ ଯାଉଥିଲେ । କିଛି ଲୋକ ଦୁବାଇ ଯାଇଥିବା କଥା ମଧ୍ୟ ଆମେ ଦେଖିଛୁ ।

ବିଗତ ଶତାବ୍ଦୀରୁ ହିଁ ଓଡ଼ିଶାର ଶିଳ୍ପାୟନର ଗତି ନିମ୍ନମୁଖୀ ହେବା ଏହାର ପ୍ରମୁଖ କାରଣ ଥିଲା । ପାଠ ପଢ଼ି ଯୋଗ୍ୟ ହେଉଥିବା ଓଡ଼ିଆ ମାନଙ୍କୁ କର୍ମସଂସ୍ଥାନ ଯୋଗାଇବାରେ ଓଡ଼ିଶା ବିଫଳ ହେଉଥିବା ବେଳେ ଶିକ୍ଷିତ ବର୍ଗ ବିଦେଶ ଯିବାକୁ ଶ୍ରେୟସ୍କର ମଣିଥିଲେ । ଆସ୍ତେ ଆସ୍ତେ ସୂଚନା ପ୍ରଦ୍ୟୋଗିକୀ କ୍ରାନ୍ତି ଆସିଲା ଏବଂ ଶସ୍ତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରମିକ ପାଇବା ଆଶାରେ ଭାରତରେ କାମ କରୁଥିବା ଇଞ୍ଜିନିୟର୍ ମାନଙ୍କୁ ସମୁଦ୍ରପାର ଅନେକ ଦେଶ କାମରେ ଲଗାଇଲେ । ଯେଉଁମାନେ ବିଦେଶ ଗଲେ ସେମାନେ ଆଉ ଭାରତ ଫେରିବା କଥା ଭୁଲିଗଲେ । ଉଚ୍ଚ ଅଙ୍କର ଦରମା, ସଫା ସୁତରା ସହରାଞ୍ଚଳ, ଉଚ୍ଚମାନର ରହଣୀ, ସ୍ୱାସ୍ଥ୍ୟସେବା ସହ ଅବସର ବିନୋଦନ ପାଇଁ ଯଥେଷ୍ଟ ସାଧନ ସେମାନଙ୍କୁ ବିଦେଶରେ ଘର କରି ରହିବାକୁ ପ୍ରବର୍ତ୍ତାଇଲା । ସେମାନେ ସେଠାରେ ଘର କରି ରହିଗଲେ । ସେମାନଙ୍କ ଦେଖାଶିଖା ଆଗକୁ ଅନେକ ଲୋକ ସେମାନଙ୍କୁ ଅନୁସରଣ କରି ବିଦେଶରେ ରହିଲେ । ଶୁଣାଯାଏ ଏକା ଆମେରିକାରେ ପ୍ରାୟ ଦୁଇଲକ୍ଷରୁ ଅଧିକ ଓଡ଼ିଆ ଲୋକ ରହୁଛନ୍ତି । ସେମାନେ ବିଦେଶ ଯିବା ସେମାନଙ୍କ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ହୁଏତ ଏତେ ବେଶୀ ଆନନ୍ଦଦାୟକ ହୋଇନଥିବ କିନ୍ତୁ ଏଠାରେ କର୍ମସଂସ୍ଥାନର ଅଭାବ ସେମାନଙ୍କୁ ବିଦେଶ ଯିବା ପାଇଁ ବାଧ୍ୟ କରିଥିବ ।

ଆଜି ଯଦି ଆମେ ଓଡ଼ିଶା କଥା କହୁ, ତାହେଲେ ଗୋଟିଏ ସମସ୍ୟା ଯାହା ବିଗତ ଅନେକ ଦଶନ୍ଧି ଧରି ଲାଗି ରହିଛି ତାହା ହେଉଛି ଦାଦନ ସମସ୍ୟା । ଅଧିକାଂଶ ଓଡ଼ିଆ ଯୁବବର୍ଗ ବିଦେଶ ବା ଅନ୍ୟ ରାଜ୍ୟ ଯିବାକୁ ବାଧ୍ୟ । କାରଣ ଏଠି ସେଭଳି କୌଣସି ଆନୁସଙ୍ଗିକ କର୍ମସଂସ୍ଥାନ ସୃଷ୍ଟି ହୋଇନାହିଁ । ଏହା ରାଜନୈତିକ ଉଦାସୀନତା ହୋଇପାରେ କିମ୍ବା ଆମ ରାଜ୍ୟର ଜଳବାୟୁ ହୋଇପାରେ, ଯେଉଁଠି ଶିଳ୍ପ ସ୍ଥାପନ କରିବାକୁ ଅନେକ ସଂସ୍ଥା ମନ ଉଣା କରନ୍ତି । ଏକଦା ଚୌଦ୍ୱାର, ନୟାଗଡ଼, ଆସିକା ଆଦି ସ୍ଥାନରେ ଶିଳ୍ପାୟନ ହୋଇଥିଲା । ଆମ ରାଜ୍ୟରେ ନିର୍ମିତ କୋଣାର୍କ ଟିଭିର ଚାହିଦା ସମଗ୍ର ଭାରତବର୍ଷରେ ରହିଥିଲା । ଓଡ଼ିଶାର ଫେରୋକ୍ରୋମ୍ କାରଖାନା ଅନେକ ଲୋକଙ୍କୁ ଜୀବିକା ଯୋଗାଉଥିଲା । କେଉଁଠି ସୁତାକଳ ତ କେଉଁଠି ଚିନିକଳ । ସବୁକିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା । ସେସବୁ ବନ୍ଦ କାହିଁକି ହୋଇଗଲା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଆନ୍ତା ଏବଂ ସେହି ସବୁ ଶିଳ୍ପକୁ ପୁନଃ ପ୍ରତିଷ୍ଠା କରାଯାଇ ପାରନ୍ତା ତା ହେଲେ ଓଡ଼ିଶାର ଦାଦନ ସମସ୍ୟା ଅନେକାଂଶରେ କମ ହୋଇ ପାରନ୍ତା । ଦେଖାଯାଉ ଦୀର୍ଘ ପଚିଶିବର୍ଷର ଶାସନ ପରେ ବର୍ତ୍ତମାନ ପରିବର୍ତ୍ତନ ହୋଇ ଶାସନ ଭାର ଗ୍ରହଣ କରିଥିବା ଭାଜପା ସରକାର ଓଡ଼ିଶାକୁ କେଉଁ ଦିଗରେ ଅଗ୍ରସର କରାଉଛନ୍ତି ।

ଦୀର୍ଘ ୧୪୪ ବର୍ଷ ପରେ ଏକ ବିରଳ ଯୋଗରେ ଚଳିତ ବର୍ଷ ଆରମ୍ଭ ହେଉଛି ଭାରତର ସନାତନ ହିନ୍ଦୁମାନଙ୍କର ମହାନ ପର୍ବ କୁମ୍ଭ ମେଳା । ପ୍ରୟାଗ ଠାରେ ଆୟୋଜିତ ହେଉଥିବା କୁମ୍ଭମେଳା ହିନ୍ଦୁମାନଙ୍କ ପର୍ବପର୍ବାଣୀ ମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପ୍ରଭାବଶାଳୀ ଓ ବିଶାଳ ଆୟୋଜନ । ଅତୀତରେ ଅନେକ ଚଳଚ୍ଚିତ୍ର ଓ କାହାଣୀରେ ଆମେ ଶୁଣିବାକୁ ପାଇଛୁ ଯେ କୁମ୍ଭମେଳା ଯାଇ ପରିବାରର ସଦସ୍ୟମାନେ ପରସ୍ପରଠାରୁ ହଜି ଯାଇଥିବାର ଅନେକ କାହାଣୀ । କୋଟି କୋଟି ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ଏହି ଆୟୋଜନରେ ଅଂଶଗ୍ରହଣ କରନ୍ତି । ପ୍ରତି ବାରବର୍ଷରେ ଆୟୋଜିତ ହେଉଥିବା କୁମ୍ଭମେଳା ସର୍ବୋପରି ହିନ୍ଦୁ ଆସ୍ଥା ଓ ବିଶ୍ୱାସର ସବୁଠାରୁ ବିଶାଳ ନିଦର୍ଶନ । ହେଲେ ପ୍ରତି ୧୪୪ ବର୍ଷରେ ଆୟୋଜିତ ହୁଏ ମହା କୁମ୍ଭମେଳା । ଏହିଭଳି ଘଟଣା ନିଜ ଜୀବନକାଳରେ ଦେଖିବାର ସୌଭାଗ୍ୟ ସମସ୍ତଙ୍କୁ ମିଳିନଥାଏ ।

କୁମ୍ଭମେଳା ପ୍ରତି ବାରବର୍ଷରେ, ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଏବଂ ନାଶିକ ଆଦି ଚାରି ସ୍ଥାନରେ ଚାରିଥର ଆୟୋଜିତ ହୋଇଥାଏ । ପ୍ରୟାଗରାଜ ହେଉଛି ମହାନ ନଦୀ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ମିଳନସ୍ଥଳ । କୁହାଯାଏ ଏଠାରେ ଥିବା ତ୍ରିବେଣୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଙ୍ଗମରେ ସ୍ନାନ କରିଲେ ଜନ୍ମଜନ୍ମାନ୍ତରର ପାପରୁ ମୁକ୍ତି ମିଳେ ଓ ମୋକ୍ଷ ପ୍ରାପ୍ତ ହୋଇଥାଏ । ଆକାଶ ମଣ୍ଡଳରେ ଥିବା ଅସଂଖ୍ୟ ନକ୍ଷତ୍ରମାନଙ୍କ ପାରସ୍ପରିକ ସ୍ଥିତିରେ ଏକ ପବିତ୍ର ସ୍ଥାନରେ ରହିବା ଦ୍ୱାରା ଏହି ସ୍ଥାନର ନଦୀର ଜଳ ପବିତ୍ର ଓ ମୋକ୍ଷପ୍ରଦ ହୋଇଥାଏ ତେଣୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏଠାରେ ଏକତ୍ରିତ ହୋଇ ନଦୀ ଜଳରେ ସ୍ନାନ କରିଥାନ୍ତି । ଅନେକ ସାଧୁସନ୍ଥ, ଆଖଡ଼ା ଓ ଆଶ୍ରମ ଏଠାରେ ସ୍ଥାପନ କରାଯାଏ । ସେମାନେ ଏଠାରେ ସାମୁହିକ ସ୍ନାନ କାର୍ଯ୍ୟକ୍ରମ କରିଥାନ୍ତି ଯାହା ଦ୍ୱାରା ବ୍ୟକ୍ତିମାନଙ୍କର ଆତ୍ମା ଶୁଦ୍ଧ ହୋଇଥାଏ ।

ଚଳିତ ବର୍ଷ ଏହି ମହାକୁମ୍ଭ ମେଳା ମକର ସଂକ୍ରାନ୍ତି, ଜାନୁଆରୀ ୧୪ ତାରିଖରୁ ଆରମ୍ଭ ହୋଇ ମହାଶିବରାତ୍ରୀ, ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ପାଳନ ହେବ । ଗତ ଥର କୁମ୍ଭମେଳା ୨୦୧୩ ମସିହାରେ ହୋଇଥିଲା ଏବଂ ପରେ ୨୦୧୯ ମସିହାରେ ଅର୍ଦ୍ଧକୁମ୍ଭ ହୋଇଥିଲା । ଆଶା କରାଯାଉଛି ଯେ ଚଳିତ ବର୍ଷ ମହାକୁମ୍ଭ ମେଳାରେ ଅନ୍ୟୁନ ଦଶ କୋଟି ଶ୍ରଦ୍ଧାଳୁ ଯୋଗ ଦେବେ । ୧୪୪ ବର୍ଷ ପରେ ଏଭଳି ଏକ ଯୋଗ ହେଉଛି ଯେତେବେଳେ କେବଳ ପୃଥିବୀ ଉପରେ ଭକ୍ତମାନେ ସ୍ନାନ କରିବେ ନାହିଁ ବରଂ ସ୍ୱର୍ଗରେ ଦେବତାମାନେ ମଧ୍ୟ କୁମ୍ଭ ସ୍ନାନ କରିବେ ।

ପୁରାଣ ଅନୁସାରେ ଅମୃତ ପାଇବା ଆଶରେ ଦେବତା ଓ ଅସୁର ମାନଙ୍କ ମଧ୍ୟରେ ବାରଦିନ ପର୍ଯ୍ୟନ୍ତ ଭୟଙ୍କର ଯୁଦ୍ଧ ହୋଇଥିଲା ଏବଂ ଏହାର ଶେଷରେ ଦେବତାମାନଙ୍କ ବିଜୟ ହୋଇଥିଲା । ଦେବତାମାନଙ୍କ ବାର ଦିନ ପୃଥିବୀ ପୃଷ୍ଠରେ ବାର ବର୍ଷ ସହ ସମାନ । ଏହି ଯୁଦ୍ଧପରେ ବିଜୟୀ ଦେବଗଣ ସ୍ୱର୍ଗରେ ସ୍ନାନ କରିଥିଲେ । ଏହି ପବିତ୍ର ପରମ୍ପରାକୁ ପୃଥିବୀ ଉପରେ ଗଙ୍ଗାସ୍ନାନ କରି ପାଳନ କରାଯାଏ । ଏହିଭଳି ପ୍ରତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାରବର୍ଷରେ ଥରେ ହେଉଥିବା ବେଳେ ପ୍ରତି ୧୪୪ ବର୍ଷରେ ଥରେ ବିରଳ ଯୋଗ ହୁଏ ଯେତେବେଳେ କୁହାଯାଏ ଯେ ଦେବଲୋକରେ ଦେବଗଣ ମଧ୍ୟ ପବିତ୍ର କୁମ୍ଭସ୍ନାନ କରନ୍ତି । ମାଘ ପୂର୍ଣ୍ଣିମା ବେଳେ ଭଗବାନ ଶିବ ମାତା ପାର୍ବତୀଙ୍କ ସହ ନିଜ ଚରଗଣଙ୍କ ସହ ରୂପବଦଳାଇ କୁମ୍ଭ ମେଳାରେ ପଦଚାରଣ କରନ୍ତି । ନିଜର ଭକ୍ତମାନଙ୍କ ମନୋସ୍କାମନା ପୂର୍ଣ୍ଣ କରନ୍ତି ।

ଚଳିତ ବର୍ଷ ଦିଲ୍ଲୀ ବିଧାନସଭା କ୍ଷେତ୍ରରେ ନିର୍ବାଚନ ଆୟୋଜନ ହେଉଛି । ସମ୍ଭବତଃ ଫେବୃଆରୀ ମାସ ଶେଷ ସୁଦ୍ଧା ଦିଲ୍ଲୀର ବିଧାନ ସଭା ନିର୍ବାଚନ ସମାପନ କରିବା ପାଇଁ ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି । ଗୋଟିଏ ସମୟରେ ଫେବୃଆରୀ ୫ ତାରିଖରେ ନିର୍ବାଚନ ହେବ ଏବଂ ୮ ତାରିଖରେ ଫଳାଫଳ ଘୋଷଣା କରାଯିବ ବୋଲି ଅଧିସୂଚନା ଜାରୀ ହୋଇଛି । ଏଥିରେ ଅଂଶଗ୍ରହଣ କରୁଥିବା ପ୍ରତିଦ୍ୱନ୍ଦୀମାନଙ୍କ ନାମାଙ୍କନ ପ୍ରକ୍ରିୟା ଜାନୁଆରୀ ଦଶରୁ ସତର ତାରିଖ ପର୍ଯ୍ୟନ୍ତ ଚାଲିବ । ସୂଚନାଯୋଗ୍ୟ ଯେ ୭୦ ବିଧାନ ସଭା ଆସନ ଥିବା ଦିଲ୍ଲୀର ଚଳିତ ସରକାରଙ୍କ କାର୍ଯ୍ୟକାଳ ୨୩ ଫେବୃଆରୀକୁ ସମାପ୍ତ ହେଉଛି ।

ବର୍ତ୍ତମାନ ଦିଲ୍ଲୀରେ ଆମ ଆଦମୀ ପାର୍ଟିର ସରକାର ରହିଛି । ବିଗତ ଦୁଇବର୍ଷରେ ଏହି ଦଳ ଉପରେ ଅନେକ ପ୍ରକାର ଭ୍ରଷ୍ଟାଚାରର ଆରୋପ ଲାଗିଛି । ଯେଉଁଥିପାଇଁ ଆମ୍ ଆଦମୀ ପାର୍ଟିର ଅନେକ ନେତା ଜେଲଦଣ୍ଡ ମଧ୍ୟ ଭୋଗିଛନ୍ତି । ସତ୍ୟେନ୍ଦ୍ର ଜୈନ, ମନୀଷ ଶିଶୋଦିଆ, ସଞ୍ଜୟ ସିଂ ସମେତ ନିଜେ ଅରବିନ୍ଦ କେଜରିବାଲ୍ ମଧ୍ୟ ମଦ ଘୋଟାଲାରେ ଜେଲ ଦଣ୍ଡ ଭୋଗିବା ସହ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ପୁଣିଥରେ ଦିଲ୍ଲୀର ଆସନ ପାଇବା ଆଶାୟୀ କେଜରିବାଲ ନିର୍ବାଚନ ରଣାଙ୍ଗନରେ ପାଦ ପକାଇ ସାରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବଶ୍ୟ ତାଙ୍କ କାର୍ଯ୍ୟକାଳରେ ହୋଇଥିବା ଅନେକ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ ଭାଜପା ପ୍ରାଣପଣେ ପ୍ରଚେଷ୍ଟା କରୁଛି । ଦେଶର ସର୍ବସାଧାରଣ ନିର୍ବାଚନ ସମୟରେ ଇଣ୍ଡି ଗଠବନ୍ଧନରେ କଂଗ୍ରେସ ସହ ହାତ ମିଳାଇଥିବା ଆମ ଆଦମୀ ପାର୍ଟି ଏବେ କଂଗ୍ରେସ ଠାରୁ ଦୂରତା ବଜାୟ ରଖିବାକୁ ନିବେଦନ କରିଛି ଏବଂ ଦିଲ୍ଲୀ ନିର୍ବାଚନ ଏକା ଏକା ଲଢ଼ିବେ ବୋଲି ଘୋଷଣା କରିଛି । ତେଣେ ଦିଲ୍ଲୀର ଶାସନ ଗାଦି ପାଇବା ପାଇଁ ଭାଜପା ଆଶାୟୀ ହୋଇଛି ।

ଦେଖାଯାଉ ଆଗାମୀ ଦିନରେ କଣ ହେଉଛି । ବିଗତ ଅନେକ ଥର ଦେଇଥିବା ନିର୍ବାଚନୀ ପ୍ରତିଶୃତି ପୂରଣ କରିବାକୁ ଅକ୍ଷମ କେଜରିବାଲ ପୁଣିଥରେ ମହିଳାମାନଙ୍କୁ ମାସିକ ଏକୋଇଶି ଶହ ଟଙ୍କା ଦେବା ଲୋଭ ଦେଖାଇ ନିର୍ବାଚନ ଜିତି ପାରୁଛନ୍ତି ନା ନାହିଁ । ମାଗଣା ବିଜୁଳୀ, ପାଣି ଆଉ ଏବେ ଭତ୍ତା ଆଦିର ଲୋଭ ଦେଖାଇ ସେ ନିର୍ବାଚନ ଜିତିବା ଲକ୍ଷ୍ୟ ରଖିଛନ୍ତି । ଭାଜପା କିନ୍ତୁ ଆମ ଆଦମୀ ସରକାରଙ୍କ ଅପାରଗତାକୁ ଦେଖାଇ ନିର୍ବାଚନ ଜିତିବା ମସୁଧା କରୁଛି । ଦିଲ୍ଲୀର ଲୋକମାନଙ୍କ ମନରେ କଣ ଅଛି କିଛି କହି ହେବନାହିଁ । କାରଣ ପାଞ୍ଚବର୍ଷ ଶାସନ କରିବା ସତ୍ତ୍ୱେ ଯଦି କେଜରିବାଲ ଜିତି ପାରିଥିଲା ତା ହେଲେ ଏହା କେବଳ ଦିଲ୍ଲୀ ବାସୀଙ୍କ ଯୋଗୁଁ ହିଁ ସମ୍ଭବ ହୋଇଥିଲା । ତେଣୁ ଚଳିତ ନିର୍ବାଚନରେ ଦିଲ୍ଲୀବାସୀ ପୁଣିଥରେ କେଜରିବାଲଙ୍କୁ ଜିତାଇବେ ନାହିଁ ବୋଲି କିଏ କହିବ ?

ଗ୍ରେଟ୍ ବ୍ରିଟେନରେ କୋମଳମତି କନ୍ୟାମାନଙ୍କୁ ଫୁସୁଲାଇ ସେମାନଙ୍କୁ ଶାରୀରିକ ଭାବରେ ଶୋଷଣ କରୁଥିବା ଏକ ବିଶାଳ ଗୋଷ୍ଠୀ ଯାହା ମୁଖ୍ୟତଃ ପାକିସ୍ତାନୀ ନାଗରିକଙ୍କ ଦ୍ୱାରା ପରିଚାଳିତ ହେଉଛି ଏବଂ ଏହାକୁ ମୁସଲିମ୍ ଗ୍ରୁମିଂ ଗ୍ୟାଙ୍ଗ୍ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁହାଯାଏ, ସେମାନଙ୍କ ବିଷୟରେ ଚକିତ କରିଦେବା ଭଳି ଅନେକ ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପାକିସ୍ତାନ ସରକାର ଏହିଭଳି ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ଏତାଦୃଶ କାର୍ଯ୍ୟକଳାପକୁ ନିନ୍ଦା କରିବା ପରିବର୍ତ୍ତେ ଏହା ଇସ୍‌ଲାମୋଫୋବିଆ ବା ଇସଲାମ୍ ଧର୍ମ ପ୍ରତି ଲୋକଙ୍କ ବିରୋଧାଚରଣ ବୋଲି ଦର୍ଶାଇ ମନ୍ତବ୍ୟ ଦେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶରବ୍ୟ ହୋଇଛନ୍ତି ।

ଜାନୁଆରୀ ୧୩ ତାରିଖରେ ପାକିସ୍ତାନରେ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ପ୍ରକାଶିତ ଏକ ସୂଚନାରେ କୁହାଯାଇଛି ଯେ ବ୍ରିଟେନ ହୋଇଥିବା ମୁଷ୍ଟିମେୟ ବ୍ୟକ୍ତିଙ୍କ କୁକର୍ମ ପାଇଁ ବ୍ରିଟେନରେ ରହୁଥିବା ୧୭ ଲକ୍ଷ ପାକିସ୍ତାନୀଙ୍କୁ ନିନ୍ଦା କରିବା ଅନୁଚିତ । କାରଣ ବ୍ରିଟେନରେ ରହୁଥିବା ପାକିସ୍ତାନୀମାନେ ବ୍ରିଟେନର ଉନ୍ନତିରେ ସହଭାଗିତା କରୁଛନ୍ତି । ଏହିଭଳି ଖବର ପ୍ରସାରଣ କରୁଥିବା ସଂସ୍ଥାମାନେ ବସ୍ତୁତଃ ଇସ୍ଲାମୋଫୋବିଆର ଶୀକାର ହୋଇ ଏକ ପାଖିଆ ଖବର ପ୍ରସାରଣ କରି ବ୍ରିଟେନରେ ରହୁଥିବା ପାକିସ୍ତାନୀ ସମୁଦାୟଙ୍କୁ ନିନ୍ଦିତ କରୁଛନ୍ତି । ବ୍ରିଟେନରେ ରହୁଥିବା ପାକିସ୍ତାନୀମାନେ ବ୍ରିଟେନର ଅର୍ଥବ୍ୟବସ୍ଥା, ସେବା, ଖାଉଟି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି ବୋଲି ମଧ୍ୟ କୁହାଯାଇଛି ।

ସର୍ବୋପରି ଏହିଭଳି ମନ୍ତବ୍ୟ ଦେଇ ବ୍ରିଟେନରେ ରହୁଥିବା ପାକିସ୍ତାନୀ ସମୁଦାୟଙ୍କ ଉତ୍ସାହ ବର୍ଦ୍ଧନ କରୁଥିବା ବେଳେ କିନ୍ତୁ ସରକାର ପାକିସ୍ତାନୀ ନାଗରିକ ଯେଉଁମାନେ ସେଠାରେ କୁକର୍ମରେ ଲିପ୍ତ ରହିଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ କିନ୍ତୁ କୌଣସି ମନ୍ତବ୍ୟ ଦେବାକୁ ଭୁଲି ଯାଇଥିଲେ ।

ବ୍ରିଟେନର ଅନେକ ଅଞ୍ଚଳ ଯଥା, ରୋସଡ଼େଲ୍, ରଦରହାମ୍, ଅକ୍ସଫର୍ଡ୍, ଟେଲଫର୍ଡ୍,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୀଡ଼ସ୍, ବର୍ମିଙ୍ଗହାମ୍, ନରଢ଼ିଚ୍, ବର୍ନଲି, ହାଇ ଢ଼ାଇକମ୍ବେ, ଲିଚେଷ୍ଟର୍, ଡ୍ୟୁସବରି, ମିଡ଼ଲ୍ସବ୍ରୋ, ପିଟରବରୋ, ବ୍ରିଷ୍ଟୋଲ୍, ହାଲିଫାକ୍ସ, ନ୍ୟୁକାସଲ୍, ହଡ଼ରସ୍ଫିଲ୍ଡ ଏବଂ ହଲ୍ ଆଦି ଅଞ୍ଚଳରେ ଏହିଭଳି ଅନେକ ଘଟଣା ପୁନରାବୃତ୍ତିକୁ ଦୃଷ୍ଟିରେ ରଖି ୨୦୨୩ରେ ତତ୍କାଳୀନ ଋଷି ସୁନକଙ୍କ ସରକାର ଏହିଭଳି ଘଟଣା ଉପରେ ତଦନ୍ତ କରି ଜାଣିବାକୁ ପାଇଥିଲେ ଯେ ମୁଖ୍ୟତଃ ପାକିସ୍ତାନୀ ମୂଳର ଶରଣାର୍ଥୀମାନେ ଏହି ସବୁ ଅଞ୍ଚଳରେ କମ ବୟସର ଝିଅମାନଙ୍କୁ ପ୍ରେମ ଫାଶରେ ଫସାଇ ସେମାନଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଉଛନ୍ତି । ଏହି କ୍ରମରେ ଗତ ନଭେମ୍ବର ମାସରେ କୋଡ଼ିଏ ଜଣ ମୁସଲିମ୍ ଯୁବକ ଏହିଭଳି ଅପରାଧରେ ସଂପୃକ୍ତଥିବା ଜଣାପଡ଼ିବା ପରେ ସେମାନଙ୍କୁ ୨୧୯ ବର୍ଷର କାରାଦଣ୍ଡ ଦିଆଯାଇଛି ।

ବ୍ରିଟେନର ବିଶ୍ୱବିଖ୍ୟାତ ଗଣମାଧ୍ୟମ ବ୍ରିଟିଶ୍ ବ୍ରୋଡକାଷ୍ଟିଂ ଚାନେଲ ସବୁବେଳେ ହିଁ ଭାରତ ବିରୋଧୀ ଖବର ପ୍ରସାରଣରେ ଅଗ୍ରଣୀ ଭୂମିକା ନେଇ ଆସିଛି । ଏହି ଶୃଙ୍ଖଳାରେ ବର୍ତ୍ତମାନ ଏହି ବର୍ଷ ଭାରତରେ ଆୟୋଜିତ ହେଉଥିବା ମହାକୁମ୍ଭ ମେଳାକୁ ନେଇ ଅତ୍ୟନ୍ତ ଅଶାଳୀନ ଟିପ୍ପଣୀ ଦେଇ ଖବର ପ୍ରସାରଣ କରିଥିବା ଦେଖାଯାଇଛି ।

ମହାକୁମ୍ଭରେ ଅଂଶ ଗ୍ରହଣ କରୁଥିବା ନାଗା ସାଧୁମାନଙ୍କୁ ଭସ୍ମ ଲେପିହୋଇଥିବା ଲଙ୍ଗଳା ସାଧୁ ଭାବରେ ବର୍ଣ୍ଣନା କରି ଗୋଟିଏ ଟ୍ୱିଟ୍ ପୋଷ୍ଟ କରିଥିଲେ । ଏହି ଟ୍ୱିଟରେ ମହାକୁମ୍ଭକୁ ମାତ୍ର ଏକ ଲୋକ ଦେଖାଣିଆ ସ୍ନାନ ଯାତ୍ରା ବୋଲି କୁହାଯାଇଛି । ବିବିସିର ସାମ୍ବାଦିକା ଗୀତା ପାଣ୍ଡେ ଏହି ପୋଷ୍ଟ କରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ଏହି ବିଷୟରେ ଅଧିକ ସମାଲୋଚନାର ଶୀକାର ହେବାପରେ ବିବିସି ନିଜ ଟ୍ୱିଟରୁ ଲଙ୍ଗଳା ଶବ୍ଦକୁ ହଟାଇ ଦେଇଥିବା ବେଳେ କିନ୍ତୁ ଅନ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତ ଯଥା ପୂର୍ବଂ ତଥା ପରଂ କରି ରଖିଛନ୍ତି । ଏହା ଭାରତର ଅଗଣିତ ସନାତନୀ ହିନ୍ଦୁମାନଙ୍କ ଆସ୍ଥା ଓ ଧାର୍ମିକ ଭାବନାକୁ ଆହତ କରୁଥିବା କଥା ସାମାଜିକ ଗଣମାଧ୍ୟମରେ ହେଉଥିବା ପ୍ରତିକ୍ରିୟାରୁ ଜଣା ପଡିଛି ।

ଅନୁରୂପ ଭାବରେ ଅପ୍ରେଲ ୨୦୨୩ରେ ବିବିସି ସାମ୍ବାଦିକା ଗୀତା ପାଣ୍ଡେ, ଗ୍ୟାଙ୍ଗଷ୍ଟର୍ ଆତିକ୍ ଅହମ୍ମଦଙ୍କ ସପକ୍ଷରେ ପୋଷ୍ଟ କରି ମଧ୍ୟ ସମାଲୋଚନାର ଶିକାର ହୋଇଥିଲେ ।

ଫ୍ରାନ୍ସର ଜଣେ ୫୩ ବର୍ଷ ବୟସ୍କା ମହିଳା ମାନସିକ ଅବସାଦର ଶୀକାର ହୋଇ ଚିକିତ୍ସିତ ହେଉଛନ୍ତି, କାରଣ ସେ ସାଇବର ଠକଙ୍କ ଶୀକାର ହୋଇ ଆଠ ଲକ୍ଷ ତିରିଶି ହଜାର ୟୁରୋ ଅର୍ଥ ହରାଇଛନ୍ତି । ସୂଚନା ମିଳିଛି ଯେ ଅନଲାଇନରେ ଏହି ମହିଳା ଜଣଙ୍କ ସୁପ୍ରସିଦ୍ଧ ସିନେମା ତାରକା ବ୍ରାଡ୍ ପିଟଙ୍କ ସହ ସଂପର୍କରେ ରହିଥିବା କଥା ମନେ କରି ଏହି ସବୁ ଅର୍ଥ ଖର୍ଚ୍ଚ କରିଛନ୍ତି ।

କୁହାଯାଉଛି ଯେ ଏହି ମହିଳାଙ୍କୁ ସୋସିଆଲ୍ ମିଡ଼ିଆରେ ଆଉ ଜଣେ ମହିଳା ସଂପର୍କ କରିଥିଲେ ଯିଏ ନିଜକୁ ବ୍ରାଡ୍ ପିଟଙ୍କ ମାଆ ବୋଲି କହିଥିଲେ । ଧିରେ ଧିରେ ସେ ଅନ୍ୟ ଜଣେ ପୁରୁଷଙ୍କ ସହ ସଂପୃକ୍ତ ମହିଳାଙ୍କୁ ପରିଚିତ କରାଇଥିଲେ ଯେ ନିଜକୁ ବ୍ରାଡ୍ ପିଟ୍ ବୋଲି କହିଥିଲେ ଏବଂ ଏଆଇ ଦ୍ୱାରା ସୃଷ୍ଟି ହୋଇଥିବା ଫଟୋ ଓ ଭିଡ଼ିଓ ଆଦି ଦେଖାଇ ମହିଳାଙ୍କ ବିଶ୍ୱାସ ଜିତି ପାରିଥିଲେ । ସେ ଏଥିପାଇଁ ଅନେକ ମୂଲ୍ୟବାନ ଉପହାର ମଧ୍ୟ ମହିଳାଙ୍କୁ ପଠାଇ ଥିଲେ ।

ପରେ ପରେ ସେ କହିଲେ ଯେ ତାଙ୍କ ପତ୍ନୀ ଆଞ୍ଜେଲିନା ଜୋଲି ତାଙ୍କର ବ୍ୟାଙ୍କ୍ ଏକାଉଣ୍ଟ୍ ବ୍ଲକ୍ କରି ଦେଇଛନ୍ତି ତେଣୁ ନିଜର କ୍ୟାନ୍ସର୍ ଚିକିତ୍ସା ପାଇଁ ଅର୍ଥ ବାଧକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛି, ତେଣୁ ମହିଳା ଜଣକ ଅନେକ କିସ୍ତିରେ ସେହି ଠକକୁ ପ୍ରାୟ ସାଢେ ଆଠଲକ୍ଷ ୟୁରୋ ପଠାଇଥିଲେ ।

ପରେ ଗଣମାଧ୍ୟମରେ ବ୍ରାଡ୍ ପିଟ୍ ଓ ତାଙ୍କର ନୁଆ ବାନ୍ଧବୀଙ୍କ ବିଷୟରେ ଜାଣିବା ପରେ ମହିଳା ଜଣଙ୍କୁ ଜଣା ପଡ଼ିଥିଲା ଯେ ସେ ଠକାମୀର ଶୀକାର ହୋଇଛନ୍ତି ।

ଏଇ ବା କୃତ୍ରିମ ବୁଦ୍ଧିମତା ବର୍ତ୍ତମାନ ଯୁଗର ସତ୍ୟ । ଅନେକ ଲୋକ ଏଆଇ ବ୍ୟବହାର କରୁଛନ୍ତି । ମୋବାଇଲ୍ ଫୋନ ଠାରୁ ଆରମ୍ଭ କରି ଉଡ଼ାଯାହାଜ ପର୍ଯ୍ୟନ୍ତ ସବୁଠାରେ ଏବେ ଏଆଇ ରାଜୁତି କରୁଛି । ଏହା ସହ ମଧ୍ୟ ଠକମାନେ ଏଆଇ ବ୍ୟବହାର କରିବା ଅସମ୍ଭବ ନୁହେଁ । ଏଆଇ ବ୍ୟବହାର କରି ଯେ କୌଣସି ବ୍ୟକ୍ତିଙ୍କ ଅବିକଳ ନକଲ କରିବା ଅସମ୍ଭବ ହେଉନାହିଁ । ଛବି ସହ ସେମାନଙ୍କ ଅବିକଳ କଣ୍ଠସ୍ୱର ମଧ୍ୟ ନକଲ କରି ଦେଉଛନ୍ତି । ତେଣୁ ଯଦି କାଲି ଆପଣଙ୍କୁ କେହି ଫୋନ କରେ ଆଉ ସେପାଖରୁ ଆପଣଙ୍କ ନିଜ ପରିଜନଙ୍କ ସ୍ୱର ଶୁଣାଯାଏ ତା ହେଲେ ଆପଣ ମଧ୍ୟ ବିଚଳିତ ହୋଇ ପାରନ୍ତି । ତେଣୁ ସାବଧାନ ରହନ୍ତୁ । କୌଣସି ଅଜଣା ନମ୍ବରରୁ ଫୋନ୍ ଆସିଥିଲେ ସେହି ଫୋନ ଉପରେ ବିଶ୍ୱାସ କରନ୍ତୁ ନାହିଁ । ହଠାତ୍ ବିଚଳିତ ହୋଇ କୌଣସି ପଦକ୍ଷେପ ନିଅନ୍ତୁ ନାହିଁ । ସନ୍ଦେହ ହେଉଥିଲେ ତୁରନ୍ତ ପୋଲିସକୁ ଜଣାନ୍ତୁ ।

ଇଂରାଜୀ ନବବର୍ଷ ୨୦୨୫ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ସୌହାର୍ଦ୍ଦ୍ୟ ନେଇ ଆସୁ, ଏହି ଆଶା କରି ଉପସ୍ଥାପନ କରୁଛି ଆହ୍ୱାନ ଇ-ପତ୍ରିକାର ଚଳିତ ବର୍ଷର ପ୍ରଥମ ସଂସ୍କରଣ । ଆଶା କରୁଛି ଏହା ଆପଣମାନଙ୍କୁ ଭଲ ଲାଗିବ । ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# Unleashing the Future: Welcome to Kshitij 2025 - Asia's Largest Techno-Management Fest !

Get ready for Kshitij 2025, Asia's largest techno-management fest, taking place from January 17th to 19th at IIT Kharagpur. The 22nd edition promises an unforgettable experience of innovation, intellect, and inspiration, bringing together brilliant minds from around the world, all free of cost !

Kshitij 2025 features over 20+ high-energy competitions spanning diverse domains. Some of the key highlights include Robowars, where



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

robots clash in thrilling battles, Sand Rover, which challenges participants to build and race rovers on tough terrains, and Droid Blitz, a fast-paced coding competition. Other exciting events include B-Plan, where entrepreneurial ideas are pitched, Quant Quest, which tackles challenges in quantitative finance, and Laws of Motion, where innovative aircraft models are designed and tested. The event also features Anadigix, which combines analog and digital engineering to solve intricate puzzles. From robotics and finance to quizzing and aero-modeling, these events push your potential and fuel creativity.

This year, workshops are at the heart of Kshitij, with industry leaders from companies like Google, Cisco, Bajaj, Boeing, and Simplify3X offering hands-on sessions on cutting-edge topics such as AI and Machine Learning, Cybersecurity, 3D Printing, and Project Management. These workshops are designed to provide real-world insights and equip participants with practical skills. Participants will also receive certificates to showcase their expertise, making them an essential part of the Kshitij experience.

Kshitij 2025 also features inspiring guest lectures from icons of success, including Dr. A. Velumani, founder of Thyrocare, who will share his story of grit and determination; Ms. Kanika Tekriwal, founder of JetSetGo, who has broken barriers in aviation; Dr. Vijender Singh Chauhan

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

and Dr. Tanu Jain, at the IAS panel, offering insights on versatility and perseverance. These sessions are sure to inspire ambition and innovation.

The event also offers unmissable exhibitions, with displays from the Indian Air Force showcasing cutting-edge aviation technology, the Ministry of Electronics and IT presenting technological breakthroughs, and an Auto Expo featuring Mahindra EVs, vintage cars, and more.

End your day on a high note with electrifying performances, including sensational Megashows featuring KR$NA, Lost Stories and other performers.

Kshitij is more than just a fest—it's a launchpad for future leaders, a celebration of creativity, and a platform to innovate and inspire. Stay updated on events, schedules, and behind-the-scenes action by following Kshitij on social media. Mark your calendars for January 17th to 19th, and join us at IIT Kharagpur, where dreams turn into reality and the future unfolds. The countdown has begun !

Book your spot now:

*http://ktj.in/Accommodation*

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**XIM UNIVERSITY**

**XAVIER INSTITUTE OF MANAGEMENT, BHUBANESWAR**

**XIM - Old Campus Xavier Square,**

**Bhubaneswar - 751 013, Odisha Tel: 0674-3012345 Fax: 0674-2300995**

**E-mail: media-oc@xim.edu.in**

**Web: https://ximb.edu.in/**

# ଏକ୍ସଆଇଏମ୍ ଭୁବନେଶ୍ୱର ଦ୍ୱାରା ଏକ୍ସ-ଏମିନେନ୍ସ୍ ୨୦୨୫ ଆୟୋଜିତ




ଜାନୁଆରୀ ୧୧, ୨୦୨୫ରେ ଜାଭିୟର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ଦ୍ୱାରା ଏକ୍ସ-ଏମିନେନ୍ସ୍ ୨୦୨୫, ଏକ୍ଜିକ୍ୟୁଟିଭ୍-ଏମ୍‌ବିଏର ୬ଟିଏ ଅଂଶର ବ୍ୟାପାର ଆଲୋଚନା ଆୟୋଜିତ ହୋଇଥିଲା। ଏହି ବର୍ଷର ଥିମ୍ ଥିଲା "ଭବିଷ୍ୟତକୁ ପୁନର୍କଳ୍ପନ।"

ସମ୍ମିଳନୀରେ ଶ୍ରେଷ୍ଠ ବ୍ୟବସାୟୀମାନଙ୍କ ଏବଂ ପ୍ରତିଷ୍ଠିତ ଅତିଥିମାନଙ୍କର ଉପସ୍ଥିତି ଥିଲା, ଯାହାରେ ଡିଲୋଇଟ୍‌ର ପାର୍ଟନର୍ (କନସଲ୍ଟିଙ୍ଗ୍) ଶ୍ରୀ ମନୀଷ ପଣ୍ଡେୟ, ମାଇକ୍ରୋନ୍ ଟେକ୍ନୋଲୋଜିର ସପ୍ଲାଇ ଚେନ୍ ଏଆଇ ଡିରେକ୍ଟର୍ ଶ୍ରୀ ଅର୍ଣ୍ଣବ ବନାର୍ଜୀ, ଟାଟା କନସଲ୍ଟେନ୍ସି ସର୍ଭିସସ୍‌ର ହେଡ୍ ଏଚଆର୍ (T&D) ଶ୍ରୀ ଅଭିନାଶ ସାମାଳ, ଉପ-ପଞ୍ଜୀକରଣକାରୀ ଫ୍ରା. ଭି. ଆରୋକିୟା ଦାସ୍, SJ, ଏବଂ ଏକ୍ଜିକ୍ୟୁଟିଭ୍ ଏମ.ବି.ଏ. ଆସୋସିଏଟ୍ ଡିନ, ଜେଭିଅର୍ ଇନ୍ସ୍‌ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପ୍ରଫେସର ଏସ୍. ଏସ୍. ଗଣେଶ ଉପସ୍ଥିତ ଥିଲେ। ସେମାନଙ୍କର ଅମୂଲ୍ୟ ଦୃଷ୍ଟିକୋଣ ଏବଂ କୁଶଳତା ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲା।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com




ପ୍ରଥମ ଅଧିବେଶନର ଆରମ୍ଭ ପାଇଁ ପାରମ୍ପାରିକ ଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ପ୍ରତିଷ୍ଠିତ ହୋଇଥିଲା। ପ୍ରଫେସର ଏସ୍. ଏସ୍. ଗଣେଶ ଏବଂ ଫ୍ରା. ଭି. ଆରୋକିୟା ଦାସ୍, SJ, ସୂଚନାତ୍ମକ ଅଭିଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ଥିମ୍ ଏବଂ ତାହାର ଗୁରୁତ୍ୱ ବିଷୟରେ ସାରଗର୍ଭକ ଅବଲୋକନ ପ୍ରଦାନ କରିଥିଲେ। ପ୍ରଫେସର ସୌମ୍ୟଜିତ ଦତ୍ତା ସେସନ୍‌ର ଅଧ୍ୟକ୍ଷତ୍ୱ କରିଥିଲେ। ଆରମ୍ଭିକ ବକ୍ତା ଶ୍ରୀ ମନୀଷ ପଣ୍ଡେୟ ତାଙ୍କର ବକ୍ତବ୍ୟ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ କହିଥିଲେ, “ବସ୍ତୁ ଏତେ ଦ୍ରୁତ ଭାବେ ପରିବର୍ତ୍ତିତ ହୁଏ ଯେ, ଆପଣ ପ୍ରସ୍ତୁତ ଥିବେ କି ନାହିଁ, ଆପଣଙ୍କୁ ଏହା ସହିତ ଅନୁକୂଳ ହେବାକୁ ପଡ଼ିବ।” ପ୍ରଥମ ଅଧିବେଶନର ଦ୍ୱିତୀୟ ବକ୍ତା ଶ୍ରୀ ସ୍ୱରାଜ୍ ମିଶ୍ର ପୂର୍ବରୁ ଘଟିଥିବା କାର୍ଯ୍ୟଗତ ସମୀକ୍ଷାକୁ ଉଲ୍ଲେଖ କରି, ଭବିଷ୍ୟତକୁ ସଠିକ୍ ଭାବେ ଗଠିତ କରିବାର ଆବଶ୍ୟକତାକୁ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଅନୁଭବ କରିବାକୁ ସକ୍ଷମ ନ ହେଲେ, ଆମେ ବିଫଳ ହେବାର ସମ୍ଭାବନା ରହିଛି।

ପ୍ରଥମ ଅଧିବେଶନର ଶେଷ ବକ୍ତା ଶ୍ରୀ ଅବିନାଶ ସାମଲ୍ କହିଥିଲେ ଯେ, ଯେହି ସମ୍ପୃକ୍ତ ବ୍ୟକ୍ତିମାନେ ନୂତନ କୌଶଳ ଅଧିଗମନ କରି ଓ ପରିବର୍ତ୍ତନ ପାଇଁ ଅନୁକୂଳ ହେବାକୁ ବିଫଳ ହୁଅନ୍ତି, ସେମାନେ ବ୍ୟର୍ଥ ହୋଇଯିବେ, କିନ୍ତୁ ଯେଉଁମାନେ ଶିକ୍ଷା ଏବଂ ବିକାଶ କରି ଭବିଷ୍ୟତକୁ ଦୃଷ୍ଟି କରନ୍ତି, ସେମାନେ ଅପରିବର୍ତ୍ତିତ ରହିବେ। ସେ କହିଥିଲେ ଯେ, “ଆମେ ଏହା କରିପାରିବା କି ନାହିଁ” ବୋଲି ପ୍ରଶ୍ନ କରିବାର ପୂର୍ବରୁ, ଆମେ ପ୍ରାୟଃ “ମୁଁ ଏହା କରିପାରିବି ନାହିଁ” ବୋଲି ଆପଣଙ୍କୁ ସୀମିତ କରିଦେଇଥାଉ।

ସମ୍ମିଳନୀର ଦ୍ୱିତୀୟ ଅଧିବେଶନକୁ ଶ୍ରୀ ଭାସ୍କର ବାସୁ କୁଶଳତାର ସହ ପରିଚାଳନା କରିଥିଲେ, ଯିଏ ଆଲୋଚନାର ନିରବଚ୍ଛିନ୍ନ ପ୍ରବାହକୁ ସୁନିଶ୍ଚିତ କରିଥିଲେ ଏବଂ ସମଗ୍ର ସମୟରେ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକର୍ଷଣୀୟ ପରିବେଶ ବଜାୟ ରଖିଥିଲେ। ପ୍ରଥମ ବକ୍ତା, ଏମ୍ପାୱାର ଏଜ ଭେଞ୍ଚରର ପ୍ରତିଷ୍ଠାତା ଶ୍ରୀ ଶରତ ଚନ୍ଦ୍ର ଏକ ପ୍ରେରଣାଦାୟୀ ଏବଂ ଚିନ୍ତା ଉଦ୍ରେକକାରୀ ଅଭିଭାଷଣ ପ୍ରଦାନ କରିଥିଲେ। ଉଦୀୟମାନ ଧାରା ଏବଂ ଟେକ୍ନୋଲୋଜିର ପରିବର୍ତ୍ତନଶୀଳ ଶକ୍ତି ଉପରେ ଆଲୋକପାତ କରି ସେ ଏହି ଦାବି ସହିତ ଆରମ୍ଭ କରିଥିଲେ ଯେ "ଭବିଷ୍ୟତ ପୂର୍ବରୁ ଏଠାରେ ଅଛି"।

ଦ୍ୱିତୀୟ ଅଧିବେଶନର ଦ୍ୱିତୀୟ ବକ୍ତା, ଶ୍ରୀଯୁକ୍ତ ସଚିନ ଗଙ୍ଗୱାର, ଟାଟା କନସଲଟାନ୍ସି ସର୍ଭିସେସର ସ୍ଥିରତା ମୁଖ୍ୟ, ଆଜିର ବିଶ୍ୱରେ ସ୍ଥାୟୀତ୍ୱର ଗୁରୁତ୍ୱ ଉପରେ ଏକ ଅନ୍ତର୍ଦୃଷ୍ଟିସମ୍ପନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ସ୍ଥାୟୀତ୍ୱର ପ୍ରମୁଖ ଡ୍ରାଇଭରକୁ ରେଖାଙ୍କିତ କରିଥିଲେ, ଆଇନଗତ ଆଦେଶରୁ ଆରମ୍ଭ କରି ଯାହା କମ୍ପାନୀଗୁଡ଼ିକୁ ସକ୍ରିୟ ଭାବରେ ସେମାନଙ୍କର କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବାକୁ ଆବଶ୍ୟକ କରେ, ଯାହା ସେମାନଙ୍କୁ ସ୍ଥାୟୀତ୍ୱକୁ ଗମ୍ଭୀରତାର ସହ ନେବାକୁ ବାଧ୍ୟ କରେ ।

ଦ୍ୱିତୀୟ ଅଧିବେଶନର ଅନ୍ତିମ ବକ୍ତା ଆନନ୍ଦ ରାଠୀ ୱେଲ୍ ଥ ଲିମିଟେଡର ଅର୍ଥ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ସୁଶ୍ରୀ ସନ୍ଧ୍ୟା ରାମସୁବ୍ରମଣ୍ୟନ୍ ଅର୍ଥ ଏବଂ ସମ୍ପଦ ପରିଚାଳନାର ମୌଳିକତା ଉପରେ ଏକ ଜ୍ଞାନପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ସେ ଅର୍ଥର ମୌଳିକ ନିୟମ ବ୍ୟାଖ୍ୟା କରି ଆରମ୍ଭ କରିଥିଲେ, "ଅଧିକ ଲାଭ ଅଧିକ ବିପଦ ସହିତ ଆସିଥାଏ", ନିବେଶରେ ସୂଚିତ ନିଷ୍ପତ୍ତି ନେବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଦ୍ୱିତୀୟ ଅଧିବେଶନ ପରେ ଶ୍ରୀ ଭାସ୍କର ବାସୁଙ୍କ ଦ୍ୱାରା କୁଶଳତାର ସହ ପରିଚାଳିତ ଏକ ଆକର୍ଷଣୀୟ ପାନେଲ୍ ଆଲୋଚନା ହୋଇଥିଲା, ଯିଏ ୟୁରୋପୀୟ ସଂଘ ଦ୍ୱାରା ପ୍ରବର୍ତ୍ତିତ ଡିଜିଟାଲ୍ ଉତ୍ପାଦ ପାସପୋର୍ଟ ଏବଂ ଛାତ୍ରମାନଙ୍କ ପାଇଁ ଏହାର ସମ୍ଭାବ୍ୟ ଲାଭ ସମେତ ଉଦୀୟମାନ ଧାରା ଆଡକୁ ବାର୍ତ୍ତାଳାପକୁ ଆଗେଇ ନେଇଥିଲେ। ଏହି ପାନେଲ ବିଷୟଟିର ପ୍ରାସଙ୍ଗିକତା ଏବଂ ପ୍ରଭାବ ଉପରେ ଆଲୋକପାତ କରି ଚିନ୍ତାଶୀଳ ପ୍ରତିକ୍ରିୟା ପ୍ରଦାନ କରିଥିଲା। ଏହା ପରେ, ଏକ ଇଣ୍ଟରାକ୍ଟିଭ୍ ପ୍ରଶ୍ନ-ଉତ୍ତର ଅଧିବେଶନ ପାଇଁ ଫ୍ଲୋର ଖୋଲା ଯାଇଥିଲା, ଯେଉଁଠାରେ ଉତ୍ସାହୀ ଛାତ୍ରମାନେ ଅନ୍ତର୍ଦୃଷ୍ଟିସମ୍ପନ୍ନ ପ୍ରଶ୍ନ ଉପସ୍ଥାପନ କରିଥିଲେ, ଯାହା ଆଲୋଚନାକୁ ଆହୁରି ସମୃଦ୍ଧ କରିଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୨୩

ଅଶୋକ ବିଶ୍ୱାଳ



ରୌପ୍ୟ ବନ୍ଦୀଶାଳାର ଜେଲର-୩

ମିର୍ଜ୍ଜା ଖାନ ।

ସେ ବିରାଟ ଲୋକଟା ଗୋଟାଏ ଓ୍ୟାର୍ଡରକୁ ଆଖିଠାର ମାରିଲା । ଓ୍ୟାର୍ଡର ତରତରରେ ଯାଇ କଇଦୀମାନଙ୍କ ଠାରୁ ଆଦାୟ ହୋଇଥିବା ୧୦-୧୨ଟା ରୋଟି ଆଣି ମିର୍ଜ୍ଜା ଖାନର ଥାଳିରେ ପକାଇ ଦେଲା । ଗୋଟାଏ କଇଦୀ ଦେବାକୁ ରାଜି ହେଉନଥିଲା । ମିର୍ଜ୍ଜା ଖାନ ତା' ଉପରେ ଗର୍ଜ୍ଜି ଉଠି ତା' ପିଠିରେ ଦୁଇ ପାହାର ପକାଇଲା । ଲୋକଟା ବିକଳରେ କାଉଁ କାଉଁ ହୋଇ ଚିତ୍କାର କରି ଉଠିଲା ଆଉ ମିର୍ଜ୍ଜା ଖାନର ଥାଳିକୁ ରୋଟି ଚାଲିଗଲା ।

ଦହି ସପ୍ତାହକୁ ଥରେ ମିଳୁଥିଲା ଆଉ ତାହା ପଠାଣ ବା ବେଲୁଚ ଜମାଦାରଙ୍କ ପେଟକୁ ଯାଉଥିଲା । ଜଣେ କଇଦୀ ନଡିଆ ଖୋଳରେ ଦିଆଯାଇଥିବା ନିଜ ଭାଗକୁ ପିଇଦେଲା । ବେଲୁଚ ଜମାଦାର ତା' ଦେଖି ତା' ଆଡକୁ ମାଡିଆସିଲା । ତା' ବାଳଟାଣି ତା'କୁ ଝିଙ୍ଗାସିଲା ଆଉ ତା'କୁ ଗୋଇଠା ମାରି ଚାଲିଲା ।

ଏତେ ବାଡେଇଲଣି । ତା'କୁ ପାଣି ଟୋପାଏ ଦିଅ ।- ନୂଆ କଇଦୀଟିଏ କହିଲା ।

ପାଣି ନାହିଁ ?- ପୁରୁଣା କଇଦୀଟିଏ ଉତ୍ତର ଦେଲା ।

ଯଥେଷ୍ଟ ଅଛି ।- ପଛରୁ ଜମାଦାରଟାଏ କହିଲା ।

ଦିନସାରା କାମ କରିକରି କଇଦୀଟିଏ ହାତ ମୁହଁ ଧୋଇବା ପାଇଁ କେଇ ଆଞ୍ଜୁଳି ପାଣି ଆବଶ୍ୟକ କରେ । ଏଠି ଜମାଦାରକୁ ଖୋସାମତି କଲେ ଆଞ୍ଜୁଳାଏ ପାଣି ପିଇବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳିବ । ତେଲ ଘଣାରେ କାମ କଲେ ବହୁ ଶୋଷ ହୁଏ । ପାଣି ଦେବା ଲୋକ ଜମା ପାଣି ଦିଏ ନାହିଁ । ତା'କୁ କେମିତି ଟିକିଏ କିଛି ନା କିଛି ଦରକାର, କିଛି ଦେଲେ ପାଣି ଟୋପିଏ ମିଳିବ । ଜମାଦାରକୁ କହିଲେ ତା'ର ଉତ୍ତର ମିଳେ- ତମକୁ ଦୁଇ କପ ପାଣି ମିଳିବା କଥା, ତିନି କପ ମିଳି ସାରିଲାଣି । ଆଉ କେଉଁଠୁ ପାଣି ଆସିବ ? କ'ଣ ବାପ ପାଣି ଦେବ ? ମୁହଁ, ହାତ ଧୋଇବାକୁ ପାଣି ଟୋପାଏ ମିଳେନି, ତେବେ ଅନ୍ୟକାମ ପାଇଁ ପାଣି କାହିଁ ? ଗାଧୋଇବା ପାଇଁ ତିନି କଟୋରୀ ଲୁଣା ପାଣି ମିଳେ ।

ବାସ ସେତିକି ।

ଆଉ ଜାଣିନିଅ ଜେଲର ଶୃଙ୍ଖଳା ।- ଏତିକି କହି ଜେଲର ନିୟମକାନୁନ ଏକ ଜମାଦାର ଜୋରରେ ପଢିଲା । ବଢ଼ି ସକାଳୁ ଉଠିବ । କାମ ଆରମ୍ଭ ଛଅଟାରେ ବେଳେ ଆରମ୍ଭ ହେବ .. . . . ।

ଜେଲର ଶୃଙ୍ଖଳା ଅତି କଡା ।- ଜଣେ ନୂଆ କଇଦୀ କହିହେଲା । ତା' ମୁହଁ କଳା ପଡିଯାଉଥିଲା ।

ରୁଟିନ ଅସମ୍ଭବ ଲାଗୁଛି । ତେଲ ଘଣାରୁ ଦିନକୁ ୩୦ ପାଉଣ୍ଡ ନଡିଆ ତେଲ ବାହାର କରିବା । ଅସମ୍ଭବ ।

କାମ ଶେଷ ନକରିପାରିଲେ ତୁମକୁ ଅତି ଉପଯୁକ୍ତ ଦଣ୍ଡ ମିଳିବ ।- ଏକ ଟିନଡାଲ ଜୋରରେ ପାଟିରେ କହିଲା, ଯେମିତି ଗୋଟାଏ ବି ଶବ୍ଦ କାହା କାନରେ ନପଡି ମୁହଁରେ ରହିଯାଉ । ଏକଥା ହେବନି ।

କଇଦୀମାନଙ୍କ ଦଣ୍ଡ ସବୁ ଭଲଭାବେ ଦେଖିନିଅ ।- ସବୁଠାରୁ ବଳୁଆ ଆଉ ନିର୍ଦ୍ଦୟ ଲାଗୁଥିବା ଜମାଦାର କହିଲା । ଲୋକଟା ଏକ ବିରାଟ ପଠାଣ । ତା' ହାତଗୁଡା ମୋଟା ଡାଳ ଭଳି ସିଧା ଥିଲା ଆଉ ଆଙ୍ଗୁଠି ମାନ ଚେଙ୍ଗମାଛ ପରି ଛଟଛଟ ହେଉଥିଲା ଯେମିତି କାହା ତଣ୍ଟିଟା ସେ ମୋଡି ଦିଅନ୍ତା । ତା' ମୋଟା ନିଶରୁ ଯେମିତି ନଡିଆ ତେଲ ବୋହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡୁଥିଲା । କଇଦୀମାନେ ତା' ଆଗରେ ଛୋଟ ଦେଖାଯାଉଥିଲେ । ଲୋକଟା ପାଖକୁ ଆସିଲେ କେମିତି ମାଡି ମାଡି ପଡୁଥିଲା ।

ଏ ସେଲଗୁଡାକୁ ଦେଖ ।- ଲୋକଟା ଗର୍ଜ୍ଜନ କଲା ।

ସେଲ ଭିତରେ ଗୋଟାଏ କାଇଦୀର ଗୋଡକୁ ବେଢିରେ ରଖି ଲୁହା ଶିକୁଳିରେ ବାନ୍ଧି ଦିଆଯାଇଥିଲା । କଇଦୀର ଗୋଡ ବୁଲିବା କଷ୍ଟ ହେଉଥିଲା ଆଉ ବେଢି ଘଷି ହୋଇ ହୋଇ ଗୋଡରେ ଘା ହୋଇଯାଇଥିଲା । ସେ ଲୋକଟା ଏମାନଙ୍କୁ ଦେଖି ଟିକେ ବୁଲି ଚାହିଁଲା । ତା' ଚଲାରେ ସେଲ ଭିତରଟା ଝଣଝଣ ଶବ୍ଦ ଶୁଣାଗଲା । ଅନେକ ଅନେକ ପାଉଁଜି ଝଣଝଣ ଶବ୍ଦ ସୃଷ୍ଟି କରେନି କି ? ଏଠି ଆଉ କିଛି ଭାବିହେବନି । ନୂଆ ଲୋକଙ୍କର ମୁହଁ ଶୁଖିଗଲା ।

ଆର ସେଲରେ ଏକ କଇଦୀକୁ କାନ୍ଥ ପାଖରେ ହାତକଡା ପିନ୍ଧାଇ ଠିଆ କରି ରଖାଯାଇଥିଲା । ଲୋକଟାର ଗୋଡ ବନ୍ଧା ହୋଇଥିବା ଯୋଗୁ ଫରଚା ହୋଇ ଠିଆ ହୋଇଛି । କଡାରୁ ଏକ ଶିକୁଳି ଯାଇ ଉପରେ ଏକ ହୁକରେ ଲାଗିଛି । ଏହା ଏକ ଅତି କଠିନ ଦଣ୍ଡ । ତା' ମୁଣ୍ଡଟା ଏକ କାନ୍ଧକୁ ଢଳି ପଡିଥିଲା । ସେ ଅନାଇ ପାରୁନଥିଲା ।

ସାତ ଘଣ୍ଟା ହେଲା ଠିଆ ହେଲାଣି । ଆଉ ଘଣ୍ଟାଏ । ଏମିତିଆ ଦଣ୍ଡ ଅନେକ ଦିନ ଧରି ଚାଲିବ ।

ଏ ଜନ୍ତାସବୁକୁ ଦେଖ ।- ଜମାଦାର ପୁଣି ଦେଖିବାକୁ ହୁକୁମ ଦେଲା ।

ଜନ୍ତୁକୁ ଜନ୍ତାରେ ଦେଖିବ ? - ଅବିନାଶ ମନରେ ପ୍ରଶ୍ନ ଥିଲା । ନୂଆ କଇଦୀମାନେ ପଦେ କହୁନଥିଲେ କି ସେମାନଙ୍କ ମୁହଁରୁ କିଛି ଶବ୍ଦ ମଧ୍ୟ ଆସୁନଥିଲା ।

ଜଣେ କଇଦୀକୁ ସିଂହକୁ ଜନ୍ତାରେ ରଖିଲା ଭଳି ଜନ୍ତାରେ ରଖାଯାଇଥିଲା । ସେ ମଣିଷ ଦେଖିଲେ କଥା କହୁନଥିଲା । ସିଂହ ବି ଜନ୍ତାରେ ଖୋଲା ଗର୍ଜ୍ଜନ କରେନି । ତା' ମୁହଁ ଶୁଖି ଯାଇଥିଲା, ଆଖି କେଉଁ କୋରଡରେ ଆଉ ଦାନ୍ତ ମାଢିରୁ ବାହରି ଅସିବା ଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗୁଥିଲା । ଲୋକଟା ପେଟେଇ ପଡି ଏମାନଙ୍କୁ ଚାହିଁଲା । ସେ ଚାହାଁରେ କିଛି ଆଶା ବା ନିରାଶା ଭରିନଥିଲା । ଏକ ସଂମ୍ପୂର୍ଣ ଶୂନ୍ୟ ଚାହାଣୀ । ଆଖି କାଚ ଭଳି ଥିଲା ।

ଏମିତି କଠିନ ଆଉ ଯନ୍ତ୍ରଣାଦାୟକ କଇଦୀ ଜୀବନ ଥିଲା ନିଃସଙ୍ଗ କାରାବାସ ଯେଉଁଥିରେ ଅନ୍ୟ କଇଦୀମାନଙ୍କ ଠାରୁ ଜାଣି ଦୂରରେ ରଖାଯାଏ । କେବଳ ଝାଡା ପରିସ୍ରା ପାଇଁ କଇଦୀ ବାହାରକୁ ଯାଇପାରେ । ତା' ପାଖରେ କେହି ନଥାନ୍ତି ବା ତା'କୁ କିଛି କାମ ମଧ୍ୟ ଦିଆଯାଏ ନାହିଁ । ଏମିତି ସାତ ଦିନ ରହିବା ଅତି କଷ୍ଟ । ଛଅମାସ ରହିବା, ଭାବିହେଉନି । ଜଣେ ମାନସିକ ସ୍ତରରେ ସେହି ମାତ୍ରାରେ ଦୃଢ ଥିଲେ ଏମିତି ନିର୍ଜ୍ଜନବାସ କରିପାରିବ । ତାଠାରୁ ଆହୁରି କଠିନ ଥିଲା ଜନ୍ତା ଭିତରେ କଇଦୀମାନଙ୍କୁ ରଖିଦେବା । ସେହି ଭିତରେ ସେ ଖାଇବ, ପିଇବ ଆଉ ଶୋଇବ, ଝାଡା ପରିସ୍ରା ଯିବ । ଠିକ ଭାବରେ ଶୋଇବାକୁ ଜାଗା ମଧ୍ୟ ନାହିଁ । ମାଷ୍ଟର ଛତର ସିଂ, ଅମର ସିଂହ ଇତ୍ୟାଦି ଏମିତି ଜନ୍ତା ଭିତରେ ଏକୁଟିଆ ବର୍ଷ ବର୍ଷ କଟାଦେଲେ ।

ହିଂସ୍ର ମଣିଷକୁ ପୋଷା ମାନଯାଉଛି ।- ଅବିନାଶ କହିଲା । ଅନ୍ୟ କଇଦୀମାନେ ପ୍ରାୟ ପଥର ହୋଇଯାଇଥିଲେ । ସେମାନଙ୍କ ଗୋଡକୁ କିଏ ଯେମିତି ଟାଣି ଓଟାରି ନେଉଥିଲା । ଯିବାକୁ ତ ପଡ଼ିବ । କଇଦୀ ଜୀବନରେ ସଜ୍ଜା ତ ମିଳିବ । ଆଗକୁ କ'ଣ ଅଛି ?

ନୂଆ କଇଦୀଦଳ ସେତେବେଳକୁ ଭୟରେ ବା ନିଜର ଆତ୍ମ ବଳକୁ ଦୃଢ କରିବାପାଇଁ ମନ୍ତ୍ର ଉଚ୍ଚାରଣ କରି ଥରୁଥିଲେ । ସମସ୍ତେ ରାଜନୈତିକ ବନ୍ଦୀ । କିଛି ତ ଇଂରେଜମାନଙ୍କ ବିରୁଦ୍ଧରେ ହିଂସା ଆଚରଣ ଦେଖାଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଅସ୍ତ୍ରଶସ୍ତ୍ର ଚଳାଇବାରେ ମଧ୍ୟ ଓସ୍ତାଦ । କିନ୍ତୁ ତାହା ସବୁ ନିଜ ବନ୍ଧୁମାନଙ୍କ ଗହଳରେ, ଖୋଲା ପରିବେଶରେ, ଭାରତର ମୁଖ୍ୟ ଭୂମି ମଧ୍ୟରେ । ଏଠି, ସୁଦୂର ଆଣ୍ଡାମାନରେ, ଚାରିଆଡେ ପାଣି, ଆଉ ଏ ଭିତରେ ମଣିଷ କେମିତି ସାଙ୍କୁଡି ଯାଉଛି । ସେ ଭିତରେ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିରାଟ ଆଇରିଶ ମଣିଷ ଗର୍ଜ୍ଜନ କରି କିଛି କହିଚାଲୁଛି । କିଛି ବନ୍ଦୀ ନିଜ ମନ ଭିତରେ ହରି ଶରଣ ନେଉଥିଲେ । ରଖେ ହରି, ମାରେ କିଏ ? ସେମାନେ ନିଜ ମନରେ ରକ୍ଷାମନ୍ତ୍ର ପଢୁଥିଲେ । ଚାହେଁ ଯେଉଁ କଷ୍ଟ ଆସୁ, ଯେଉଁ ଯନ୍ତ୍ରଣା ମିଳୁ, ସେମାନେ ନିଜକୁ କେବେ ତଳେ ପକାଇ ଦେବେନି । ମାତୃଭୂମିର ସେବା କରିଚାଲିବେ ।

ଜେଲର ସାହେବଙ୍କ ସହ ତୁମମାନଙ୍କର ସାକ୍ଷାତକାର ହେବ ।- ଜମାଦାର କହିଲା ଆଉ ସବୁ ନୂଆ କଇଦୀ ସେଲୁଲାର ଜେଲର ଗେଟ ପାଖ ଅଗଣାରେ ଏକତ୍ରିତ ହୋଇଗଲେ । ଏକ ବିଶାଳ ବପୁଧାରୀ, ଲାଲ ଦେଖାଯାଉଥିବା ଇଂରେଜ ଆଗରେ ଠିଆ ହୋଇଥିଲା । ତା' ଆଖିରେ ଯେମିତି ନିଆଁ ଥିଲା ଆଉ ମୁହଁରୁ ଧୂଆଁ ବାହାରୁଥିଲା ।

"ବାହର କାନ୍ଥ ଦେଖି ପାରୁଛ ତ ? ଜାଣିଛ କ'ଣପାଇଁ ଏଠି କାନ୍ଥ ଏତେ ତଳୁଆ ? କାରଣ ଏଠୁ ଖସି ପଳାଇବା ଅସମ୍ଭବ । ସମୁଦ୍ର ଏଠୁ ହଜାର ମାଇଲ ପର୍ଯ୍ୟନ୍ତ ଲମ୍ବି ଯାଇଛି । ଜଙ୍ଗଲରେ ତୁମେ କେବଳ ବନ୍ୟ ଶୂକର ଆଉ ଜଙ୍ଗଲୀ ବିଲେଇ ପାଇବ ଆଉ ଅଛନ୍ତି ହିଂସ୍ର ଆଦିମ ଜନଜାତି । ସେମାନେ ଯଦି ବାହାରର ମଣିଷ ଦେଖନ୍ତି, ତେବେ ତା'କୁ ତୀରମାରି ବଧ କରିବାକୁ ସାମାନ୍ୟ ଶୋଚନା କରନ୍ତି ନାହିଁ । ଆଉ ମୋତେ ଦେଖୁଛ ତ । ମୋ ନାଁ ଡେଭିଡ ବେରୀ । ମୁଁ ସରକାରଙ୍କ ଅତି ଆଜ୍ଞାଧୀନ କର୍ମଚାରୀ । ଆଉ ସରଳର ପାଇଁ ସିଧା, କିନ୍ତୁ କୁଟୀଳ ପାଇଁ ମୁଁ ଚାରିଗୁଣ କୁଟୀଳ । ମୋତେ ଯଦି ଅବମାନନା କର, ତେବେ ବୋଧହୁଏ ତୁମକୁ ଇଶ୍ୱର ରକ୍ଷା କରିପାରନ୍ତି, ସେତେବେଳେ ତୁମେ ମୋତେ ଭଲକରି ଜାଣିପାରିବ । ଜାଣିରଖ, ଇଶ୍ୱର ଅତିକମର ପୋର୍ଟବ୍ଲେଆରର ତିନି ମାଇଲ ପର୍ଯ୍ୟନ୍ତ ମାଡନ୍ତି ନାହିଁ ।" - ଡେଭିଡ ବେରୀ ଅତି ଗମ୍ଭୀର ସ୍ୱରରେ କହୁଥିଲା । ତା' ସ୍ୱର ଯେମିତି ସେଲୁଲାର ଜେଲର ସବୁ କାନ୍ଥରୁ ବାଜି ଫେରୁଥିଲା । ସବୁ ଜାଗାରେ କଇଦୀମାନଙ୍କ କାନରେ ସେ ସ୍ୱର ପ୍ରତିଧ୍ୱନିତ ହୋଇଚାଲୁଥିଲା ।

କଇଦୀମାନଙ୍କ ଆଖି ଜେଲର କାନ୍ଥ ଆଡକୁ ବୁଲିଯାଉଥିଲା । ସେଲୁଲାର ଜେଲ ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ଦୀଶାଳା, କିନ୍ତୁ ଏକ ଦୁର୍ଗ ପରି ଲାଗୁଥିଲା । ଏକ ଅତୁଳନୀୟ ଗଢଣ । ମୁଖ୍ୟ ଦ୍ୱାରରେ ଥିଲା ଆଡମିନଷ୍ଟ୍ରେଟିଭ୍ ବ୍ଲକ । ଆଉ ଭିତରକୁ ପ୍ରବେଶପାଇଁ ଏକ ମଜବୁତ ଲୁହା ଦ୍ୱାର ଦେଇ ଯିବାକୁ ପଡୁଥିଲା । ମୁଖ୍ୟ ଗେଟ ପରେ ଏକ ଉଚ୍ଚ ତଳ ଥିବା କରିଡର ଆଉ ଏକ ଛୋଟ ପ୍ରାଙ୍ଗଣ ଥିଲା । ଏହିଠାରେ ଆସୁଥିବା କଇଦୀମାନଙ୍କୁ ପ୍ରଥମେ ଜେଲର କାଇଦା କାନୁନ ବିଷୟରେ ଜଣାଇ ଦିଆଯାଉଥିଲା ଆଉ ଭୟଭୀତ କରାଯାଉଥିଲା । ଆଉ ଏକ ଭୟଙ୍କରୀ ଇମାରତ, ସେଥିରେ ବାହାରିଯିବାକୁ ରାସ୍ତା ନାହିଁ ।

ମୁଁ ନିଜେ ଏ ସ୍ଥାନର ଇଶ୍ୱର ।- କିଛି କଇଦୀ ଯେମିତି ଡେଭିଡ ବେରୀର ସ୍ୱର ଶୁଣୁଥିଲେ । ଡେଭିଡ ବେରୀ ଏ ଶବ୍ଦ କେତୋଟି ଉଚ୍ଚାରଣ ତ କଲାନି, କିନ୍ତୁ ତା' ଓଠ ଥରୁଥିଲା, ଯେମିତି ଘଷିମାଜି ଏହି ଶବ୍ଦମାନ ସେ କହୁଅଛି ।

କେବଳ ମୂକ ଇଟା ଆଉ ପଲସ୍ତରା ଛଡା ।- ଅବିନାଶ ଭିତରୁ ପୁଣି କିଏ କହିଉଠିଲା । କିନ୍ତୁ ଅବିନାଶ ମନ ଭିତରେ ଉଠୁଥିବା ହାସ୍ୟକର ଦ୍ୱନ୍ଦ ଭିତରକୁ ଗଲାନି । ପ୍ରକୃତରେ ସେଲୁଲାର ଜେଲର କାଳ କୋଠରୀମାନ ଅଛି । ଏକ ଲମ୍ବା ବାରଣ୍ଡା । ବେଶ ଲମ୍ବା । ତା'କୁ ଲାଗୁଥିଲା ଯେମିତି ବାରଣ୍ଡାଟା ମଚମଚ ଶବ୍ଦରେ କମ୍ପି ଉଠୁଛି । ରକ୍ଷୀମାନଙ୍କର ଯୋତା ଜୋରରେ ଆବାଜ କରୁଛି । ସେମାନେ ମୁଣ୍ଡରେ ଲାଲ ପଗଡି ପିନ୍ଧି ବେଶ ଦର୍ପରେ ଚାଲୁଛନ୍ତି ଆଉ ଲୁହା ରଡ ଲାଗିଥିବା ବନ୍ଦ କୋଠରୀମାନଙ୍କ ମଧ୍ୟରୁ ଗଣିହେଉନଥିବା ଯୋଡା ଯୋଡା ଆଖି ଚାହିଁଛି, କାନମାନ ଶୁଣୁଛି ।

କ'ଣପାଇଁ ଆଖିମାନ ପାଦଛାପ ଦେଖିବାକୁ ବ୍ୟଗ୍ର ହୋଇପଡେ? କ'ଣପାଇଁ କାନମାନ ଯୋତାର ମଚମଚ ଶବ୍ଦ ଶୁଣିବାକୁ ବ୍ୟଗ୍ର ହୋଇପଡେ, ଯେତେବେଳେ ଆଉ ସବୁ ନୀରବ ?- ଅବିନାଶ ନିଜକୁ ନିଜେ ପ୍ରଶ୍ନ କଲା ।

ବାରଣ୍ଡାକୁ ଅତି ପରିଷ୍କାର ରଖାଯାଇଛି । କାହାର ଶ୍ରମଝାଳ ଯେମିତି ସେଇଠି କେବେ ପଡିନି । କଇଦୀଗୁଡା ତଳେ କର୍ମଶାଳାରେ କାମ କରନ୍ତି । ତିନିତାଲା ଜେଲରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମ ତାଲା ଛାଡି ଆଉ ସବୁ ତାଲାର ବାରଣ୍ଡା ବାହାରେ ମଧ୍ୟ ଜାଲି ଲାଗିଛି । କେହି ଡେଇଁ ଆତ୍ମହତ୍ୟା ନକରିପାରୁ । କୋଠରୀର ଦ୍ୱାର ଆଉ ବାରଣ୍ଡାର ଝରକା ସବୁ ତୋରଣ ଆକାରରେ ନିର୍ମିତ ।

ଅସଂଖ୍ୟ ତୋରଣ ।- ଏମିତି ଭାବି ଅବିନାଶ ମନକୁ ମନ ହସି ଉଠିଲା । ଅବଶ୍ୟ ଦୁଃଖରେ । ଯଦି ସେ ତୋରଣମାନଙ୍କୁ ରଙ୍ଗୀନ ଆଲୋକରେ ସଜାଇ ଦିଆଯାଉଥାନ୍ତା, କେତେ ସୁନ୍ଦର ଲାଗନ୍ତା, କିନ୍ତୁ କେବଳ ତା'କୁ ଅନ୍ଧାରରେ ରଖିଲେ କି ସୌନ୍ଦର୍ଯ୍ୟ ଫୁଟିବ ? କଇଦୀମାନଙ୍କ ଆଖିରୁ କି ରଙ୍ଗ ବାହାରୁଥିବ, ସୂର୍ଯ୍ୟ ଆଲୋକରେ ସେଲର ବାଡାମାନଙ୍କ ଛାଇ କେମିତି ପଡିଥିବ ?

ହାହାକାର, ଅନ୍ଧାରର ସୌନ୍ଦର୍ଯ୍ୟ ଅଛି ଅବିନାଶ । ଅନ୍ଧାରର ସୌନ୍ଦର୍ଯ୍ୟ ହେଉଛି ଶୁଣି ହେଉନଥିବା ଶବ୍ଦ ଆଉ ପ୍ରତିଧ୍ୱନୀତ ହେଉଥିବା ବିଳାପ । ଅବିନାଶ କଳା ପରଦା ପଛରୁ ତୁମେ ଲମ୍ବା ଶ୍ୱାସ ଶୁଣିବ । ଆଉ ତୁମ ହସ ତୁମକୁ ଡେଭିଡ ବେରୀ ପାଖକୁ ନେଇଯିବ ।- ସେ ନିଜ ଭିତରେ କିଛି ଶବ୍ଦ ଶୁଣିପାରୁଥିଲା ।

ସେତେବେଳେ ଡେଭିଡ ବେରୀ କେନ୍ଦ୍ରୀୟ ଗମ୍ବୁଜରେ ଠିଆ ହୋଇଥିଲା । ସେ ନିଜକୁ ଭାବିଚାଲିଥିଲା ଏଠାକାର ଦଣ୍ଡର ହର୍ତ୍ତା, କର୍ତ୍ତା । ସେ ଆଦେଶର ଦାସ । ପ୍ରତିଟି ଶୃଙ୍ଖଳା ସେ ଲେଖା ମୁତାବକ ପାଳନ କରୁଛି । ଏଇ ଯେ କଲିକତାରୁ ଆସିଥିଲେ ସେକ୍ରେଟାରୀ ଆଉ ପ୍ରିଜିନସର ଇନସ୍ପେକ୍ଟର ଜେନେରାଲ । ସେମାନେ ଲକ୍ଷ୍ୟକଲେ ଯେ ପେନାଲ ସେଟଲମେଣ୍ଟର କଇଦୀମାନଙ୍କୁ ଶୃଙ୍ଖଳା ପାଇଁ ଉପଯୁକ୍ତ ଦଣ୍ଡ ମିଳୁନାହିଁ । ସେମାନେ ଏକ ଜେଲର କଳ୍ପନା କଲେ । ସେଠାରେ ପ୍ରତି କଇଦୀକୁ ଅଲଗା ରଖାଯିବ । ପ୍ରତି କଇଦୀ ଅତିକମରେ ୬ ମାସ ପାଇଁ ସେ ଜେଲରେ ରହିବେ । ସେଇ ପ୍ରଥା ଭାରତର ଦକ୍ଷିଣ ପଶ୍ଚିମରେ ଥିବା ଜେଲ କାନ୍ନୋର ଭଳି ହେବା ଉଚିତ । ଆଉ ଏମିତି ଏକ ଜେଲ ପାଇଁ ଅନୁମତି ମିଳିଲା । ଆଟଲାଣ୍ଟା ପଏଣ୍ଟକୁ ଉପଯୁକ୍ତ ସ୍ଥାନଭାବେ ସ୍ଥିର କରାଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଖ୍ୟ ଟାୱାର ବା ସ୍ତମ୍ଭରୁ ଚାରିଆଡକୁ ସାଇକେଲର ଚକ ଭଳି ଜେଲର ଡେଣା ମେଲିଯିବ । ସେଲୁଲାର ଜେଲକୁ ଲଣ୍ଡନର ଏକ ପ୍ରମୁଖ ଜେଲ ପେଣ୍ଟନଭିଲେ ମଡେଲରେ ତିଆରି କରାଯିବ । ଅବିନାଶକୁ ଲାଗିଲା ସେ ଡେଭିଡ ବେରୀ କଥା ଶୁଣୁଛି ।

ତୁମେ ଆତ୍ମାକୁ ମୋ ପାଖେ ବନ୍ଧା ପକାଇଛ ।- ଡେଭିଡ ବେରୀ କହିଲା ।

ଏକ ପକ୍ଷୀ କ'ଣ ଉଡିଯିବକି ?

ତୁମେ ସେ ଧାଡିଗୁଡା ଶୁଣିଛ ତ ?- ଅବିନାଶ ନିଜ କାନ ପାଖରେ କାହା କଥାସବୁ ଶୁଣୁଥିଲା ।

ଅନ୍ଧାରର ବନ୍ଦୀଘର, ଆଉ ଉଚ୍ଚ କାନ୍ଥମାନ । ଆଲୋକ ନୁହେଁ, ପବନକୁ ରୁନ୍ଧି ଦିଆ ଯାଇଛି ସେଇଠି । ଆଲୋକ ପାଇଁ ତୁମେ ଭାବିପାର, କିନ୍ତୁ ତା' ମିଳିବ ତ ନାହିଁ । ପବନକୁ ତୁମେ ଡାକିପାର, ପବନ ତୁମ ପାଖେ ପହଞ୍ଚିବ ନାହିଁ । ପାର୍ବତ୍ୟ ରାସ୍ତାର ଭଙ୍ଗା ପଥରଖଣ୍ଡ ପରି ତୁମ ଭାଗ୍ୟ ଭାଙ୍ଗି ତ ଯାଇଛି, ଯୋଡି ଗଢିବ କେମିତି ? ଅନ୍ୟ ରାସ୍ତାରେ ଅନ୍ୟକୁ ଯିବାକୁ ତ ମନା । ଏଠି ତୁମ ଶରୀରକୁ ନୁହେଁ, ମନକୁ ଧୂଳିରେ ପରିଣତ କରାଯାଉଛି, ତୁମ ଆଖିରେ ଲୁହ ଆସିବ କେଉଁଠୁ ? ଶରୀରରେ କାହିଁ ଚିହ୍ନ ତ ରହୁନି । ମନ ତୁମର କ୍ଷତ ବିକ୍ଷତ ହେଉଛି । ରକ୍ତ ଝରିବ କେଉଁଠୁ ? ତୁମ ସ୍ୱର ନାହିଁ. ତୁମେ କହିବ କେମିତି ? ସନ୍ଦେହ ତୁମର ନଥାଉ, ମୁଁ କିଏ ?

ତୁମର ମୁଁ ଏକମାତ୍ର ବିଚାରକ, କର୍ତ୍ତା । ମୁଁ, ତୁମ ଧାତା ଓ ବିଧାତା ।

ଡେଭିଡ ବେରୀ ଏତେ ଦୂରରେ ଠିଆ ହୋଇଛି । କିନ୍ତୁ ଅବିନାଶ ନିଜ ଭିତରରେ ତା' କଥା ଯେମିତି ଶୁଣୁଛି । ଏମିତି ଅଖାଡୁଆ, ଅମାନିଆ କଥା ଶୁଣି ଅବିନାଶ ଭିତରେ ଭିତରେ ଥରିଗଲା । ଲୋକଟା ବିରାଟ, ତା' ମୁହଁଟା ଫୁଲି ଲାଲ ହୋଇଯାଇଛି, ଏଇ ଯେମିତି ପିଚକାରୀ ଭଳି ରକ୍ତ ଛିଟିକି ଆସିବ । ମୁହଁର ସବୁ ରକ୍ତ ଆଖିକୁ ଯେମିତି ଚଢ଼ି ଆସିଛି । ସେ ଏକ ଦୌଡି ସଁ ସଁ ହେଉଥିବା ମାରଣା ଷଣ୍ଢ ଭଳି ତାଡେଇ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନାଇଛି ।

ଏକ କଇଦୀକୁ ଘୋଷାରି ଘୋଷାରି ଓ୍ୟାର୍ଡରମାନେ ନେଇଆସିଲେ ଆଉ ଡେଭିଡ ବେରୀରର ଗୋଡ ପାଖରେ ଫୋପାଡି ଦେଲେ । ଲୋକଟାର ଶରୀରରେ ଅସଖ୍ୟ ବାଘ ଭଳି ପଟା ପଟା ପଟା କଳା ଦାଗ ଥିଲା । ମାଡ, ଟଣା ଘୋଷାଡାରେ ଚମ କେଉଁଠି କେଉଁଠି କଳା ପଡିଯାଇଛି । ମଣିଷକୁ ବାଘରେ ପରିଣତ କରିଦେଲେ କେତେ ଭଲ ହୁଅନ୍ତା ? ଫୁ-ଉ-ଉ-ସ, ଏଗୁଡାକ ହେଟାଭଳି ହେଁ, ହେଁ କରିବେ, ଗର୍ଜ୍ଜନ କରିବାର ଶକ୍ତି କାହିଁ ? କାନ୍ଦୁଆ, କାନ୍ଦୁଆ ହୋଇ ସକାଳୁ ସଂଜଯାଏଁ କିଛି ଘୋଷି ହେଉଥିବେ ।

ତୁମ ପାଖରେ ଆଉ ଯୁକ୍ତି କିଛି ଅଛି ?- ଡେଭିଡ ବେରୀ ଜୋରରେ ପଚାରିଲା । ତା' ସ୍ୱରର ବିରାଟ ଲହଡିରେ କୋଠରୀଟା ଥରିଗଲା ଆଉ ଓ୍ୟାର୍ଡରମାନେ ଏକଦମ ସାବଧାନ ପୋଜିସନରେ ଠିଆ ହୋଇଗଲେ । ଲୋକଟାର ଝୁଲିପଡିଥିବା ମୁଣ୍ଡ କରେଣ୍ଟ ଖାଇଲା ପରି ସିଧା ହୋଇଗଲା ଆଉ କାନ ଠେକୁଆ ଭଳି ଠିଆ ହୋଇଗଲା, ହାତ କାନ୍ଧରୁ ସିଧା ଝୁଲିପଡିଲା ।

ମୁଁ, ଅନ୍ୟମାନେ ଯେ ଏକଏକ ମଣିଷ ।- ସେ ଥରିଥରି କହିଲା ।

ଆଃ, ସେମାନେ କେବେ ମଣିଷ ଥିଲେ ? ହୁଁ, ପୁରୁଣା କେଉଁ ଦିନ ମଣିଷ ଥିଲେ, କିନ୍ତୁ ଆଜି ମଣିଷ ନୁହଁନ୍ତି । ତମେ ବି ମଣିଷ ନୁହଁ ।

ତେବେ ମୁଁ, ସେମାନେ କିଏ ?

ଜେଲର ପଥର କାନ୍ଥ । ସେମାନେ ଡେଭିଡ ବେରୀର କଇଦୀ । ଆଉ କିଛି ନୁହେଁ । ସେମାନେ କେବଳ ଓ୍ୟାର୍ଡରଙ୍କ ଯୋତର ମଚମଚ ଶବ୍ଦ ଶୁଣିବେ । ସେମାନଙ୍କ ଦେହରେ ଶବ୍ଦ ବାଜି ପ୍ରତିଧ୍ୱନୀ କରିଚାଲିବ । ଆଉ ସେ ପ୍ରତିଧ୍ୱନୀ ଏ କାନ୍ଥରୁ ବାଜି ସେକାନ୍ଥ ପର୍ଯ୍ୟନ୍ତ ଚାଲିଯିବ ଆଉ ପୁଣି ଏ କାନ୍ଥ ପାଖକୁ ଫେରି ଆସିବ । ସେ ଧ୍ୱନୀ ସେମିତି ଚାଲୁଥିବ ଯେପର୍ଯ୍ୟନ୍ତ ମୋ ଯୋତାର ଶବ୍ଦ ଶୁଣାଯାଇ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତେ ଯନ୍ତ୍ରଣା, ଲାଂଛନା । ଏ ଧରିତ୍ରୀ ଭାଙ୍ଗିଯାଉନି କାହିଁକି ? କେବଳ ମୁହୁର୍ତ୍ତ ମୁହୁର୍ତ୍ତର ଯନ୍ତ୍ରଣା ପାଇଁ ବିଚାର, ମଣିଷ କି ଏହି ପାଇଁ ଜନ୍ମ ? ଶୂନ୍ୟ କେବଳ ଚାରିକାନ୍ଥର ମଧ୍ୟରେ । ମୋର ସବୁ ଲୁହ ମାଟି ତଳେ ତଳେ ଝରଣା ହୋଇ ବୋହିଯାଉଛି ମହାସମୁଦ୍ରକୁ ।- ଲୋକଟା ବିଳାପ କରୁଥିଲା । ବିଳାପ କରିବାର କାରଣ ବି ଥିଲା । ଏ ପଥର କାନ୍ଥ କେତେ ଲୁହକୁ ଧରିଥାନ୍ତା । ତା' ଆଖିରୁ ଲୁହ ଶୁଖିଗଲା । ସେ ନିଜକୁ ପଥର ଭଳି ସ୍ଥିର କରିଦେଲା ।

ହେଉ ପଛେ ସେଲୁଲାର ଜେଲ ଲୌହ ବନ୍ଦୀଶାଳା, କିନ୍ତୁ ଭାଙ୍ଗିବ ନିଶ୍ଚିତ ।- ଲୋକଟା ମନକୁ ମନ କହିଲା ।

ଆଉ ଅବିନାଶ ଦେଖିଲା ସେଲୁଲାର ଜେଲର କିଛି ଅଂଶ ଭୂକମ୍ପରେ ଭାଙ୍ଗି ପଡିଛି । କିଛି ଅଂଶ ଜାପାନୀମାନେ ଭାଙ୍ଗି ଦେଇଥିଲେ । ଆଉ କ'ଣ ଆଗକୁ ଭାଙ୍ଗି ଧୂଳିରେ ମିଶିଯିବ ?

ଏ ଲୋକଟା କ'ଣ ନା କ'ଣ ବିଳାପ କରୁଛି । ଲୋକଟାକୁ ବୁଝାଇବାକୁ ପଡ଼ିବ । ସେଲୁଲାର ଜେଲ ପରେ ମଧ୍ୟ ଜୀବନ ଅଛି । କଇଦୀମାନେ ବିବାହ କରି ରହିପାରିବେ ବା ନିଜର ପରିବାରକୁ ଆଣିପାରିବେ । ସେଇଟା ଅବଶ୍ୟ ସଜା କାଟିଲା ପରେ । କିନ୍ତୁ ପେନାଲ ସେଟଲମେଣ୍ଟରୁ ମୁକ୍ତି ମିଳିବନି । ତା'ର ଆବଶ୍ୟକତା ବା କ'ଣ ? ଏକ ନୂଆ ଜୀବନରେ ଥିବେ ଜଣେ ପୁରୁଷ ଆଉ ଜଣେ ନାରୀ । ନାରୀ ପୁରୁଷର ମିଳନ ହେଉଛି ସନାତନ ସତ୍ୟ । ତା'ପରେ ଜୀବନ ଆପେ ଆଗକୁ ଗଡିଯିବ । ଏଇଠି ସବୁ ନିୟମ ମାନିଯାଅ, ମୁକ୍ତ ହୋଇଯାଅ ଏକ ନୂଆ ବନ୍ଧନ ଭିତରେ । ଏମିତି ପାଖରେ ଠିଆ ହୋଇଥିବା ଜମାଦାରମାନେ ଭାବୁଥିଲେ । ଘର ସଂସାର କର । ଆଉ ପୋର୍ଟବ୍ଲେଆରରେ ଏକ ସ୍ଥାନ ଅଛି, ନାମ – ଶାଦିପୁର । ସେଠି ବାହାହୋଇଥିବା କଇଦୀମାନେ ରହୁଥିଲେ । ସେମିତି ଏକ ଘର କରିନିଅ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଇଦୀମାନଙ୍କ ଭିତରୁ ଏକ ସୁନ୍ଦର ନାରୀ ଖୋଜିଦେବୁ । ଦେଖ ଏଠି ହିନ୍ଦୁ ମୁସଲମାନଙ୍କୁ ବାହାହେଲେ, ବର୍ମିଜ ଭାରତୀୟଙ୍କୁ ବାହାହେଉଛନ୍ତି । ତୁମେ ଆଉଥରେ

ଏଇଠି ସଂସାର କରିବ । ଜୀବନ ଥରେ ଆସେ । କ'ଣପାଇଁ ଏମିତି ଅମାନିଆ ହେଉଛ ?- ଏକ ଓ୍ୟାର୍ଡର ଫୁସଫୁସ କରି ଲୋକଟାର କାନରେ କହୁଥିଲା, ତା'କୁ ଆଣ୍ଡାମାନର କଇଦୀ ଜୀବନ ଭିତରେ ଆଉ ଏକ ଜୀବନକୁ ଖୋଜିବାକୁ ଫୁସୁଲାଉଥିଲା ।

ଦେହରେ ଦାଗ ଭରିଥିବା ଲୋକଟା ନିଜକୁ ଟାଣି ଠିଆ କରିଦେଲା ଆଉ ଓ୍ୟାର୍ଡର ଆଖିକୁ ସିଧା ଅନାଇଲା । ସେ ଲୋକଟାର ରୂପ ଦେଖି ଓ୍ୟାର୍ଡର ଆଶ୍ଚର୍ଯ୍ୟ ହୋଇଗଲା । ଏତେ ମାଡ ପରେ ମଧ୍ୟ ଲୋକଟାର ତେଜ ଅଛି । ଏତିକିବେଳେ ଡେଭିଡ ବେରୀ ଫେରିଆସିଲା ।

ଭଲହେଲା, ତୁମେ ଠିଆ ହୋଇଛ । କିନ୍ତୁ ତୁମେ ମହାମୂର୍ଖ । ଭଲକରି ଜାଣ ତୁମ ଶରୀରକୁ ଯନ୍ତ୍ରଣାର ଗନ୍ତାଘର କରିଦିଆଯାଇଛି । ତୁମ ଆତ୍ମାର ଆଲୋକକୁ ପାଉଁଶରେ ପରିଣତ କରିଦିଆଯାଇଛି । ଛୁଇଁଲେ କେବଳ ତାହା ଝରି ପଡ଼ିବ । ସେଇଠି ରଡ ନିଆଁ ନାହିଁ ଯାହା ତୁମକୁ ଆଲୋକ ଦେବ । ତୁମ ପାଖରେ କେବଳ ଏକ କାନ ଥିବ ମୋ ଯୋତାର ମଚ୍ ମଚ୍ ଶବ୍ଦ ଶୁଣିବାକୁ ।- ଡେଭିଡ ବେରୀ କହିଲା ।

ମୋ ଯନ୍ତ୍ରଣାର ପୋଷାକକୁ ତୁମେ ସିଲାଇ କରୁଛ । ସେ ଭିତର ଦେଇ ଶୀତୁଆ ପବନ ଆଉ ଆସୁନାହିଁ, କି ମୋ ହାଡ ଥରି ତ ଯାଉନି । ମୋ ମନର ସାଂଜୁ କେବେ ଭାଙ୍ଗିବନି । ମୁଁ ଏକ ମନ୍ଦିର ଗଢୁଛି । ମୋ ମନର ମନ୍ଦିର । ସେଇଠି ମୋ ଆତ୍ମା ପ୍ରଜ୍ୱଳିତ । ତୁମେ କିଛି କରିପାରୁନ ।- ଲୋକଟା ଉତ୍ତର ଦେଲା ।

ସତରେ । ତୁମ ଏଇ ଆବେଗ କେବଳ ତୁମର ଖୁସି ହୋଇ ରହୁ । କିନ୍ତୁ ଜାଣିରଖ ତୁମ ଆତ୍ମାର ଆଲୋକରେ ଅନେକ ଅନେକ ଛିଦ୍ର ହୋଇଯାଇଛି । ସେଥିରୁ ଆଲୋକ ତୁମ ପାଖେ କିଞ୍ଚିତ ପହଞ୍ଚୁଛି । ଭଲକରି ଦେଖ ତୁମ ପୂଜାର ବେଦୀରେ ମୁଁ କେବଳ ବସି ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିଛି, କେବଳ ଡେଭିଡ ବେରୀ । ଏହି କାଳ କୋଠରୀରର ଦ୍ୱାର ତୁମ ପାଇଁ । ସ୍ୱାଧିନତା କେବଳ ଏଇ ବନ୍ଦୀ ଘରପାଇଁ । ଏହି କୋଠରୀ ଭିତରେ ତୁମେ ସ୍ୱାଧୀନ, ଲୁହା କଡା ତୁମ ହାତ ଆଉ ଗୋଡରେ ଲାଗିଛି । କେତେ ସ୍ୱାଧୀନ ତୁମେ ବୁଝିପାରୁଛତ ? – ଡେଭିଡ ବେରୀ କହିଲା ।

ତୁମ ଭାବିବାର କେବଳ ଓଲଟା । ଏହି ସେଲର ଦ୍ୱାର ମୋ ପାଇଁ ମୁକ୍ତିର ଦ୍ୱାର ।- ଲୋକଟା କହିଲା ।

ତୁମପାଖେ ଏକ ରହିବାର ବିଶ୍ୱାସ ଖାଲି ଅଛି । ଜାଣିଛ ଏଠି ଘଣାରେ କ'ଣ ପେଡାଯାଏ ? ଏଠି ଘଣାରେ ତୁମ ଆତ୍ମାର ମଶାଲକୁ ଚୂନା କରାଯାଏ । ଆଉ ସେଥିରୁ ବାହରେ ନଡିଆ ତେଲ । ସେଇ ତେଲ ସାଧାରଣ ଲୋକଙ୍କୁ ଦେଇଦିଆଯାଏ । ସେମାନେ ତେଲର ମହକରେ ମୁଗ୍ଧ ହୁଅନ୍ତି । ସେଥିରେ ଯେ ଆଲୋକ ମିଶିଛି, ତେଣୁ ଚମକେ । ସୁଗନ୍ଧ ଦିଏ । କିନ୍ତୁ ଏହି ତିଆରି ବିଧି ମୋ ଛଡା କେହି ଜାଣନ୍ତିନି ।- ଡେଭିଡ ବେରୀ ଜୋରରେ କହୁଥିଲା ଆଉ ହସୁଥିଲା ।

ଯାହାହେଉ ତୁମ ହିସାବରେ ତେଲ ଘଣାରୁ ବାହାରୁଥିବା ତେଲ ସୁଗନ୍ଧ ଦିଏ, ଚମକେ ତ । ମୋ ନିଜ ଅବିଶ୍ୱାସ ମୋତେ କେବଳ ଯନ୍ତ୍ରଣା ଦିଏ, ତୁମେ ନୁହଁ । ମୋ ଅପୂର୍ଣ୍ଣ ଆଶା ମୋତେ ଲାଂଛନା ଦିଏ, ତୁମେ ନୁହଁ । ମୋର ବିଶ୍ୱାସ ମୋତେ ସାନ୍ତ୍ୱନା ଦିଏ, ତୁମ ସିପାହୀମାନେ ନୁହଁନ୍ତି । ମୋ ମନ ମୋତେ ତୁମ ଜେଲରୁ ମୁକ୍ତି ଦିଏ, ତୁମ ଦ୍ୱାର ନୁହେଁ । ତୁମେ ମୋ ଠାରୁ ମୁକ୍ତି ଚାହୁଁଛ ଜେଲର ଡେଭିଡ ବେରୀ । ତୁମେ ମୋତେ ବନ୍ଦୀ କରିନ ।- ଲୋକଟା ବଡ଼ ଆବେଗରେ କହିଲା ।

ଅତି ଜୋରରେ ହୋ ହୋ ହୋଇ ହସି ଉଠିଲା ଜେଲର । ତା' ମୁହଁ ବେଲୁନ ଭଳି ଫୁଲିଗଲା ଆଉ ଆଖିଗୁଡା ବାହାରକୁ ବାହାରି ଆସିବା ଭଳି ଲାଗୁଥିଲା । ସେ ହସ ବନ୍ଦ ହେଲାପରି ଲାଗୁନଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଟି ଉତ୍ସାହ ମୋତେ ପରମୁହୂର୍ତ୍ତ ପାଇଁ ଜୀବନ ଦେଉଛି । ତା'କୁ ତୁମେ ନେବ ତ କେମିତି ? ମୋର ଆଉ ଶରୀରର ତ ନାହିଁ, ତୁମେ କାହାକୁ କେଉଁ ଯନ୍ତ୍ରଣା ତ ଦେବ ? ତୁମ ଡରାଣିଆ କୁହାକଥା କେବଳ ତୁମର ପାଗଳପଣିଆ । ଏ ଶରୀର ବାହାରେ ମୋର ଆଉ ଏକ ଜୀବନ ତ ଅଛି । ସେ ଜୀବନକୁ ତୁମେ କେବେ ଦେଖି ପାରିବନି ଜେଲର । ତୁମେ କେବଳ ଅଛ ମୋର ରକ୍ଷଣାବେକ୍ଷଣ କରିବା ନିମନ୍ତେ, ମୋତେ ପାଳିବା ନିମନ୍ତେ, ମୋର ଦାସ ତୁମେ, ମୁଁ ତୁମ କଇଦୀ ତ ନୁହେଁ । ମୋ ବିନା ତୁମର ଅସ୍ତିତ୍ୱ ମଧ୍ୟ ନାହିଁ ଜେଲର । ମୋ ର ଅଛି ଏକ ସ୍ୱାଧୀନ ଶରୀର । ସେ ଶରୀରକୁ ତୁମେ ଛୁଇଁ ପାରିବନି । ତୁମେ ଆଲିଙ୍ଗନ କରିପାରିବନି । ମୋ ସ୍ୱପ୍ନ ମୋ ପାଇଁ ଜୀବନ, ଯାହା ତୁମ ଛୁଆଁର ବାହାରେ । ମୋ ଆଶା ମୋ ପାଇଁ ଦୟାର ସାଗର, ଯାହା କେବେ ଶୁଖିବନି । ବନ୍ଦୀ ନୁହେଁ ମୁଁ କେବେ ତୁମ ଚାରିକାନ୍ଥର ଭିତରେ, ତୁମ କାଳ କୋଠରୀରେ ।- ଲୋକଟା କହିଲା ।

ତୁମେ ଅଗଣାରେ ବୋହୁଥିବା ଶବ୍ଦର ପ୍ରଖର ସ୍ରୋତକୁ କେବଳ ଶୁଣ । ସେତିକି ତୁମପାଖେ ଖାଲି ପହଞ୍ଚିବ । ଶୁଣାଯିବ କେବଳ ପ୍ରତିଧ୍ୱନୀ । ଯନ୍ତ୍ରଣା ବୀଣାର ଧ୍ୱନୀମାନ ତୁମ ଚାରିପାଖେ ମହୁମାଛି ପରି ଗୁଣୁଗୁଣୁ ଶବ୍ଦ କରୁଥିବେ । ଆଉ ସେ ମହୁମାଛିର ଶବ୍ଦ ବହୁତ ମଧୁର । ସେମାନେ କେତେଥର ଡେଣା ଝାଡିଲେ ତା' ତୁମେ ହିସାବ କରିପାରିବନି । କିନ୍ତୁ ଶବ୍ଦ ଶୁଣୁଥିବ । ସେମାନେ କେବଳ ତୁମ ଚାରିପାଖେ ଘୁରିବୁଲୁଥିବେ । ତୁମ ଉପରେ ବସି ଯାଉଥିବେ ।- ଏମିତି କଥା କହି ଡେଭିଡ ବେରୀ ଜେଲ କାନ୍ଥକୁ ଅନାଇଲା ଆଉ ଜୋରରେ ପୁଣି ହସି ଉଠିଲା ।

"ମୁଁ ସର୍ବକର୍ତ୍ତା, କଇଦୀମାନଙ୍କ ବିଧାତା ।" - କଇଦୀମାନଙ୍କ ସ୍ୱାଗତପାଇଁ ତା'ର କିଛି ଧାଡି ମୁଖସ୍ତ ଥିଲା । ସେଇଟା ସେ ପ୍ରାୟ ମୁଖ୍ୟ ଗମ୍ବୁଜରେ ଠିଆହୋଇ ନିଜକୁ ନିଜେ କହି ଚାଲେ । ତା' ସ୍ୱର ସବୁ ସେଲରେ ପହଞ୍ଚେ ବୋଲି ସେ ଜାଣେ । ଅଶ୍ୱତ୍ଥ୍ ଗଛର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପତ୍ର ହଲିବାର ଅର୍ଥ ହେଉଛି ଡେଭିଡ ବେରୀର କଥା ସବୁଆଡେ ପହଞ୍ଚୁଛି । ସେ ନିଜେ କହିଲାମାତ୍ରେ ଗଛର ପତ୍ରକୁ ଲକ୍ଷ୍ୟ କରେ । ସାଙ୍ଗେ ସାଙ୍ଗେ ଗଛର ପତ୍ରମାନ ହଲୁଥାଏ । ସେ ସେହି କେତେଟା ଧାଡି ନାଟକରେ ଡାଇଲଗ ମୁଖସ୍ତ କଲାପରି ଘୋଷିହେଲା ।

"ଶୁଣିନିଅ କଇଦୀମାନେ । ବିଶ୍ୱରେ ଅନ୍ୟ ଜାଗାରେ ଜଣେ ଇଶ୍ୱର ଅଛନ୍ତି । ସେ ଉପର ସ୍ୱର୍ଗରେ ରୁହନ୍ତି । କିନ୍ତୁ ପୋର୍ଟ ବ୍ଲେଆରରେ ଦୁଇଜଣ ଇଶ୍ୱର ଅଛନ୍ତି । ଜଣେ ଉପରେ ସ୍ୱର୍ଗରେ ଆଉ ଜଣେ ଏଇ ପୋର୍ଟବ୍ଲେଆରରେ ସଶରୀରେ ବିଦ୍ୟମାନ । ଆଉ ସେହି ଶରୀରଧାରୀ ଇଶ୍ୱର ହେଲି ମୁଁ । ଉପରର ଇଶ୍ୱର ପରେ ତୁମ କର୍ମ ହିସାବରେ ତୁମକୁ ପରେ ଫଳ ଦେବେ । କିନ୍ତୁ ପୋର୍ଟବ୍ଲେଆରର ଇଶ୍ୱର, ମୁଁ, ଏବେ ଏଇଠି ଫଳ ପ୍ରଦାନ କରିବି । ତେଣୁ କଇଦୀମାନେ ଭଲ ବ୍ୟବହାର କର ।"

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରେବତୀର ପୁନର୍ଜନ୍ମ

ସୁନନ୍ଦା ମହାନ୍ତି



ଆଦିବାସୀ ଅଞ୍ଚଳର କୋମଳମତୀ ଝିଅ ରେବତୀ, ସହରକୁ ବୋହୁ ହୋଇ ଆସିବା ପରେ ନାକେଦମ ହୁଏ ସହରୀ ଢାଞ୍ଚା ଓ ଆଦବ କାଇଦା କଟକଣାରେ । ବଣ ମୂଲକରେ ଗୁରେଇ ଫୁଲ ଗଭାରେ ନାଇ, ଡ଼ାଲ ଖାଇ ଗୀତ ଗାଉଥିବା ଧାଙ୍ଗଡ଼ା ଧାଙ୍ଗଡ଼ି ଭିତରେ ମନୋନୀତ ଧାଙ୍ଗଡ଼ିକୁ ହାତ ଧରି ଭିଡ଼ିନିଏ ଏକ ଧାଙ୍ଗଡ଼ା, ଜୀବନସାଥୀ ରୂପେ । ସେଇଠୁ ଆରମ୍ଭ ହୁଏ ଧାଙ୍ଗଡ଼ିର ପାହାଡି ବଧୂର ଜୀବନ । ବଣରୁ କାଠ ସହିତ ଜଙ୍ଗଲଜାତ ଦ୍ରବ୍ୟ ଯଥା ଝୁଣା, ଲାଖ, ଅଁଳା, ବାହାଡା, ହରିଡ଼ା ମହୁ ଇତ୍ୟାଦି ସଂଗ୍ରହ ସହ ଚାଷବାସରେ ମଧ୍ୟ ସାହାଯ୍ୟ କରେ ସ୍ୱାମୀଙ୍କୁ ପାହାଡି ବଧୂ । ଏମିତିକି କୁକୁର ସହ ଶୀକାର କରେ ବାରହା ହରିଣ, ଠେକୁଆ ଆଦି ଜଙ୍ଗଲୀ ପଶୁ ।

ଯେଉଁଦିନ ଶୀକାର କରୁକରୁ ରେଞ୍ଜର ସାହେବଙ୍କ ହାତରେ ଧରା ପଡିଲା ରେବତୀ ଧାଙ୍ଗଡ଼ି, ହାତକୁ ଧରିଥିଲା ବାବୁଟା, ତ ମନ ବିକିଦେଲା ବାବୁକୁ । ଚାରିଚକ୍ଷୁର ମିଳନ ହେଲା । ବାବୁଟା ବି ପାଗଳ ପରି ଭଲ ପାଇଲା ରେବତୀକୁ, ଆଉ ବୁଝାଇ ଦେଇଥିଲା ଜଙ୍ଗଲୀ ଜନ୍ତୁ ମାରିବା ଅପରାଧ ଅଟେ ଆଉ ଜଙ୍ଗଲରୁ ଗଛ କାଟିବା ଦ୍ୱାରା ମଣିଷର କେତେ କ୍ଷତି । କିଛି ଅବୁଝା ଆଖିରେ ବୁଝୁ ବୁଝୁ ବାବୁର ଘରଣୀ ହୋଇ ସହରକୁ ଆସିଥିଲା ରେବତୀ । ଆସିଲା ଦିନ ବାଆ କାନ୍ଦିଥିଲା ଢେର । ମଝିରେ ମଝିରେ ଆସିବାକୁ କଥା ଦେଇ ରେବତୀ କିନ୍ତୁ ଆସିପାରି ନଥିଲା ବାଆକୁ ଦେଖିବାକୁ ଏ ପାଞ୍ଚ ବରଷ ଭିତରେ, ଯେହେତୁ ରେଞ୍ଜର ସ୍ୱାମୀଙ୍କର ବଦଳୀ ହୋଇଯାଇଥିଲା ଅନ୍ୟତ୍ର ।

ସହରୀ ଚାଲି ଚଳଣି, ପୂଜା ପଦ୍ଧତି, ଓଷା ଉପାସ ଓ ଘର କରଣା ଭିତରେ ପେଷି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଗଲା ବେଳେ ସଂସ୍କୃତି ପରମ୍ପରା ପ୍ରତି ଧ୍ୟାନ ରଖୁ ରଖୁ, କରୁଥିଲା ମାଣବସା, ପୂଜୁଥିଲା ମାଆ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ଆଉ ପଢି ବୁଝି ବୁଝାଉଥିଲା ଲକ୍ଷ୍ମୀବ୍ରତ କଥା, ଯେମିତି ପାଠ ପଢି ବୁଝାଏ ତ୍ରିନାଥ ମେଳା ଉପାଖ୍ୟାନ, ସାବିତ୍ରୀ ବ୍ରତ କଥା ଇତ୍ୟାଦି ।

ଏଥର କିନ୍ତୁ ରେବତୀ ମନରେ ଦ୍ୱନ୍ଦ୍ୱ । ମାଆ ଲକ୍ଷ୍ମୀଙ୍କ ଉପରେ ଅଭିମାନ । ମାଆ ଲୋ, ଯେତେ ଶିଖିଲେ ବି, ଜାଣିଲେ ମଧ୍ୟ, ପଢିବାରେ ଯେତେ ଉନ୍ନତି କରେଇଲେ ମଧ୍ୟ, ମନେ ପଡୁଛି ବାଆ, ଶୁଣିଲେ ମାଆ ଲକ୍ଷ୍ମୀ, ରେବତୀ ଡାକ । କରୋନା ପରେ ନିଜ ଗାଡିରେ ସ୍ୱାମୀ ନେଇଗଲେ ରେବତୀକୁ ତା ବାପଘର ।

ସବୁ ବଦଳି ଯାଇଥିଲା ତା ଗାଁର ଚିତ୍ର । ତା ଗ୍ରାମରେ ବିରାଟ ଜଳପ୍ରପାତର ପ୍ରକଳ୍ପରୁ ବିଦ୍ୟୁତ ଉତ୍ପନ୍ନ ହେଉଛି, ଗ୍ରାମରେ ସ୍କୁଲ ଖୋଲିଛି, ଡାକ୍ତରଖାନାକୁ ରୋଗୀ ଯାଇ ଔଷଧ ଆଣୁଛି ବିନା ପଇସାରେ । ହେଲେ ରେବତୀ ବାଆକୁ ଦେଖିବାକୁ ଦଉଡିଲା । ରାସ୍ତାଘାଟ ଖାଲ ଢିପ ନହୋଇ ସୁନ୍ଦର ପିଚୁ ରାସ୍ତା ଦେଇ ରେବତୀ ବାଆ ବାଆ ଡାକି ପହଁଚିଲା ସତ, ହେଲେ କରୋନା କବଳିତ ବାଆ ନଥିଲା ଜୀବନରେ । ରେବତୀ ବିକଳରେ ବାଆର ଡାକ, ରେବ ଲୋ ଆସିଛୁ ଏତେଦିନେ ଆଉ ଟିକେ ଆଗରୁ ଆସିନଥାନ୍ତୁ ରେବ, ବୋଲି ହୃଦୟରୁ ଶୁଣି ଭୂଇଁ ସାଉଁଟିବା ବେଳକୁ ପଛରୁ ସ୍ୱାମୀ କାଡ଼ମ୍ବିନୀ ଚାଲ ଫେରିଚାଲ, କହି ସାନ୍ତ୍ୱନା ଦେଉଥିଲେ, ଗାଡି ଆଗକୁ ବଢୁଥିଲା ପଛରୁ କଳାହାଣ୍ଡିର ଘୁମୁରା ନାଚ ସହ ବାଆର କଣ୍ଠଶ୍ୱର ରେବ ଲୋ, କାଦମ୍ବିନୀକୁ ମୋହ ମାୟାଜାଲ ଘେରା ବନ୍ଧନରେ ପକେଇ ଦେଉଥିଲା ।

ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦାଢ଼ିର କରାମତି

ସୁଧାଂଶୁ ଶେଖର ଦ୍ୱିବେଦୀ



ଶ୍ରୀଯୁକ୍ତ ବିମ୍ବାଧର ବାବୁଙ୍କ ଶ୍ରୀମତୀ ଖୁଶୁଣି ଦେବୀ ରାଗରେ ଜର୍ଜର ହେଉଥା'ନ୍ତି । ପ୍ରଶସ୍ତ ବାରଣ୍ଡାରେ ବିମ୍ବାଧର ବାବୁ ଓ ତାଙ୍କର କେତେଜଣ ସାହିତ୍ୟିକ ବନ୍ଧୁ ଚା' ସୁଡୁକା ସହିତ ସାହିତ୍ୟ ଚର୍ଚ୍ଚାରେ ବ୍ୟସ୍ତ ଥାଆନ୍ତି । ହଠାତ୍ ଶ୍ରୀମତୀ ଖୁଶୁଣି ଦେବୀ ବକର ବକର ଧ୍ୱନିରେ ସେମାନଙ୍କ ଗୋଷ୍ଠୀ ମଧ୍ୟରେ ଉପସ୍ଥିତ ହୋଇ ଅଭିଯୋଗ ଫର୍ଦ୍ଦ ଦାଖଲ କଲେ - ଆପଣମାନେ ତାଙ୍କୁ ଦେଖୁଛନ୍ତି ତ ? ଏ ବୁଢା ବୟସରେ ତାଙ୍କୁ ଦାଢ଼ି ବଢ଼େଇବା ନିଶା ଘାରିଛି । ଆଜିକାଲି ଫିଲ୍ମରେ, ସିରିଏଲରେ ଯେତେ ସବୁ ନୂଆ ଚେହେରା ଅଭିନୟ କରୁଛନ୍ତି ସମସ୍ତେ ପ୍ରାୟଃ ଦାଢ଼ି ରଖି ବାହରୁଛନ୍ତି । ସେମାନଙ୍କ ଦେଖାଦେଖି ପୁରୁଣା ଚେହେରାମାନେ ବି ଦାଢ଼ି ରଖିଲେଣି । ବୋଧେ ସେଇମାନଙ୍କୁ ଅନୁକରଣ କରି ଆମ ଇଏ ବି ଦାଢ଼ି ବଢ଼ାଉଛନ୍ତି । ମୁଁ ଯଦି ଦାଢ଼ି ଖିଅର ହେବାକୁ କହିବି କହୁଛନ୍ତି କଣ ନା ସମୟ ଅଭାବରୁ ଦାଢ଼ି ଖିଅର ହେବାକୁ ଭୁଲିଯାଉଛି । ଛଳନା କରିବାକୁ ଲୋକ ମିଳୁ ନାହାନ୍ତି ! ଶେଷରେ ନିଜ ହ୍ୱାଇଫ୍ ସହିତ..... ଛି... ଛି.... ଛି....।

ନା-ନା ଆପଣମାନେ କୁହନ୍ତୁ, ତାଙ୍କ ମୁହଁରେ ଦାଢ଼ି ରଖିଲେ କଣ ସୁନ୍ଦର ଦେଖାଯାଉଛି ? ମୋ କଥା ଛାଡ଼ନ୍ତୁ ! ଚିହ୍ନା-ଜଣା, ସାଙ୍ଗ-ସମ୍ବନ୍ଧୀ ଏପରିକି ନିଜ ପୁଅ ଝିଅମାନେ କଣ କହୁଛନ୍ତି ଜାଣନ୍ତି ? କହୁଛନ୍ତି - ତାଙ୍କୁ କୁଆଡେ ବେମାର-ଫେମାର ହେଇଯାଇଛି ! ଏମିତି ବଣ ମଣିଷଙ୍କ ଭଳି ଦାଢ଼ି ଛାଡିଛନ୍ତି କାହିଁକି ? ଆଉ ଇଏ ଆମର ନିଜକୁ ଜଣେ ବହୁତ ବଡ଼ ଫିଲୋଶଫର ମାନି ନେଇଛନ୍ତି ।

ବିମ୍ବାଧର ବାବୁଙ୍କ ମିତ୍ରଗଣ ଶ୍ରୀମତୀ ଖୁଶୁଣି ଦେବୀଙ୍କ ଆକ୍ଷେପରେ ହସ୍ତକ୍ଷେପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବା ପୂର୍ବରୁ ସ୍ୱୟଂ ଆନ୍ଦୋଳନକୁ ସମ୍ଭାଳି କହିଲେ - ଆରେ ସେଇଟା ପ୍ରକୃତ କଥା ନୁହେଁ । ପ୍ରକୃତ କଥା ହେଉଛି ଲେଖା ପଢ଼ା କରୁଥିବା ଲୋକଙ୍କ ପାଖେ ଦାଢ଼ି ଖିଅର ହେବାକୁ ସମୟ କାହିଁ? ଡେଲି ଦାଢ଼ି ସେଭ୍ କରିବା ଅର୍ଥ ଅଧଘଣ୍ଟା ସମୟ ବର୍ବାଦ । ସାହିତ୍ୟ କର୍ମୀଙ୍କର ସମୟ ତ ଏମିତି ବି ବହୁତ ମୂଲ୍ୟବାନ୍ । କେତେବେଳେ କୋଉ ବିଚାର ଆସି ମଗଜରେ ପଶିଯିବ ପୁଣି ତାକୁ କାଗଜରେ ଉତ୍ତାରିବାକୁ କେବେ ଆବଶ୍ୟକ ପଡିଯିବ କେହି କଣ ତାହା ପୂର୍ବାନୁମାନ ଲଗେଇପାରିବ? ତାଛଡା ଲେଖିବା କର୍ମର କୌଣସି ନିଶ୍ଚିତ ସମୟ ନଥାଏ । ତାପରେ ବି ଗୋଟେ ଖାସ୍ ଫାଇଦା ଯେ ମୁଁ ଦାଢ଼ି ବଢ଼େଇ ସମୟ ଓ ପଇସା ଖର୍ଚ୍ଚାନ୍ତରୁ ସୁରକ୍ଷିତ ।

ଏତିକିବେଳେ ସାହିତ୍ୟ ବନ୍ଧୁ ଗୋବର ମିଶ୍ର କଟା ଘା'ରେ ଲୁଣ ଛାଟିଲେ - ଭାଉଜ ଠିକ୍ କଥା କହୁଛନ୍ତି ଭାଇ ! ଯେ ପର୍ଯ୍ୟନ୍ତ ତୁମେ ଚାକିରୀରେ ଥିଲ କେତେ ଯେ ଚିକଣ ଚାକଣ ହେଉଥିଲ ତାହା କଣ ମୁଁ ଦେଖିନି ! ଆଃ - କି କ୍ଲିନ୍ ସେଭ୍ ! ଲାଗୁଥିଲା ଯେମିତି ତୁମେ ଦିନରେ ଦୁଇଥର ସେଭ୍ ହେଉଛ ! ପୁଣି ଚୁଳରେ କି ରସାୟନ ଲେପ ଦେଉଥିଲ ଯେ ଗୋଟେ ବି ଶୁଭ୍ର ଚୁଳ ବାହାରି ଗଜା ଟୋକାଙ୍କୁ ଚିଢ଼େଇ ପାରିବ ! ହେଲେ ଭାଇ ! ଏବେ ତୁମ ଚନ୍ଦା ମୁଣ୍ଡରେ ଚୁଳ ସବୁ ଶୁଭ୍ର ବେଶ ଧରିଲେଣି । ବୋଧହୁଏ ସେଇଥିପାଇଁ ଭାଉଜ ତୁମ ସହିତ କୋଉଠି କୁ ଯିବା ଆସିବା କରିବାକୁ ସଂକୋଚ କରୁଛନ୍ତି ।

ବିମ୍ବାଧର ବାବୁ ଠିକ୍ ଜାଣିପାରିଲେ ଏସବୁ ନାଟର ଗୋବର୍ଦ୍ଧନ ଗୋବର ମିଶ୍ର । ଶ୍ରୀମତୀଙ୍କୁ ଉସୁକେଇବାରେ ତାଙ୍କରି ବାଣୀ ସପୋର୍ଟ କରୁଛି । ସ୍ୱୟଂ ସେ ନିଜ ଶ୍ରୀମତୀଙ୍କ ଭାବ ମୁଦ୍ରାକୁ କିଛି କ୍ଷଣ ଅନୁଧ୍ୟାନ କଲେ । ଗୋବର ମିଶ୍ରଙ୍କ ଆକ୍ଷେପକୁ ସେ ବେଶ୍ ସମର୍ଥନ କରୁଛନ୍ତି । ଅଗତ୍ୟା ପୁଣିଥରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଲେ - ବୁଝିଲ ମିଶ୍ରେ ! ସେ ସମୟ ଅଲଗା ଥିଲା । ବୟସର ଛାପ ଏକ ପ୍ରକାର ଭିନ୍ନ ଥିଲା । ଚାକିରୀ କ୍ଷେତ୍ରରେ ସେବରନେଶ୍ ହେବା ସବୁଠୁ ଅତ୍ୟନ୍ତ ଜରୁରୀ ହେଉଥିଲା । କ୍ଲିନ୍ ସେଭ୍ ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଫିସର ଲୋକଙ୍କ ପ୍ରତି ଏକ ଅଲଗା ଇମେଜ ପଡିଥାଏ । ସେ ଅତୀତକୁ ଛାଡିଦିଅ । ଏବେ ତୁମେ କହିଲ ମୁଁ କଣପାଇଁ ଦାଢ଼ି ବଢ଼େଇଛି ?

ଇତ୍ୟବସରରେ ଅନ୍ୟ ଜଣେ କବି ମିତ୍ର ବାର୍ତ୍ତାଳାପ ମଝିକୁ କୁଦି ପିଡ଼ିଲେ - ଆରେ ଆପଣ ତ ଦାଢ଼ି ବଢ଼େଇ ଭଲ ସୁଆଙ୍ଗ ରଚିଛନ୍ତି ।

ଯେମିତି ନେତା, ନେତ୍ରୀ, କୁଜିନେତା, ମନ୍ତ୍ରୀମାନେ ଶୁଭ୍ର ବସ୍ତ୍ର ପରିଧାନ କରି ଅନ୍ୟମାନଙ୍କ ଦୃଷ୍ଟିରେ ନିର୍ମଳ ଭାବମୂର୍ତ୍ତି ହୋଇଯା'ନ୍ତି ଅବିକଳ ସେଇଭଳି ଆପଣଙ୍କର ବର୍ତ୍ତମାନର ବିଚାରଧାରା ।

ବିମ୍ବାଧର ବାବୁ ମିତ୍ରଙ୍କ କଟାକ୍ଷରେ ରୁକ୍ଷ ମୁଦ୍ରା ଧାରଣ କରିନେଲେ - ଆପଣ ସ୍ୱୟଂ ଚାଲୁଣି ହୋଇ ଚଲାର ଦୋଷ ବାହାର କରୁଛନ୍ତି ! ନିଜେ ଅମିତାଭ ବଚ୍ଚନ ଭଳି ଫ୍ରେଞ୍ଚ୍ କଟ୍ ଦାଢ଼ି ରଖିଛନ୍ତି ଅଥଚ ମୋତେ ଉପଦେଶ ଶୁଣାଉଛନ୍ତି !

କଥାର ସୂଅ ଅମାନିଆ ହେବାର ଜାଣି କବି ମିତ୍ର ନିଜର ଅସଂଯତ ଅବସ୍ଥାକୁ ସଜାଡି କହିଲେ - ମୁଁ ସେ ଫିଲ୍ମ ଲୋକଙ୍କୁ ଦେଖି ଏଭଳି ଦାଢ଼ି ଛାଡିନାହିଁ । ଆପଣ ତ ବହୁ ପୂର୍ବରୁ ଜାଣିଛନ୍ତି ମୁଁ ସାମ୍ୟବାଦୀ ବିଚାରଧାରାର ଜଣେ ଦୃଢ଼ ସମର୍ଥକ । ଲେନିନ୍ଙ୍କ ଆଶୀର୍ବାଦ ମୋ ଉପରେ  ବହୁ ପରିମାଣରେ ଲାଗୁ ହୋଇଛି । ନିଜର ଏକ ସ୍ୱତନ୍ତ୍ର ପରିଚୟ ନମନ୍ତେ ମୁଁ ଲେନିନ୍ କଟ୍ ଦାଢ଼ି ରଖିଛି ।

ପରମୁହୂର୍ତ୍ତରେ ଗାଳ୍ପିକ ମଙ୍ଗୁଲୁ ନାୟକ ବିମ୍ବାଧର ବାବୁଙ୍କୁ ସମର୍ଥନ କରି ବଖାଣିଲେ - ଭାଉଜ ! ଭାଇ ଆମର ଦାଢ଼ି ରଖିଲେ ସେମିତି କିଛି ଖରାପ ତ ଦେଖାଯାଉ ନାହାନ୍ତି । ଆପଣଙ୍କୁ ତ ମାଲୁମ୍ ଥିବ ପୂର୍ବ କାଳରେ ରାଜା-ମହାରାଜା, ନବାବ୍-ବାଦଶାହା, ଋଷି-ମୁନିମାନେ ଦାଢ଼ି ରଖୁଥିଲେ । ପରେ ପରେ ଏହି ପରମ୍ପରା ଏଯାଏ ଜାରି ରହିଛି । ବଡ଼ ବଡ଼ ବିଦ୍ୱାନମାନେ ଦାଢ଼ି ରଖିବାର କରାମତିକୁ ଆପଣେଇ ଦେଶ ସମାଜ ପାଇଁ ଅନବାଦ୍ୟ ସୃଷ୍ଟି ସମୂହ ଛାଡି ଯାଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତତକ୍ଷଣାତ୍ ହାସ୍ୟ ବ୍ୟଙ୍ଗ କବି ରସରାଜ ଦାସ ବାତାବରଣରେ ରସ ଗୋଳେଇବା ଆରମ୍ଭ କରିଦେଲେ - ଭାଉଜ ! ଆପଣଙ୍କୁ ତ ଜଣାଥିବ ଭିକାରୀମାନେ ଦାଢ଼ି ରଖି ଭିକ୍ଷା ବୃତ୍ତିରେ ନିବୃତ୍ତ ରୁହନ୍ତି । ସେମାନଙ୍କୁ କୋଉଠି ଫୁର୍ସତ୍ ମିଳେ ଦାଢ଼ି ଖିଅର ହେବାକୁ ! ରାତି ପାହୁ ପାହୁ ହାତରେ ଝୁଲା, ବେଲା ଧରି ବାହାରି ପଡ଼ନ୍ତି ।

ହାସ୍ୟ - ବ୍ୟଙ୍ଗ କବିଙ୍କ ବାକ୍ୟରେ ବିମ୍ବାଧର ବାବୁ ମାତ୍ରାଧିକ ସନ୍ତୁଷ୍ଟ ହୋଇ ବାକ୍ୟ ସମୂହକୁ ଆଗକୁ ବଢ଼ାଇଲେ - ସ୍ଥାପିତ ତଥ୍ୟ ଅନୁସାରେ ଦାଢ଼ି ରଖୁଥିବା ପୁରୁଷଙ୍କ ଅପେକ୍ଷା କ୍ଲିନ୍ ସେଭ୍ ପୁରୁଷଙ୍କ ଠାରେ ଅଧିକ ବେକ୍ଟେରିଆ ମିଳିଥାଏ । ଚିକିତ୍ସା ଶାସ୍ତ୍ରୀ କହନ୍ତି - ଯଦି କାହାକୁ ଫୁଲର ପରାଗ ଓ ଧୂଳିକଣା ଜନିତ ଏଲାର୍ଜି ହେଉଥାଏ ତାହା ଦାଢ଼ି ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ଅତ୍ୟଳ୍ପ ଏଟାକ୍ କରେ । ତାଛଡା ଆମେରିକାର ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ଯାଏ ସମସ୍ତେ ଦାଢ଼ିର ସୌକିନ୍ ଥିଲେ । ଆମ ଦେଶର ପ୍ରଧାନମନ୍ତ୍ରୀ ସ୍ୱୟଂ ଖୁବ୍ ସାବଧାନରେ ଦାଢ଼ିର ଯତ୍ନ ନିଅନ୍ତି । ଏହା ବି ସତ୍ୟ ଦାଢ଼ିର ସମ୍ପର୍କ ପୁରୁଷଙ୍କ ଜ୍ଞାନ ଓ ବୁଦ୍ଧିମତ୍ତା ସହିତ ଜଡିତ । ସେକ୍ସପିୟର, ପ୍ଲାଟୋ ସକ୍ରେଟସ୍, ଗାଲିଲିଓ, କାର୍ଲମାକ୍ସ ଏମାନଙ୍କ ମୁଖରେ ଦାଢ଼ିର ଶୋଭା ମହାନ୍ ଦାର୍ଶନିକ ରୂପେ ସୃଷ୍ଟି କରିଥିଲା । ତେଣୁ ଏହା ସ୍ୱଭାବିକ ଯେ ସେମାନେ ନିଜ ବିଚାରଧାରାରେ ନିମଗ୍ନ ରହି ଦାଢ଼ି ଖିଅର ହେବାକୁ ସମୟ ପାଉନଥିଲେ । ମୋ ଅବସ୍ଥା ମଧ୍ୟ ଠିକ୍ ସେମାନଙ୍କ ପରି, ଦାଢ଼ି ସେଭ୍ ହେବାକୁ ବେଳ କାହିଁ ?

ଶ୍ରୀମତୀ ଖୁଶୁଣି ଦେବୀ ଅନେକ ସମୟ ଯାଏ ଶ୍ରୀଯୁକ୍ତଙ୍କ ବାଣୀ ଓ ଅନ୍ୟମାନଙ୍କର ତର୍କ-କୁତର୍କକୁ ଶୁଣୁଥା'ନ୍ତି । ହଠାତ୍ ମୁହଁକୁ ଭଣ ଭଣ କରି ବିମ୍ବାଧର ବାବୁଙ୍କ ବାଣୀରେ ବିରାମ ଚିହ୍ନ ଲଗାଇଲେ - ଦେଖ ! ନିଜକୁ ଏତେବଡ଼ ଦାର୍ଶନିକ ହେବା ଦରକାର ନାହିଁ । ସ୍କୁଟରରେ କାର ଚାବି ଲଗେଇ ଷ୍ଟାର୍ଟ କରୁଛ ! ଘରେ ପିନ୍ଧୁଥିବା ସ୍ଲିପର ପିନ୍ଧି ପାର୍ଟି ଫଙ୍କସନ୍ ଏଟେଣ୍ଡ୍‌କୁ ଚାଲି ଯାଉଛ ! କେବେ ଚଷମା ଭୁଲି ଯାଉଛ ତ କେବେ ଘଡି କି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର୍ସ ! ଏସବୁ ଦାର୍ଶନିକ ହେବାର ସୁ-ଲକ୍ଷଣ ନୁହେଁ । ବରଂ ସ୍ୱୀକାର କରିନିଅ ପକ୍ୱ ଅବସ୍ଥା ମଗଜରେ ଠକ୍ ଠକ୍ କଲାଣି । ଏଲଯାଇମର ବେମାରୀ ତୁମ ଭିତରେ ଏଟାକ୍ କରି ସାରିଲାଣି । ଦାଢ଼ି ଫାଡ଼ି ବଢ଼େଇଲେ କେହି ବୁଦ୍ଧିଜୀବୀ ବୋଲି ପ୍ରମାଣିତ ହୁଏ ନାହିଁ । ପ୍ରଥମେ ଡକ୍ଟର ପାଖକୁ ଯାଇ ରୋଗର ଇଲାଜ କର । ଯଦି ସମ୍ଭବ ହୁଏ ତୁମର ଏ ବନ୍ଧୁମାନଙ୍କୁ ବି ଡକ୍ଟରଙ୍କ ପାଖେ ଟେଷ୍ଟ କରିବାକୁ ନେଇଯାଅ । ଏମାନେ ବି ସବୁବେଳେ ନିଜ ଘରର ରାସ୍ତା ଭୁଲି ଗୋଷ୍ଠୀ-ସଂଗୋଷ୍ଠୀରେ ଭୋଳ ହେଇ ଯାଉଛନ୍ତି ।

ଶ୍ରୀମତୀ ଖୁଶୁଣି ଦେବୀଙ୍କଠାରୁ ଏତେସବୁ ମହତ ଉପଦେଶ ଶୁଣିବା ପରେ କାହାକୁ ବି ସଭା ସମାପନର ଘୋଷଣା କରିବାକୁ ହୋଶ୍ ରହିଲା ନାହିଁ । ସମସ୍ତେ ନିଜ ନିଜ ମାର୍ଗରେ ଆଗକୁ ବଢିଲେ । ବିଚରା ବିମ୍ବାଧର ବାବୁ ନିକଟସ୍ଥ ଜେଣ୍ଟସ୍ ପାର୍ଲରକୁ ଯାଇ ଚୁପଚାପ୍ ଦାଢ଼ି-ଚୁଳ କଟା ହେଉଥିବା ଚେୟାରରେ ବସିପଡିଲେ ।

ବିସି-୭୪,ସଲ୍ଟ ଲେକ୍,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁନର୍ମିଳନ

ଦିବାକର ନାୟକ



କରୋନା ସମୟର କଥା । ମୁଁ ବ୍ରହ୍ମପୁରରୁ ଆସି କନିସି ହାଟରେ ପହଞ୍ଚି ଘର ଆଗ ପର୍ଟିକୋ ଛାଇରେ ମୋ ସ୍କୁଟିଟିକୁ ରଖି ଘର ଭିତରକୁ ଗଲି ।  ଭଲ ଭାବରେ ହାତକୁ ସାନିଟାଇଜଡ୍ କରି ଫ୍ରେସ୍ ହୋଇ ପନ୍ଦର ମିନିଟ୍ ଟିକିଏ ଚୁପ୍ ଚାପ୍ ବସି ରହିଲି ।

ସେତେବେଳେ ତ ଚାରିଆଡ଼େ ଲକ୍ ଡାଉନ୍, ସଟ୍ ଡାଉନର ମାହୋଲ ଭିତରେ ମଣିଷ ଅଣନିଃଶ୍ୱାସୀ ହେଇଯାଉଥାଏ; ଅବଶ୍ୟ କୋରନା ଆକ୍ରାନ୍ତ ହୋଇ କରୁଣ ପରିସ୍ଥିତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବାଠାରୁ ମାସ୍କର ସଠିକ୍ ଓ ନିରନ୍ତର ପରିଧାନ ସେତିକି କଷ୍ଟଦାୟକ ନୁହେଁ । ନିଜର ଓ ଅନ୍ୟର ସୁରକ୍ଷା ତ ଜରୁରୀ ।

ମୋ ମନରେ ଗୋଟିଏ ଭାବନା ବାଟ ସାରା ଆନ୍ଦୋଳିତ କରୁଥାଏ । ଆସିଲା ବେଳେ ଲାଞ୍ଜିପଲ୍ଲୀ ବାଇପାସରେ ଗାଡ଼ି ଚେକିଂ ଚାଲିଥାଏ ।  ଦୃତ ଗତି-ମହାବିପତ୍ତି, ତେଣୁ ମୋର ସ୍ପିଡ୍ ସର୍ବଦା ମଧ୍ୟମ । ହେଲେ ବି ଦୂରରୁ ଚେକିଂ ପ୍ରତି ସର୍ବଦା ସତର୍କ ଥାଏ । ତଥାପି କୌଣସି କାରଣରୁ ଚେକିଂର ସମ୍ମୁଖୀନ ହେବାକୁ ପଡ଼ିଲା । ଯେ ହେତୁ ହେଲମେଟ୍ ଭିତରେ ବି ମୁଁ ମାସ୍କ ପିନ୍ଧିଥିଲି, ତେଣୁ ଆଶ୍ୱସ୍ତ ଥିଲି । ଜଣେ ପୋଲିସ୍ ଯେତେବେଳେ ମୋତେ ଗାଡ଼ିର କାଗଜପତ୍ର ମାଗିଲେ ଡିକି ଖୋଲି ଦେଖେ ତ ତାହା ନାହିଁ, ଗାଡ଼ି ଧୋଇଲାବେଳେ ବାହାର କରି ଆଉ ବୋଧହୁଏ ରଖିନାହିଁ । ଡିଜିଲକର୍ ଆପ୍ ଖୋଲି ଦେଖେଇଲା ବେଳେ ନେଟ୍ ଡେଡ୍ ସ୍ଲୋ ।

ସେ କହିଲେ- ମାଡାମ୍, ପର୍ସରେ ଯଦି ଆଧାର କାର୍ଡ଼ ଅଛି ତ ଦେଖାନ୍ତୁ । ପର୍ସରୁ ବାହାର କରି ପିଭିସି ଆଧାର କାର୍ଡ଼ ଦେଖେଇଲି । ନାମ ଓ ଠିକଣା ଦେଖିଲା ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଠାତ୍ ତାଙ୍କର ମୁହଁର ଭାବ ବଦଳିଗଲା । ତାଙ୍କ ପାଟିରୁ ହଠାତ୍ ବାହାରି ପଡ଼ିଲା- ଆରେ, ଆରେ ତୁମେ ସେଇ ନିୟତି । ମାନେ ନିୟତି ପଣ୍ଡା । ଖଲିକୋଟ କଲେଜ ଷ୍ଟୁଡେଣ୍ଟ୍ ।

ଏହାପରେ ତାଙ୍କ ମୋବାଇଲରେ ସେ ମୋ ଆଧାର କାର୍ଡ଼ର ଫୋଟ ଉଠେଇ ନେଇ ମୋତେ ଛାଡ଼ିଦେଲେ । ମୋତେ ସେହି ପୋଲିସ୍ ବାବୁଙ୍କ ହାବଭାବ ଦରଚିହ୍ନା ଦରଚିହ୍ନା ଲାଗୁଥିଲା ଯେତିକି ଦ୍ୱନ୍ଦ୍ୱରେ ପକାଉଥିଲା ବି ସେତିକି । କିଛି ପଚାରିବାକୁ ଇଛା ଥିଲେ ବି ପୋଲିସ୍ ପାଖରୁ ଯେତେ ଜଲଦି ମୁକଳି ଆସିବ, ସେତେ ଭଲ ବୋଲି ମୁଁ ଭାବୁଥିଲା ବେଳେ ହଠାତ୍ କଲ୍ ଆସିଲା । ବର୍ତ୍ତମାନ ତ ଅଧିକ ଅନ୍ ଲାଇନ୍ ସପିଙ୍ଗରୁ ଏମିତି କଲ୍ ଆସିଥାଏ । ବାଞ୍ଛିତ କଲ୍ ପାଇଁ ଯେତିକି ଉତ୍କଣ୍ଠା, ଅବାଞ୍ଛିତ କଲ୍ ପାଇଁ ସେତିକି ବିରକ୍ତି ଭାବ । ଏଣେ ଡାଟା ଚୋରି ହେଉଥିବା ଗୁଜବ ଶୁଣି ମୁଁ ଟ୍ରୁକଲ୍ ଆପ୍ ତ କେବେଠୁ ଡିଲିଟ୍ କରି ସାରିଛି । ପୁଣି ସବୁ ନୂଆ ନମ୍ବରର କଲକୁ ଏଡ଼ାଇ ଦେବା ବି ଠିକ୍ ନୁହେଁ । ତେଣୁ ଡ୍ରାଇଭିଂ କଲା ବେଳେ ବା ଆଟେଣ୍ଡ କରି ନଥିବା କଲକୁ ମୁଁ ସମୟ ସୁବିଧା ପାଇଲା ପରେ ନିଶ୍ଚିତ ଭାବେ ରିକଲ୍ କରିଥାଏ । କିନ୍ତୁ କାହିଁକି କେଜାଣି ଏହି କଲ୍ ରିସିଭ୍ କରିବାକୁ ଇଛା ହେଲାନି । ବାରମ୍ବାର କଲ୍ ଆସିବାରୁ ଅନିଛାକୃତ ଭାବରେ ବ୍ଲକ୍ କରି ସ୍ପାମ୍ ବୋଲି ରିପୋର୍ଟିଂ କରିଦେଲି । ହେଲେ କାହିଁକି କେଜାଣି ମନଟା ଟିକିଏ ଆଉଟୁ ପାଉଟୁ ହେଲା । ଉଷୁମ ପାଣି ଟିକିଏ ପିଉ ପିଉ ପୁଣି ଏକ ନୂଆ ନମ୍ବରରୁ କଲ୍ ଆସିଲା । ଏଥର କିନ୍ତୁ ଅଜାଣତରେ ବି ତତକ୍ଷଣାତ୍ କଲ୍ ରିସିଭ୍ କରିଦେଇ କହିଲି- ଆଜ୍ଞା, କିଏ କହୁଛନ୍ତି ?

- ଆରେ ମୋତେ ଚିହ୍ନି ପାରୁନ କି ?

- କାହିଁ ନାହିଁ ତ !

- ଆରେ ମୁଁ ପରା ତମର ସେଇ ଦିବାକର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

- ଦିବାକର !

ଆଶ୍ଚର୍ଯ୍ୟ ଓ ବିରକ୍ତ ହୋଇ ପୁଣି କହିଲି - କୋଉ ଦିବାକର ? ମୁଁ କୋଉ ଦିବାକରକୁ ଜାଣିନି । ବୋଧହୁଏ ରଙ୍ଗ ନମ୍ବର । ରଖୁଛି ।

ଏତିକି କହି ଫୋନ୍ କାଟିଦେଲି ସେ ଆଉ କିଛି କହିବା ଆଗରୁ । ହଁ, ଏମିତି ବେଳେବେଳେ ହୁଏ, ଜଣକୁ କଲ୍ କଲେ ଜଣକୁ ଲାଗିଯାଏ ଅଥବା ନୂଆ ନମ୍ବର ଡାଏଲ୍ କରୁକରୁ ଗୋଟିଏ ଅଙ୍କ ବଦଳିଗଲେ ଆଉ ଜଣକୁ ଲାଗିବା ସ୍ୱାଭାବିକ । ଏମିତି ଭାବୁଛି ସେହି ନମ୍ବରରୁ ପୁଣି କଲ୍ ଆସିଲା । ଉଠଉ ଉଠଉ ଉତ୍ସାହପୂର୍ଣ୍ଣ କଣ୍ଠରେ ସେ କହିଲେ- ଆରେ, ଏ ଫେୟାର୍ ଆଣ୍ଡ ଲଭଲି ।

ଏ ନାମରେ ଜଣେ ହିଁ ମୋତେ ଡାକେ । ତେଣୁ 'ଫେୟାର୍ ଆଣ୍ଡ ଲଭଲି' ଡାକଟା ଶୁଣି ଛାତିଟା ଧଡକିନା ହେଲା । ଆଉ ମୋତେ ମନେହେଲା, ସବୁ ନଦୀ ଅଟକି ଗଲା କି, ଉଡୁଥିବା ପକ୍ଷୀ ଆକାଶରେ ସ୍ଥାଣୁ ପାଲଟିଗଲା କି ! ଭାବନାର ଖିଅ ଛିଣ୍ଡାଇ ସେପଟୁ ପୁଣି ଶୁଭିଲା - ଆରେ, ଏ ଫେୟାର୍ ଆଣ୍ଡ ଲଭଲି । କ'ଣ ଭାବୁଛ ?

ମୁଁ ପଚାରିଲି - ତୁମେ ସେଇ..ସେଇ ନା ?

କଥା ଛଡ଼େଇ ସେ କହିଲେ - ହଁ ହଁ, ମୁଁ ତୁମର ସେଦିନର ସେଇ ଡିଅର୍ ଇଡିୟଟ୍ ପ୍ରୀତିକାନ୍ତ । କିନ୍ତୁ ତମେ ପ୍ରେମରେ ମୋତେ ଦିବାକର ବୋଲି ନୂଆ ନାମଟିଏ ଦେଇଥିଲ । କାରଣ ପୃଥିବୀରେ ଦିନ ହେଉ କି ରାତି ହେଉ, ଦିବାକର ମାନେ ସୂର୍ଯ୍ୟ, ସେ ଅନବରତ ଜଳେ ପଦ୍ମ ପାଇଁ । ଆଉ ମୁଁ ବି ସେମିତି ଅହର୍ନିଶ ଜଳୁଛି କେବଳ ତୁମ ପାଇଁ ନିୟତି, କେବଳ ତୁମ ପାଇଁ । ଯାହାକୁ ମୁଁ ଫେୟାର୍ ଆଣ୍ଡ ଲଭଲି ବୋଲି ଡାକେ । ଚିଡ଼େଇବାକୁ ଇଚ୍ଛା ହେଲେ 'ଫାୟାର ବଟ୍ ଲଭଲି' କହେ । ମୁଁ ତମର ସେଇ ପ୍ରୀତିକାନ୍ତ ଓରଫ୍ ଦିବାକର ।

ମୁଁ କ୍ଷଣିକ ସକାଶେ ନିଶବ୍ଦ ହେଇଗଲି । ଭାବ ପ୍ରବଣତାର ଅଶ୍ରୁ ଆଖିକୁ ମୋର ଆର୍ଦ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଦେଲା । ହୃତ୍ ସ୍ପନ୍ଦନ ସ୍ତବ୍ଧ ହେଲା ଭଳି ମନେ ହେଉ ହେଉ ମୋ ପାଟିରୁ ବାହାରି ପଡିଲା - କି ଭାଗ୍ୟ ମୋର । ଆଚ୍ଛା, ମୋ ନମ୍ବର ପାଇଲ କେମିତି ?

ପ୍ରୀତିକାନ୍ତ ମୁରୁକି ହସି କହିଲେ - ଆଜି ଯାଏ ଏତେ ବର୍ଷ କଟିଗଲା ତୁମକୁ ଖୋଜି ଖୋଜି । କଲେଜ ପରେ ଆମ ଭିତରେ କଣ୍ଟାକ୍ଟ ରହି ପାରିଲାନି ତୁମେ ବାରମ୍ବାର ମୋବାଇଲ୍ ନମ୍ବର ବଦଳେଇବା ଯୋଗୁଁ । କିନ୍ତୁ ମୁଁ ବଦଳି ନ ଥିଲି । ସର୍ବଦା ତୁମରି ଅନୁସନ୍ଧାନରେ ଥିଲି । ଅଳ୍ପ ସମୟ ପୂର୍ବରୁ ବାଇପାସରେ ତୁମ ଗାଡ଼ି ଚେକିଂ ବେଳେ ତୁମର ସେହି ଆଧାର କାର୍ଡ଼ରୁ ତୁମ ମୋବାଇଲ୍ ନମ୍ବର ପାଇଲି ନାହିଁ ଯେ, ମୋର ଏକମାତ୍ର ପ୍ରେମିକାର ଠିକଣା ପାଇଗଲି । ସେଥିରେ ତୁମ ସ୍ୱାମୀ ପରିବର୍ତ୍ତେ ତୁମ ପିତାଙ୍କ ନାମ ଦେଖି ସବୁ ବୁଝିଗଲି । ତୁମେ ଏବେ ବି ଅବିବାହିତା ।

ଖୁସିରେ ମନ ନାଚି ଉଠିଲା । ମଧ୍ୟାହ୍ନଟା ହଠାତ୍ ପୂର୍ବାହ୍ନ ଭଳି ଅନୁଭବ ହେଲା । ନିଦାଘଟା ରିଭର୍ସ ହୋଇ ଫାଲ୍ଗୁନ ଫାଟକରେ କରାଘାତ କଲା । କ୍ୟାଲେଣ୍ଡରର ମସିହାଟା ବଦଳିଯାଇ ଦଶ ବର୍ଷ ତଳର ହେଇଗଲା । ଟିକିଏ ଆଗରୁ ଅଟକି ଥିବା ନଦୀଟା ବହିଯାଇ ସାଗରରେ ମିଶିଗଲା ଯେମିତି । ଆଉ ଆକାଶରେ ସ୍ଥାଣୁ ପାଲଟିଥିବା ସେହି ବିହଗର ଡେଣା ମୋ ମନରେ ଲାଗିଯାଇ ଉଡ଼ିବାକୁ ଲାଗିଲା ନୂଆ ନୀଡ଼ ରଚିବା ପାଇଁ । ମୁଁ ଅନୁଭବ କଲି ମୋ ନହୁଲୀ ସ୍ୱପ୍ନର ଧୂଆଁ ଧୂଆଁ ବଳୟ ଓ ଭୁରଭୁରୁ ମଳୟ ଗନ୍ଧ ଭିତରେ ଯେମିତି ମୁଁ ହଜି ହଜି ଯାଉଛି ପ୍ରୀତିକାନ୍ତ ସହିତ..

ଆଉ ସତେ କି ସେତେବେଳେ ଦିଗବଳୟରୁ ପ୍ରତିଧ୍ୱନିତ ହେଉଥିଲା ପୁନର୍ମିଳନର ସୁମଧୁର ସଙ୍ଗୀତ...

ପ୍ରୀତିକାନ୍ତ - ସାଗର ମୁଁ ପାଇଗଲି ନଈକୁ

ହୃଦୟରେ ଉଠେ ଆଜି ଜୁଆର

ନିୟତି- ଚନ୍ଦ୍ରମା ତୁ ଛୁଇଁଦେଲୁ କଇଁକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲୁ ପର, ହେଲୁ ଆଜି ନିଜର (୦)

ନି- ଯଉବନ ମୋର ଥିଲା ମରୁଭୂମି

ସବୁଜିମା କଲୁ ସାଜି ମଉସୁମୀ ;

ପ୍ରୀ- ତୋ ପାଇଁ ଥିଲି ମୁଁ ବାଆଁରା ବିହଗ

କିଣିନେଲା ମନ ତୋ ମିଠା ସୋହାଗ ;

ନି- ଧରଣୀ ମୁଁ, ଚୁମିଲୁ ତୁ ଆକାଶ

ପ୍ରୀ- ଜୀବନେ ମୋ ଭରିଗଲା ପ୍ରକାଶ

ଦୁହେଁ- ଜଣେ ଫୁଲ ହେଲେ ଜଣେ ଭଅଁର...

ଥିଲୁ ପର, ହେଲୁ ଆଜି ନିଜର (୧)

ପ୍ରୀ- ପ୍ରତୀକ୍ଷା ବେଦିରେ ପ୍ରେମ ହାରେ ନାହିଁ

ମଧୁର ବେଳାକୁ ରହିଥାଏ ଚାହିଁ

ନି- ଏ ଭଲ ପାଇବା ଆଜିକାର ନୁହେଁ

ଜନମ ଜନମ ତପଫଳ ଇଏ

ପ୍ରୀ- ତନୁରେ ମୋ ଜଗାଇଲୁ ପୁଲକ

ନି- ପ୍ରେମରେ ତୁ ଭିଜାଇଲୁ ମୂଳକ

ଦୁହେଁ- ଖୋଲିଗଲା ପ୍ରଣୟର ଦୁଆର...

ଥିଲୁ ପର, ହେଲୁ ଆଜି ନିଜର (୨)

ପାଟପୁର, କନିସି, ଗଞ୍ଜାମ

ମୋ: ୯୯୩୮୬ ୧୯୯୮୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କମିଟମେଣ୍ଟ : ଏକ ଅନୁଭୂତି

ସୌମ୍ୟରଞ୍ଜନ ପାଢ଼ୀ



କମିଟମେଣ୍ଟ ବା ପ୍ରତିଶ୍ରୁତି ଏହା ସାଧାରଣତଃ ରାଜନୈତିକ କ୍ଷେତ୍ରରେ ବହୁତ ବ୍ୟବହାରର ନଜିର୍ ରହିଛି ହେଲେ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ଯେ କମ ଏହାକୁ ଅଗ୍ରାହ୍ୟ କରିପାରିବା ନାହିଁ । କମିଟମେଣ୍ଟ ବା ପ୍ରତିଶ୍ରୁତିର ସଂଜ୍ଞା ସେତେବେଳେ ଠିକ୍ ଯେତେବେଳେ ପର୍ଯ୍ୟନ୍ତ ଆପଣ ଏହାକୁ ପାଳନ କରୁଥିବେ, ନଚେତ୍ ପ୍ରତିଶ୍ରୁତି ଭାଙ୍ଗିଲେ ଆପଣ ସମସ୍ତଙ୍କର ଖରାପ ହେବେ ଏବଂ ସମାଲୋଚନାର ଶିକାର ମଧ୍ୟ ହେବେ । ହେଲେ ମୋ ମତରେ ଯେଉଁଥିରେ ଆପଣ ଶତ ପ୍ରତିଶତ ସଫଳ ହେବେ ବୋଲି ଆକଳନ କରିପାରିଛନ୍ତି କିମ୍ବା ଆପଣ ସକ୍ଷମ ସେ କ୍ଷେତ୍ରରେ ଆପଣ ପ୍ରତିଶ୍ରୁତି ଦେବା ଠିକ ନଚେତ୍ ଆପଣ ସଂପୂର୍ଣ୍ଣ ରୂପେ ଓହରିଯିବା ଉଚିତ୍ କାହିଁକି ନା ଅପରପକ୍ଷର ଆପଣଙ୍କ ପ୍ରତି ଆଶା ଥିବ ଯେ ଆପଣ କଥା ଦେଇଛନ୍ତି ଅର୍ଥ ନିଶ୍ଚିତ ରୂପେ ପାଳନ କରିବେ ହେଲେ ଏହାର ବ୍ୟତିକ୍ରମ ହିଁ ସମସ୍ତଙ୍କ ମନୋମାଳିନ୍ୟର କାରଣ ହୁଏ । ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ସେ ଜାତିଭିତ୍ତିକ ହେଉ କି ଲିଙ୍ଗଭିତ୍ତିକ । ଏହି କ୍ରମରେ "କମିଟମେଣ୍ଟ" କୁ ନେଇ ମୋର ଏକ ଅନୁଭୂତି .....

ଏଇ କିଛି ବର୍ଷ ତଳର କଥା ମୁଁ ସେତେବେଳେ +୩ ପ୍ରଥମ ବର୍ଷ ଛାତ୍ର ଭାବେ ମୋ ଜିଲ୍ଲାର ଏକ ବେସରକାରୀ ଆବାସିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିଲି । ଯେଉଁଟାକି ସେ ସହରର ଉପକଣ୍ଠରେ ଅବସ୍ଥିତ ଓ ସହରଠାରୁ ଅନତିଦୂରରେ, ଯେହେତୁ ଆଖପାଖରେ କୌଣସି ବହି, ଖାତା କିମ୍ବା ଜେରକ୍ସ ପାଇଁ କୌଣସି ଭଲ ସୁବିଧା ନଥାଏ ତେଣୁ ସହରକୁ ଆସିବାକୁ ପଡ଼େ ଇତିକ୍ରମେ ପ୍ରଥମ ବର୍ଷର ପରୀକ୍ଷା ଆସିଯାଇଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତେ ନିଜର ନୋଟ(ଖାତା) ଯୋଗାଡରେ ବ୍ୟସ୍ତ ମୋର ଜଣେ ବନ୍ଧୁ ଙ୍କର ନୋଟ ପର୍ଯ୍ୟାୟକ୍ରମେ ନଥିବାରୁ ସେ ନିଷ୍ପତ୍ତି ନେଲେ ଆଉ କାହ ନୋଟ ନେଇ ଜେରକ୍ସ ମାରି ପଢାପଢି କରିବେ। ମୋତେ ନୋଟ କଥା କହିବାରୁ, ମୋର ଅକ୍ଷର ବଡ ଏବଂ ଏତେ ବି ଭଲ ହୋଇନଥିବାରୁ ଅଧିକ ପଇସାରେ ଜେରକ୍ସ ମାରି ଖର୍ଚ୍ଚାନ୍ତ ହେବା ଅପେକ୍ଷା ଅନ୍ୟ କାହାଠୁ (ଯାହାର ଅକ୍ଷର ଛୋଟ ଏବଂ ସୁନ୍ଦର ହୋଇଥିବ), ସାଧାରଣତଃ ବିଶେଷ କରି ଝିଅମାନଙ୍କର ଅକ୍ଷର ସୁନ୍ଦର ଓ ନୋଟ୍ ଠିକଠାକ୍ ଥାଏ ତେଣୁ ସେମାନଙ୍କଠୁ ନେଇଯିବା ଖୁବ୍ ଭଲ ହେବ ବୋଲି ମୁଁ ପରାମର୍ଶ ଦେଲି ।

ସେ ମୋର କଥାରଖି ଆମର ଜଣେ ସହପାଠୀଙ୍କଠାରୁ ନୋଟଟିଏ ଆଣିଲା ଏବଂ ମୋତେ ତା ସହ କଚେରୀ ସ୍ଥିତ ଏକ ଜେରକ୍ସ ଦୋକାନକୁ ନେଇଗଲା । ଜେରକ୍ସ ଦୋକାନୀଟି ପ୍ରାୟ ପ୍ରାପ୍ତବୟସ୍କ (୫୦-୫୫ବର୍ଷ) ଆମେ କହିଲୁ ମଉସା, ଆମର ଏହି ଖାତାଟି ଜେରକ୍ସ ହେବ ୨ ପେଜ୍ ଲେଖାଏଁ ହେଲେ କେତେ ହେବ ? ହିସାବ କରି କୁହନ୍ତୁ ସେ ହିସାବ କରି ତାଙ୍କର ମୂଲ୍ୟ ଜଣାଇଲେ, ଆମେ ଆଉ କିଛି କମାଇବାକୁ ଅନୁରୋଧ କଲୁ, ପ୍ରଥମରୁ ତ ସେ ରାଜି ହେଉ ନଥିଲେ ପରେ କିନ୍ତୁ ହଁ ଭରି କାମ ଆରମ୍ଭ କଲେ । ତାଙ୍କର ଜେରକ୍ସ ମେସିନ ଚଳାଇବାରେ ଅଜ୍ଞାତ ହେଉ କିମ୍ବା ଯେ କୌଣସି କାରଣ ହେତୁ ୨ ପେଜ୍ ବଦଳରେ ସବୁ ୧ ପେଜ୍ ହୋଇଯାଇଛି ଆମର ଭାଲେଣି ପଡିଲା ଟଙ୍କା ଆମକୁ ଦୁଇଗୁଣା ଦେବାକୁ ପଡିବ । ମୋ ବନ୍ଧୁ ମୋ ଆଡକୁ ବିଦ୍ୱେଷ ସହକାରେ ଅନାଇଲେ ବି ମୁଁ ତାକୁ ଭଲଭାବେ ଜାଣିଥିଲି ଉପରକୁ ସେ ଯେତେ କଠୋର ହେଲେ ବି ଭିତରୁ କିନ୍ତୁ ସେ ଖୁବ୍ କୋମଳ । ଅତୀତରେ ସାହାଯ୍ୟ ସହାନୁଭୂତି ମୁଁ ତାଠୁ ଦେଖିଛି କେତେବେଳେ ଓଭରବ୍ରିଜ ତଳେ ନିରାଶ୍ରୟମାନଙ୍କୁ ଫଳ ବଣ୍ଟନ କରିବାର ହେଉ କି ବସ୍ ରେ ଯାଉଥିବା ସମୟର ଅପରଚିତ ମହିଳା ବୃଦ୍ଧବୃଦ୍ଧାମାନଙ୍କୁ ନିଜର ସିଟ୍ ଦେଇ ମହନୀୟତାର ପରିଚୟ ଦେଇଛି । ତାର କିଛି ଗୁଣ ମୋତେ ବିରକ୍ତ ଲାଗୁଥିଲେ ବି ଏହିସବୁ ଗୁଣ ପାଇଁ ସେ ଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ଅତି ଆପଣାର । ହେଲେ ଆଜି ଆମେ ଦୁହେଁ ଯେଉଁ ଅସୁବିଧାରେ ସମ୍ମୁଖୀନ ହେଇଛୁ ସେଥିରୁ କେମିତି ମୁକୁଳିବୁ, ଦୁହେଁ ଦୁହିଁଙ୍କୁ ଚାହିଁବା ଭିତରେ ମୁଁ ସେ ମଉସାଙ୍କୁ ପଚାରିଲି ମଉସା ଆପଣ ବୋଧହୁଏ ଭୁଲ୍ ରେ ୨ ପେଜ୍ ବଦଳରେ ସବୁ ୧ ପେଜ୍ ରେ କରିଦେଇଛନ୍ତି ଯେଉଥିପାଇଁକି ପେପର୍ ୨ ଗୁଣା ହୋଇ ଯାଇଛି । ସେ ବୋଧହୁଏ ପ୍ରଥମରୁ ବୁଝି ପାରୁନଥିଲେ ପୁଣି ଥରେ ବୁଝାଇବାରୁ ବୁଝିଲେ । ନିଜର ଅଜ୍ଞାତରେ ଭୁଲ୍ ହୋଇଛି ବୋଲି ମଧ୍ୟ ଗ୍ରହଣ କଲେ । ମୋର ବନ୍ଧୁ ସମସ୍ତ ଜେରକ୍ସ ପେଜ୍ ର ପଇସା ନେବାକୁ ଅନୁରୋଧ କଲେ ହେଁ ସେ ମନାକଲେ ତାଙ୍କର କମିଟମେଣ୍ଟ ଅନୁସାରେ ଯେତିକି ମୂଲ୍ୟ ପାଇଁ ପ୍ରଥମରୁ ଦର ଛିଡା ଯାଇଥିଲା ସେତିକି ଦେବାକୁ ସେ କହିଲେ । ମୁଁ କହିଲି ମଉସା ଆପଣ ତ ଜାଣି ଜାଣି ଭୁଲ୍ କରିନାହାନ୍ତି ଏମିତିରେ ଭୁଲ୍ ହୋଇ ଯାଇଛି ତାଛଡା ଆମେ ମଣିଷ ଆମମାନଙ୍କର ଭୁଲ୍ ହେବନି ତ ଆଉ କାହାର ହେବ ତେଣୁ ଆପଣ ଆପଣଙ୍କ ପ୍ରାପ୍ୟ ଗ୍ରହଣ କରନ୍ତୁ । କିନ୍ତୁ ସେ ଥିଲେ ନଛୋଡ଼ବନ୍ଧା, ଆମ କଥାରେ କୌଣସି ମତେ ରାଜି ନଥିଲେ ସଫା ସଫା ମନା କରିଦେଲେ, ଆଉ ଶେଷ ନିଷ୍ପତ୍ତି ଶୁଣାଇବାକୁ ଯାଇଁ କହିଲେ ମୁଁ ଝିଅ ନୁହେଁ ଯିଏ କମିଟମେଣ୍ଟ ରଖିପାରିବନି ମୁଁ ପୁଅ କମିଟମେଣ୍ଟ ମାନେ କମିଟମେଣ୍ଟ ଯେତେ ଭୁଲ୍ ହେଲେ ବି ଏଥିରୁ କେବେ ଓହରିବି ନାହିଁ ।

ଏତିକି କହିବାପରେ ମୁଁ ନିଶ୍ଚିତ ହୋଇଯାଇଥିଲି ମଉସା କୌଣସି ମତେ ଆମଠୁ ତାଙ୍କ କମିଟମେଣ୍ଟ ଠୁ ଅଧିକ ପଇସା ଗ୍ରହଣ କରିବେନି । ହେଲେ ତାଙ୍କର ଶେଷ କେଇପଦ "ପୁଅମାନେ କମିଟମେଣ୍ଟ ରଖନ୍ତି ଝିଅମାନେ ଯେ କମିଟମେଣ୍ଟ ରଖି ପାରିନ୍ତି ନାହିଁ" ଏହାକୁ ମୁଁ ଆଦୌ ଗ୍ରହଣ କରିପାରୁ ନଥିଲି, କିନ୍ତୁ ମଉସା ଥିଲେ ପ୍ରାପ୍ତବୟସ୍କ ତାଙ୍କର ଅନେକ ଦିନର ଅଭିଜ୍ଞତା ରହିଛି । ନିହାତି ଏହା ଭିତରେ କିଛି ନା କିଛି ରହସ୍ୟ ରହିଛି ମୁଁ କିଛି ନୀରବ ରହି ପ୍ରଶ୍ନ କଲି ମଉସା ଆପଣ ଆମଠୁ ଅଧିକ ପଇସା ନେବାକୁ ତ ମନା କଲେ, ହେଲେ କୁହନ୍ତୁ ଏହା କଣ ସତ ଯେ ଝିଅମାନେ କମିଟମେଣ୍ଟ ରଖି ପାରିନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ? ଏଭଳି ପ୍ରଶ୍ନ ପଚାରିବା ମୋର ପୁରୁଣା ଅଭ୍ୟାସ, ଅନ୍ୟମାନଙ୍କର ଅଭିଜ୍ଞତା ଅନୁଭବରୁ କିଛି ଶିଖିବାରେ ମୋର ଢେର ଆଗ୍ରହ ଏଭଳି ନୂଆ ନୂଆ ପ୍ରଶ୍ନର ଉତ୍ତର ଜାଣିବାକୁ ମୁଁ କୌତୁହଳ ସହ ଅପେକ୍ଷା କରେ ମଉସାଙ୍କ କ୍ଷେତ୍ରରେ ବି ସେଇ ଏକା ପ୍ରୟାସ ଥିଲା । ହେଲେ ମୋର ପ୍ରୟାସ ବିଫଳ ହୋଇଥିଲା ବୋଧହୁଏ ତାଙ୍କର ଭାବନା ଭାବାବେଗରେ କାହାକୁ ଅଂଶୀଦାର କରିବାକୁ ଚାହୁଁନଥିଲେ । କେବଳ ଏତିକି କହିଥିଲେ ଏହା ଗହନ ବନର ଭିତର କଥା ଏହା ଯେତିକି ରୋମାଞ୍ଚକର ସେତେ କଷ୍ଟଦାୟକ ଆପଣମାନେ ଯୁବପିଢି ଆପଣଙ୍କର ସୁଦୀର୍ଘ ଭବିଷ୍ୟତ ଅଛି ଏହି ଭବିଷ୍ୟତର ଅଭିଜ୍ଞତା ହିଁ ଜଣାଇବ ଏହାର ଉତ୍ତର । ଆମେ ଫେରିଆସିଲୁ.....।

ସେ ଘଟଣାକୁ ଆଜି ଦୀର୍ଘ ସମୟ ବିତିଗଲାଣି ସେ ସହର ଛାଡି ମୁଁ ଆଜି ଅନ୍ୟ ସହରରେ ମୋ ବନ୍ଧୁ ବି ଅନ୍ୟ ଏକ ସହରରେ ହେଲେ ଆଜି ବି ସେ ସ୍ମୃତି ତାଜା ଅଛି । ସେ ଘଟଣା ପରଠୁ ଏହାର ଉତ୍ତର ଖୋଜିବାକୁ ମୁଁ ଚେଷ୍ଟା କରିଛି, ଯଦିଓ ମଉସାଙ୍କ କଥାରେ ଆଂଶିକ ସତ୍ୟତା ରହିଛି ହେଲେ ମୁଁ ନିଷ୍କର୍ଷରେ ପହଞ୍ଚିପାରିନି, ଏହା କେତେ ସତ୍ୟ କେତେ ମିଥ୍ୟା ବୋଧହୁଏ ସମୟ ଏହାର ଉତ୍ତର ଦେବ ହେଲେ ଆଜି ଯାଏ ମୁଁ ମୋ କମିଟମେଣ୍ଟ ଭାଙ୍ଗିନି କମିଟମେଣ୍ଟ ଦେବା ପୂର୍ବରୁ ମଉସାଙ୍କ ସେହି କେଇପଦ କଥା କାନ ପାଖରେ ଗୁଞ୍ଜରିତ ହୋଇଯାଏ....।

ସୌମ୍ୟରଂଜନ ପାଢୀ

ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କାଚ ଆଇନା

ରୁଦ୍ରକାନ୍ତ ରାଉତରାୟ



ଗୋଟିଏ ବୃନ୍ତରେ ଦୁଇଟି ପ୍ରସ୍ଫୁଟିତ କଳିକା ପ୍ରାୟ ପ୍ରିୟଙ୍କା ଓ ସନ୍ଦୀପ । କଲେଜ ବେଳୁ ସେମାନେ ଗୋଟିଏ ମାନସିକତାର ମଣିଷ ଦ୍ୱୟ, ତାର ହଁରେ ୟାର ହଁ ଆଉ ୟାର ନାହିଁରେ ତାର ନାହିଁ ପରି ଯେଉଁ ଗାଉଁଲି ଛଟା ଅଛି ସେମାନଙ୍କ ଜୀବନରେ ବାରି ହୋଇ ପଡୁଥିଲା । ସନ୍ଦୀପର ବାପା ମହେଶ୍ୱର ମିଶ୍ର ବ୍ରାହ୍ମଣ କୂଳର ମର୍ଯ୍ୟାଦା ସଂପନ୍ନ ପଣ୍ଡିତ । ଏକ ପ୍ରକାର ଗାଁ ମୁରବୀ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରିୟଙ୍କା ଯେନାର ବିବାହ ସେ ସନ୍ଦୀପ ମିଶ୍ର ସହ ହେଉ ପଣ୍ଡିତେ ଚାହୁଁନଥିଲେ । ମାତ୍ର ଆଜିର ଏ ସମ୍ଭ୍ରାନ୍ତ ଚିନ୍ତାଧାରାର ଯୁବପିଢ଼ି ସେ ଅଜବ ନିୟମକୁ ମାନିବାକୁ ନାରାଜ । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଆମେ ଭାରତୀୟ ସମ୍ବିଧାନର ଏ ନିୟମକୁ ମାନି ଚାଲିଥିବା ସନ୍ଦୀପ ଓ ପ୍ରିୟଙ୍କା ନିଜ ପ୍ରୀତି ସିନ୍ଦୁକକୁ ଖୋଲି ତହିଁରେ ସାଇତା ପ୍ରେମର ଗଣ୍ଠିଲିରେ ଆଉ ଏକ ସଂପର୍କକୁ ବାନ୍ଧିନେଲେ ଯାହାର ନାଁ 'ବିବାହ' । ମାତ୍ର ପଣ୍ଡିତେଙ୍କ ସେ ନୀତି, ଆଦର୍ଶ ଏ ଦୁଇଟି ନୀରିହ ପ୍ରେମୀଯୁଗଳ ପାଇଁ ସାମାନ୍ୟ ପ୍ରତିବନ୍ଧକ ହୋଇନଥିଲା । ପଣ୍ଡିତେ ନିଜ ପୁଅକୁ ଘରୁ ଗଳାଧକ୍କା ଦେଇ ବାହାରକୁ ବାହାର କରି ଦେଇଥିଲେ । ହଁ ସେମାନଙ୍କର ଚଳିବା ମୁସ୍କିଲ ନଥିଲା । ପ୍ରିୟଙ୍କା ଇନ୍‌ଷ୍ଟା ଓ ଫେସବୁକରେ ଜଣେ ପରିଚିତା ଚେହେରା । ସେଥିରେ ଭ୍ୟୁଜ୍ ମଧ୍ୟ ଆଶାଠୁ ଅଧିକ । ଅର୍ଥ ବାଧକ ନଥିଲା । ବାଧକ ଥିଲା ଘରର ଏରୁଣ୍ଡି ବନ୍ଧ । ଇଚ୍ଛା ନଥାଇବି ସନ୍ଦୀପ ଓ ପ୍ରିୟଙ୍କା ଭଡାଘରେ ରହିଥିଲେ । ସନ୍ଦୀପ କମ୍ପିଟେଟିଭ୍ ଏକ୍‌ଜାମ ଦେଉଥିଲା ଓ ପ୍ରିୟଙ୍କା ତାର ଇନ୍‌ଷ୍ଟା, ୟୁଟ୍ୟୁବ ଆଉ ଫେସବୁକରେ ମସଗୁଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟର ଗତିଶୀଳ ରୂପ ପ୍ରିୟଙ୍କାଙ୍କୁ ଏକ ପ୍ରତିଷ୍ଠିତ ୟୁଟ୍ୟୁବର ତଥା ଇନ୍‌ଷ୍ଟା ରାଣୀ କରିଦେଇଥାଏ । ସ୍ୱାମୀକୁ ସମୟ ଦେବାତ ଦୂରର କଥା, ନିଜ ପେଟରେ ବଢୁଥିବା ପିଲାକୁ ଆବରସନ କରିବାକୁ ସନ୍ଦୀପ ସହ ଝଗଡା କରିବା ଆରମ୍ଭ କରିଦେଲା । କ୍ୟାରିଅରର ଦ୍ୱାହି ଦେଇ ଓ ସ୍ୱାମୀକୁ ଏକ ଅପାରଗ, ବେରୋଜଗାରୀ ଦର୍ଶାଇ ବିଚରା ଦୁନିଆ ଦେଖିନଥିବା ପେଟରେ ବଢୁଥିବା ଆପଣା କେଇବୁନ୍ଦା ରକ୍ତର ସଂଗଠିତ ପିତୁଳାକୁ ଡାକ୍ତରଖାନାର ଡଷ୍ଟବିନରେ ଫୋପାଡି ଦେଇଆସିଲା । ୱେବ୍‌ସିରିଜରେ ହିରୋଇନ ହେବାପାଇଁ କେଉଁ ଏକ ପ୍ରଡ୍ୟୁସର ପାଖରୁ ୩ ଲକ୍ଷ ଟଙ୍କା ଆଡଭାନ୍‌ସ ଆଣି ଚେକ୍‌ଟିକୁ ସନ୍ଦୀପକୁ ଦେଖାଇବା ପରେ ସନ୍ଦୀପର କଥା ହୁଏତ ତାକୁ ବିସ୍ମିତ କରିଥିଲା । "ତମେ ସେହି ତ ଯିଏ ଦିନେ ମୋ ଅନୁପସ୍ଥିତିକୁ ତିଳେ ମାତ୍ର ସହ୍ୟ କରିପାରୁ ନଥିଲା, ଯିଏ ମୋ ପାଇଁ ଦୁନିଆ ସହ ଲଢିବାକୁ ଶପଥ ନେଇଥିଲା, ତୁମେ ସେହି ତ ଯିଏ ମୋ ପ୍ରେମ ଆଗରେ ଦୁନିଆର ସବୁ ମୂଲ୍ୟବାନ ଜିନିଷକୁ ତୁଚ୍ଛ ଭାବୁଥିଲା । ହେଲେ ଆଜି ତୁମର ଏକ ୟୁଟ୍ୟୁବ, ଇନ୍‌ଷ୍ଟା ଆଉ ୱେବ୍‌ସିରିଜ୍ ପ୍ରେମ ଓ ଭ୍ୟୁଜ୍‌ର ନିଶା ତୁମକୁ ମୋ ଠୁ ଦୂରେଇ ନଉନି ତ ?" ସାମାନ୍ୟ ସ୍ମିତ ହାସ୍ୟ ଦେଇ ପ୍ରିୟଙ୍କା କହିଉଠିଲା "ଓଃ ମାଇ ସୁଇଟ ସଞ୍ଜୁ" ବ୍ୟସ୍ତ ହୁଅନି ଦେଖିବ ତୁମ 'ପିଙ୍କୁ' ଦିନେ ୱେବ୍‌ସିରିଜର ଆଗଧାଡିର ନାୟିକା ହେବ, ଯେଉଁ ପ୍ରଡକସନ୍‌କୁ ମୁଁ ଚୁଜ୍ କରିଛି, ସେ ରେପୁଟେଡ୍ ଫିଲ୍ମ ମେକର । ସନ୍ଧ୍ୟାରେ ଲଗେଜକୁ ହାତରେ ବୋହି ସନ୍ଦୀପ ଏୟାରପୋର୍ଟରେ ପ୍ରିୟଙ୍କାକୁ ଛାଡି ଘରକୁ ଫେରିଆସେ । ହେଲେ ତା ଆଖିର ସେ ଅସୁମାରି ଲୁହ ଖାଲି ପ୍ରିୟଙ୍କାର ଭବିଷ୍ୟତକୁ ତର୍ଜମା କରୁଥାଏ ।

ୱେବ୍‌ସିରିଜ୍ କରିବାକୁ ଯାଇ ପ୍ରିୟଙ୍କାକୁ ବ୍ଲାକମେଲ୍ କରାଗଲା । ତାକୁ ଖାଇବାରେ ନିଶାଦେଇ ତାର ଅନିଚ୍ଛା ସତ୍ୱେ ନିଶାଗ୍ରସ୍ତ ଅବସ୍ଥାରେ ଅଶ୍ଳୀଳ ଦୃଶ୍ୟମାନ ସୁଟ୍ କରାଗଲା । ଯେତେ ଅନୁରୋଧ କଲେ ବି ତାର ସେ ଦୃଶ୍ୟମାନଙ୍କୁ ଡିଲିଟ୍ କରାଗଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ । ଆଡଭାନସ୍ ନେଇ ୱେବସିରିଜ୍ କରିବାକୁ ଆସିଥିବା ପ୍ରିୟଙ୍କା କିଂକର୍ତ୍ତବ୍ୟ ବିମୁଢ ହୋଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କଲେବି ସନ୍ଦୀପର ସେ ସରଳ ମୁହଁ ତାକୁ ଆତ୍ମହତ୍ୟା କରିବାକୁ ଦେଉ ନଥାଏ । କାରଣ ସେ ସିନା ଭ୍ୟୁଜ୍ ପାଇଁ ପାଗିଳୀ ହେଲେ ସ୍ୱାମୀର ଭଲପାଇବା ଥିଲା ତାର ଗହଣା । ଘରକୁ ଫେରି ଦେଖେ ସେ ଅଶ୍ଳୀଳ ଭିଡିଓ ସାରା ଦୁନିଆ ଦେଖିସାରିଛି । ଆଉ ସେ ଭିଡିଓ ଦେଖି ମଧ୍ୟ ସନ୍ଦୀପ ଲୋକମାନଙ୍କ ସହ ବାକ୍ୟୁଦ୍ଧ ଆରମ୍ଭ କରିଦେଇଥାଏ । ତା ସ୍ତ୍ରୀର ପାରିବା ପଣିଆ, ମଡର୍ଣ୍ଣିଟି ଏସବୁ 'ସିନ୍'ରେ ହୁଏ ଏମିତି ବହୁତ କଥା । ପଣ୍ଡିତେ ସନ୍ଦୀପକୁ ମଧ୍ୟ ଏ ପ୍ରଶ୍ନ କରିଛନ୍ତି ହେଲେ ନିଜ ବାପାଙ୍କୁ ଉତ୍ତର ଦେବାକୁ ସେ ଅସମର୍ଥ ଥିଲା । ସୀମା, ସରହଦ ଡେଇଁ ଯିଏ ଦୁନିଆକୁ ନିଜର ଲଙ୍ଗଳା ଚେହେରା ଦେଖାଇ ଟଙ୍କା ରୋଜଗାର କରୁଛି, ସେ କେବେ କାହା ସ୍ତ୍ରୀ ହୋଇନପାରେ । ସେ ଗୋଟେ ମନୋରଂଜନକାରିଣୀ ନଗ୍ନା ଅଭିନେତ୍ରୀ । ପଣ୍ଡିତେଙ୍କର ଏ ବାଣୀକୁ ଶୁଣି ସନ୍ଦୀପ ସାମାନ୍ୟ କ୍ରୋଧ ମନରେ ସଂଚରଣ କରିଥାଏ । ପ୍ରିୟଙ୍କାକୁ ଆଖି ସାମ୍ନାରେ ଦେଖି ସେଦିନ ରକ୍ତମୁଖା ହୋଇଯାଇଥିଲା ସେ, ବହୁତ ଗାଳି କଲା । ଚୁପ୍ ରହି ଶୁଣୁଥିବା ପ୍ରିୟଙ୍କା ହଠାତ୍ ସନ୍ଦୀପ ଗାଲକୁ ଚାପୁଡାଟାଏ ମାରି ଭୋ ଭୋ ହୋଇ କାନ୍ଦିଉଠି କହିଲା "ଏଇଭଳି ଚାପୁଡା ମାରି ମୋତେ ଶାସନ କରୁନଥିଲ କାହିଁକି"? ସ୍ତ୍ରୀର ମନ ଭାଙ୍ଗିଯିବ, ସେ ଦୂରେଇ ଯିବ ଭାବି ଚୁପ୍ ରହୁଥିଲ ପରା, ଦେଖ ତୁମ ପ୍ରାଣର ପ୍ରିୟତମା ଆଜି କଳଙ୍କିତା ଧର୍ଷିତା । ସନ୍ଦୀପ ତା ଆଖିରୁ ଲୁହ ପୋଛି ଖାଲି ଏତିକି କହିଲା "ତୁମେ କଳଙ୍କିତା ନୁହଁ" ତୁମେ ସ୍ୱାମୀ ସୁହାଗୀ । ନିୟମ ବିରୁଦ୍ଧରେ ଯାଇ ତୁମେ ସାମାନ୍ୟ ଭାବ ପ୍ରବଣତାରେ ହିଁ ଏ ଭୁଲ୍ କରିଛ । ଲାଭ, କ୍ଷତି, ଭ୍ୟୁଜ୍, ଲାଇକ୍, ଫଲୋର୍ସ ପାଇଁ ତୁମେ ଯେଉଁ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପାହାଚ ପରେ ପାହଚ ଡେଇଁଥିଲ, ଆଜି ସେ ଲାଇକ୍, ଡିସ୍ଲାଇକ୍ ପାଲଟିଛି । ଭ୍ୟୁ ତ ପ୍ରବଳ ମାତ୍ରାରେ ବଢୁଛି । ହେଲେ ତୁମ ପ୍ରତିଭା ପାଇଁ ନୁହଁ ତୁମ ଗୋରା ଦେହର ସେ ଶାଣିତ ଅଙ୍ଗଭଙ୍ଗୀ ଓ ଉଦ୍ଦାମତାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିବାକୁ । ପ୍ରିୟଙ୍କା ମୁହଁ ଉତ୍ତର ଶୂନ୍ୟ । ତାର ଧାର ଧାର ଲୁହକୁ ନିଜ ହାତରେ ପୋଛି ସନ୍ଦୀପ ସେମିତି ତା ମୁହଁକୁ ଚାହିଁଥାଏ । ଯେମିତି ଲାଗୁଥାଏ ପ୍ରିୟଙ୍କାର ଆଖିରେ କେବଳ ଅନୁତାପର ନିଆଁ । ନିଜକୁ ନିଜେ ପଚାରୁଥାଏ ଆଉ ଉତ୍ତର ମଧ୍ୟ ନିଜେ ଖୋଜୁଥାଏ ଏକ ପଥଭ୍ରଷ୍ଟ ପଥିକ ପରି । ଲୋକାଦ୍ରୁତା ଚିହ୍ନା ସାମାଜିକ ଗଣମାଧ୍ୟମର ଚର୍ଚ୍ଚିତା ନାୟିକା ପ୍ରିୟଙ୍କାର ନିଶା ଆଜି ତାକୁ ସଂପୂର୍ଣ୍ଣ ମତୁଆଲା କରିଦେଲା । ଯେଉଁ ଘଟଣା କ୍ରମଶଃ ଦୁର୍ଘଟଣାରେ ସୀମିତ ହୋଇରହିଗଲା । କାଚ ଆଇନାରେ ନିଜର ସୁନ୍ଦର ସାବଲୀଳ ମୁହଁକୁ ଦେଖି ସଜ୍ଜିତ ହୋଇ କ୍ୟାମେରା ଆଗରେ ରିଲସ୍ କରୁଥିବା ମୁହଁ ଏବେ ଆଇନ୍ା ଦେଖିବାକୁ ଡରୁଛି । ଖାଲି ସନ୍ଦୀପର ଛାତିରେ ମୁହଁ ମାଡି ଗୁମୁରି ଗୁମୁରି କାନ୍ଦୁଛି । କାରଣ କାଚ ଆଇନା ତଳେ ପଡିଲା ପରି ତାର ସବୁ ସ୍ୱପ୍ନ, ଆଶା, ସଂପର୍କ ଭାଙ୍ଗି ଚୁରମାର ହୋଇଯାଇଛି । ଆଉ ସେ ଖଣ୍ଡିତ କାଚ ଟୁକୁଡାରେ ସେ ଯେଉଁ ଛବି ଦେଖୁଛି, ତାହା ଖୁବ୍ ଭୟଙ୍କର ?!

ରଚନା - ଶ୍ରୀ ରୁଦ୍ରକାନ୍ତ ରାଉତରାୟ

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

Email- rudrakanta456@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଁ ପୁଣି ଫେରି ଆସିବି

ଶିବନାରାୟଣ ଦାସ



ମୁଁ ପୁଣି ଆସିବି ଫେରି

କେବେ ଥରେ

ଏଇ ଜୀବନରେ

ଗ୍ରାମ ସରୁ ଚଲାପଥ ଦେଇ

ମୋହରି ସେ ମାଟିକାନ୍ଥ ଘରେ,

ନଡ଼ା ଛପରର ଛାତୁ

ଉଠୁଥିବ ଯହିଁ

ସକାଳର ଚୁଲି ଧୂଆଁ କୁହୁଳି କୁହୁଳି

ଆକାଶକୁ ଛୁଉଁଥିବା ଭିଜା ଶିଶିରରେ ।

ମୁଁ ପୁଣି ଆସିବି ଫେରି

ମୋ ଗାଆଁର ଝାଟି-ମାଟି ଘରେ,

ନିଦ ଆଖି ଖୋଲି କେବେ

ପାହାନ୍ତାର କୁକୁଡ଼ା ଡାକରେ

ସାରିଭିଡ଼ି ହେବାପାଇଁ

ପଉଷର ଶୀତ ସକାଳରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗହବା ଧାନର କ୍ଷେତ ଚଅଁର ଉଡାଇ

ଢେଉ ଭାଙ୍ଗୁଥିବ ଯେବେ

ହେମନ୍ତର ହେମାଳ ହାଵାରେ,

ଧାନ-ବିଲ ହିଡ଼ପରେ ବସି ଦେଖୁଥିବି

ବଗ ପକ୍ଷୀ, ଗେଣ୍ଡାଳିଆ ଉଡିଯାଉଥିବେ

ହରିତ କେଦାର ଛୁଇଁ

ନୀଳ ଆକାଶରେ ।

ହରଡ଼ କ୍ଷେତରେ ଉଡି ଶୁଆ-ଶାରୀମାନେ

କଳରବ କରୁ କରୁ

ମୋତେ ଦେଖି ଥମକି ଚାହିଁଲେ

ମୁଁ ଯାଇ ମିଶିବି ତା'ଙ୍କ ଶାଗୁଆ ପଟଳେ,

ମୋ ଗାଆଁର ଶ୍ୟାମଳ ଶିରିରେ

ଆସିବି ମୁଁ ଫେରି ଆଉଥରେ

ଏଇ ଜୀବନରେ ।

ଗୋହିରି ସେପଟ କିଆ -

ବାଉଁଶ ବୁଦାରୁ

ପୁର୍ଣିମାର ଜହ୍ନ ଯେବେ ଉଠିବ ଉତୁରି,

ମୋ ଅଗଣା ଆମ୍ବତୋଟା ଫାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜହ୍ନାଲୋକ ପଡୁଥିବ ଝରି ।

ମୁଁ ପୁଣି ଆସିବି ଫେରି
ଡୁବ ଦେଇ ନଇ, ପୋଖରୀରେ
ମାଛରଙ୍କା ପକ୍ଷୀ ଯହିଁ
ଉଡ଼ିବୁଲୁଥିବେ,
ତୋଳୁଥିବି ନୀଳକଇଁ ବାଡ଼ି-ପୋଖରୀରୁ,
ମୋ ଗାଆଁର ଚାନ୍ଦିନୀ ରାତିରେ
ଆସିବି ମୁଁ ଫେରି ଆଉଥରେ
ଏଇ ଜୀବନରେ ।

ଫେରୁଥିବି ପୁଣି କେବେ
ଗୋଧୂଳିର ଧୂସର ପ୍ରାନ୍ତରେ
ଗାଈ, ବାଛୁରୀର ପଲ
ସଂଗେ ଧରି
ବଇଁଶୀର ସୁରେ,
ଉଡିଯାଉଥିବି ସତେ ଡେଣା ଝାଡ଼ି ଅବା
ନୀଡ଼ଫେରା ପକ୍ଷୀଙ୍କର ସଂଗେ -
ଦୀନାନ୍ତର ନିଷ୍ପ୍ରଭ ଦିଗନ୍ତେ,
ଦିନ ହଜିଯିବ ଯେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ କୁଟିରେ ଆସିବି ବାହୁଡ଼ି,
ଆସିବି ମୁଁ ଫେରି ଦିନେ
ମୋ ପଲ୍ଲୀର ମୃଦୁ ମଳୟରେ,
ଆଉଥରେ
ଏଇ ଜୀବନରେ ।

ସଞ୍ଜ ନଇଁବ ଯେବେ
ମୋ ଗାଆଁର ତାଳବଣ, କିଆବୁଦା ଛୁଇଁ
ବାଡ଼ି ପଛ ବାଉଁଶ ବଣରୁ,
ଜାଳିଦେବି ପ୍ରଦୀପ ମୁଁ ନେଇ
ମୋ ଅଗଣା ଚଉଁରାର ମୂଳେ,
ଗାଉଥିବି ଆହ୍ୱାହନେ
ପ୍ରାର୍ଥନା ସଂଗୀତ,
କୁଟୀର ମୋ କରି ଆଲୋକିତ ।
ରାତି ଯେବେ ଆସିବ ଘନେଇ
ଠାକୁମା କୋଳକୁ ଆଉଜି
ଶୁଣୁଥିବି ବାଘମାମୁଁ ଅବା
ଟୁଆଁ-ଟୁଇଁ ପିଠାଖିଆ ଗପ,
ଅଜାଣତେ କେତେବେଳେ ପୁଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡ଼ିଥିବି ଶୋଇ

ଠାକୁମା କୋଳପଶା ହୋଇ

ନିଶବ୍ଦ ରାତିରେ,

ମିଠା ମିଠା ସ୍ମୃତି ସବୁ ଯେବେ

ରୋମାଂଚିତ କରୁଥିବେ ମୋତେ

ମୋ ପଲ୍ଲୀର ସୁଖ ସପନରେ ।

ମୁଁ ପୁଣି ଆସିବି ଫେରି

କେବେ ଥରେ

ଏଇ ଜୀବନରେ

ମୋହରି ସେ ନଡ଼ା-ଛାତ

ମାଟିକାନ୍ଥ ଘରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଧ୍ୟାତ୍ମିକତା

ବାସନ୍ତୀ ଲତା ଜେନା



ମଣିଷ ଜୀବନ ଭଗବାନ ଦାନ
ଭବ ସଂସାରର ଖେଳ
ଆତ୍ମୀୟ ସ୍ୱଜନେ ବନ୍ଧୁ ପରିବାରେ
ବିତାଅନ୍ତି ଦିନ କାଳ ।୧।

ସ୍ନେହ ଶ୍ରଦ୍ଧା ପ୍ରେମ ମନରେ ରଖିବ
ପରୋପକାରିତା ଗୁଣ
ଦୁଃଖି ରଙ୍କି ପ୍ରତି ସଦୟ ହୋଇଲେ
ଖୁସି ହୁ'ନ୍ତି ନାରାୟଣ
ଜନମ ମରଣ ଋତୁ ଚକ୍ର ପରି
ମହୀରେ କରଇ ଖେଳ ।୨।

ଜନମରେ ଖୁସି ମୃତ୍ୟୁରେ ବିଷାଦ
ଲୁହ ଝରେ ଝର ଝର
ଲୋଭ ମୋହ ମାୟା ଘେରି ରହି ଥାଏ
ପ୍ରାଣ ହୁଅଇ ଅସ୍ଥିର
ନିଃସ୍ୱାର୍ଥ ଭାବନା ସତ୍ୟ ନ୍ୟାୟ ଧର୍ମ
ବିଶ୍ୱରେ ମହାନ ମେଳ ।୩।

ଗୀତା ଭାଗବତ ପାଠ କରୁ ଥିଲେ
ମନରେ ଆସେ ସ୍ୱଚ୍ଛତା
ଈଶ୍ୱରଙ୍କ ପ୍ରତି ଭରସା ରଖିଲେ
ପାଶେ ଥାନ୍ତି ସୃଷ୍ଟି କର୍ତ୍ତା
ଭଜନେ କିର୍ତ୍ତନେ ନାମ ଜପୁ ଥିଲେ
ବୁଡି ନ ଯିବରେ ବେଳ ।୪।

ଆଧ୍ୟାତ୍ମିକ ଚିନ୍ତା ଯେ ନର କରଇ
ଈଶ୍ୱର ବିଶ୍ୱାସୀ ହୁଏ
ନର ନାରାୟଣ ସେବା ସେ କରଇ
ପବିତ୍ର ମଣିଷ ସିଏ
ହେ ପରମ ବ୍ରହ୍ମ ଦିଅ ଦିବ୍ୟ ଜ୍ଞାନ
ହୃଦ ହେଉ ସ୍ୱଚ୍ଛ ଜଳ ।୫।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
ମୋବାଇଲ ନଂ : ୮୭୫୮୭୫୫୯୭୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୁଃଖ ସୁଖ ଦୁହେଁ ଜାଆଁଳା ଭାଇ

ରବି ନାରାୟଣ ମିଶ୍ର



ଜୀବନ ବି ଅଛି ମରଣ ବି ଅଛି
ଅଛି ପୁଣି ଭଲମନ୍ଦ,
ଆଲୋକ ଅନ୍ଧାର ଅବା ନିଜ ପର
ପୁଣି ଅଛି ହସକାନ୍ଦ ।
ଏକ ବିନା ଶୂନ୍ୟ ଆରେକ ଅଟଇ
ସଭିଙ୍କୁ ଏ କଥା ଜଣା,
ଭଙ୍ଗା ଗଢ଼ା ଏହି ସଂସାରେ ରହିଛି
ଯେମିତି ପର ଆପଣା ।
ଜ୍ଞାନୀ ଗଣ ଯୋଗୁଁ ଅଜ୍ଞାନ ଅନ୍ଧାର
ଦୂର ହୋଇଥାଏ ସିନା,
ସଞ୍ଜ କି ସମ୍ଭବ ସକାଳର ବିନା
ଦିନ କିବା ରାତି ବିନା ।
ଶତ୍ରୁ ନାଶ ହୁଏ ମିତ୍ରତା ଭାବରେ
ଠିକ୍ ହୁଏ ଭୁଲ୍ କଲେ,
ପରିଶ୍ରମ ବଳେ ଧନ ବୃଦ୍ଧି ହୁଏ
ଦାରିଦ୍ର୍ୟତା ନାଶ ହେଲେ ।

ସୁଖ ପରେ ଦୁଃଖ ଦୁଃଖ ପରେ ସୁଖ
ଏ ତ ଜୀବନ କାହାଣୀ,
ଜନ୍ମ ଥିଲେ ମୃତ୍ୟୁ ଅବଶ୍ୟ ଆସଇ
ସଭିଏଁ ଥାଆନ୍ତି ଜାଣି ।
ଦୁଃଖ ସୁଖ ଦୁହେଁ ଜାଆଁଳା ଅଟନ୍ତି
ଦୁଇ ପାର୍ଶ୍ୱ ମୁଦ୍ରା ଏକ
ସତ୍ୟ ଅବା ମିଥ୍ୟା ଜୟ ପରାଜୟ
ଆସଇ ଜୀବନ ଯାକ ।

ବାଲିପଦା, ଘଣ୍ଟେଶ୍ୱର
ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଟିର ଦ୍ରୋଣ

ସୁଜିତ କୁମାର ମିଶ୍ର



ଗାଆଁ ନଦେଖିଲେ ତାଙ୍କୁ ହିଁ ଦେଖ,
ତାଙ୍କ ଭିତରେ ତ ଗାଆଁ ଶ୍ରୀମୁଖ ।

ସେ ଛାତି କହେ ମାଟିର ମନକଥା,
ଛାତି କହେ ଛାତି ତଳ କଥା,
ବେଶ୍ କିଶଳୟ ସେ ଛାତି,
ତା ଭିତରେ ଅଛି ଗାଁ ରାମାୟଣ,
ଗାଁର ମଧୁର ସ୍ମୃତି ।

ଭାବ ପ୍ରବଣର ମିଠାଝର
ସେ ମାଟିର ଦ୍ରୋଣ
ଶବ୍ଦରେ ଚିତ୍ରଣ ଆପଣାରପଣ
ସୁର, ତଳ, ଛନ୍ଦରେ
ସତେ କି ଏଠି ସବୁଦିନେ ପାର୍ବଣ ।

ଫେରେ ପଖାଳ କଂସା
ତା ସାଙ୍ଗକୁ ବଡ଼ିଚୁରା,
ଶୁଭେ ଚଷାଗୀତ,
ଚାଟଶାଳୀରୁ ପିଲାକଂ ଅ, ଆ.... ଡାକ,
କମ୍ଭେ ଜେଜେ ନାତିଙ୍କ କୋଳାକୋଳି,
ବାସେ ଭୁଆସୁଣୀର ଚଉରାମୂଳେ
ସଞ୍ଜ ଦୀପ, ଶ୍ରଦ୍ଧା ଥାଳି ।

ଅପରାହ୍ନର ତାସ ଖେଳରେ
ଅପସରି ଯାଏ ମଧ୍ୟାହ୍ନର ତାତି
ମୁଖରିତ ହୁଏ ଭାଗବତ ଟୁଙ୍ଗି,
ବିଭୁପ୍ରେମରେ ଦରବୁଢାଠୁ ପାକଳ
ସବୁ ଯାଆନ୍ତି ମଜ୍ଜି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଣ, ବିଲ, ନଈ, ପୋଖରି ହୁଡ଼ା,
ଯେଉଁଠି ଦେଖିବ ପିଲାଠୁ ବୁଢା,
କିଏ ମାଛ ଧରେ କିଏ ବୁଲେ
ମଉଜେ,
କିଏ ବୁଡେ ଉଠେ କିଏ ଖୁସିରେ ଭିଜେ,
ଦୂରକୁ ଶୁଭଇ ଢିଙ୍କିର କୁଟା,
ଚାଉଳ ବଟା ,
ପୁନେଇ ପରବ, କେତେ ସରାଗ,
ସବୁର ସାକ୍ଷୀ ସେ ଲେଖନୀ ମୁନ,
ଅନୁରାଗ ବୋଲା ସ୍ମୃତି ଅମ୍ଳାନ,
ଆଲେଖ୍ୟ ନୁହଁଇ ଅଲକ୍ଷ୍ୟରେ ସେ
ଲକ୍ଷେ ଆହ୍ୱାନ ।

ଯାହାଙ୍କ ମଳୟ ଛୁଆଁରେ
ମୁଖରିତ ଗାଁ,
ଅସରନ୍ତି ଭାବର ବରଷା,
ଅପୂର୍ବ ଆବେଗର ଝଙ୍କାର ,
ଯିଏ ହିଲ୍ଲୋଳ ରସାଳ ରୂପକାର,
ମାଟିର ଦୁର୍ମୂଲ୍ୟ ମୋତି,
ଆଶାର ଅଭୁଲା ସ୍ମୃତି ଛନ୍ଦ ,
ଆଧୁନିକ ନଭେ ସକଳ ହୃଦେ ସେ
ପ୍ରଣମ୍ୟ ସଚ୍ଚିଦାନନ୍ଦ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶ୍ରାବଣୀ ଚପଳଛନ୍ଦା

ପ୍ରଶାନ୍ତ କୁମାର ଦାଶ



ତମ ଆଖିତଳେ ମୋ ସାରାଦୁନିଆ
ହୃଦୟରେ ତମଛବି
ତମସା ରାତିର ରୁପାଜହ୍ନ ତମେ
ମୁଁଯେ ଅସ୍ତମିତ ରବି ।।

ତମ ଛବିଦେଖି ପ୍ରୀତି ପ୍ରଣୟର
ଗୀତ କେତେ ଦିଏ ଲେଖି
ଭୁଲିପାରେ ସାରା ଜୀବନର ଦୁଃଖ
ହୃଦୟେ ତୁମକୁ ରଖି ।।

ସୋରିଷଫୁଲର ରଙ୍ଗପରି ତୁମ
ଦେହତ ହଳଦିମଖା
ମୁଁ ଯେ ପ୍ରଜାପତି କାଳିଆ ଭଅଁର
ଦେହ ଦେଉଳର ସଖା ।।

ମୁଁ ଯେ ଇନ୍ଦ୍ରଧନୁ ମନ ଆକାଶର
ତୁମେତ ଶ୍ରାବଣୀ ମୋର
ଆସି ଦିଅ ହସ ଯାଉ ଅବସୋସ
ପୋଛିଦିଅ ଅଶ୍ରୁଧାର ।।

କଇଁକୁ ଯେମିତି ଭୁଲି ପାରେନାହିଁ
ଶରତ ଆକାଶ ଜହ୍ନ
ସେଇପରି ଥାଉ ଜନ୍ମ ଜନ୍ମାନ୍ତର
ମୋ ପାଖେ ତୁମର ମନ ।।

କୁଞ୍ଜିର -ସଙ୍ଗଳାଇ, ପିପିଲି -ପୁରୀ
ମୋବାଇଲ -୯୬୭୮୨୨୧୯୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିହ୍ନିଥାଅ ସମାଜର ଶତ୍ରୁଙ୍କୁ

ହରେରାମ ପଣ୍ଡା



ମଣିଷ ସମାଜ ସବୁଠୁଁ ଅଜବ
ରଖିଥିବ ସଦା ମନେ ,
ନିଜ ଲୋକ ପରି ଲାଗୁଥିବା ଲୋକ
ଧୋକା ଦେଇପାରେ ଦିନେ ।
ସତ୍ୟ, ଶାନ୍ତି ଆଉ ଅହିଂସାକୁ ନେଇ
ଭାଷଣ ଦିଏ ଯେ ଜନ ,
ନିଜ ସ୍ୱାର୍ଥ ପାଇଁ ମୁଖା ବଦଳେଇ
କରେ ଯେତେ ମନ୍ଦ କର୍ମ ।
ପର ତଣ୍ଟିଚିପି ଧନ କେ ବଢ଼ାଏ
ମନ୍ଦିରରେ ଦାନ କରେ ,
ନାରୀର ସୁରକ୍ଷା ମନ୍ତ୍ର ଗାଇଗାଇ
ଲାଞ୍ଛନା ଦିଏ ନାରୀରେ ।

ସାଧୁ ବେଶ ଧରି ଭଜେ ରାମନାମ
ମଥାରେ ତିଳକ ଚିତା,
ସେଇ ଭଣ୍ଡ ଯୋଗୀ ପାଇଲେ ସୁଯୋଗ
ମଣିଷକୁ କାଟେ ଚିତା ।
ଭଦ୍ରବେଶ ତଳେ ଭୟଙ୍କର ରୂପ
ସହଜେ ନ ପଡ଼େ ଜଣା,
ଏମାନଙ୍କ ରୂପ ଚିହ୍ନି ନ ପାରିଲେ
ଭୋଗିବ ନିଶ୍ଚେ ଯନ୍ତ୍ରଣା ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ - ୯୪୩୮୦୭୫୯୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅବଲୁପ୍ତ ପ୍ରେମର ଫସଲ

ସିଦ୍ଧେଶ୍ୱର ତ୍ରିପାଠୀ



ମୁଁ ଏମିତି ଉଜୁଡା ଫସଲ
ତୁମେ ଏକ ଅଦିନିଆ ବଢି
ମୋ ଅସ୍ତିତ୍ୱ ଆଜି ଲୁପ୍ତପ୍ରାୟ
କୋହ ଭରା ପଟୁମାଟି ଚଢି ।

ଅତୀତରେ ଆସିଥିଲ ତୁମେ
ଟପଟପ ବରଷା ଟୋପାରେ
ଶାଖା ମେଲି ଝୁମି ଉଠିଥିଲି
ଧୀରେ ଧୀରେ ତୁମ ପରଷରେ ।

ବାରବାର ତୁମରି ପରଷେ
ଫୁଟିଥିଲା ପ୍ରେମ ଫୁଲକଢ଼ି
ମୁଁ ଏମିତି ଉଜୁଡା ଫସଲ
ତୁମେ ଏକ ଅଦିନିଆ ବଢି ।

ଅମୃତର ସୁଆଦ ଚଖାଇ
ଶେଷେ ମୋତେ ଦେଇଗଲ ବିଷ
ଫଳ ବିନା ଗଛ ମଉଳିଲା
ରହିଗଲା ଗୋଟେ ଅବଶୋଷ ।

ମାରିଦେଲ ଏମନ ଚାଷୀକୁ
ସାରାବର୍ଷ ଦେଲଗୋ ଉଜାଡ଼ି
ମୁଁ ଏମିତି ଉଜୁଡା ଫସଲ
ତୁମେ  ଏକ ଅଦିନିଆ ବଢି ।

୮୦୧୮୬୪୬୭୦୪
ଖୋର୍ଦ୍ଧା


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ବେଦନା ବାଣୀ

ଅଲେଖ ମେହେର ଯାଯାବର



ସଜଳ ନୟନ କରୁଣ ଚାହାଣି
ଯିଏ ପାରେନାହିଁ ପଢି,
ସିଏ କି ବୁଝିବ ଅନ୍ତର ବେଦନା
ସେନେହର ସୌଧ ଗଢି ।

ହସ ଅନ୍ତରାଳେ ଆରତ ଚିତ୍କାର
ଶୁଣିପାରେ ଯେଉଁ ଜନ,
ସିଏ ସିନା ଏହି ମହୀମଣ୍ଡଳରେ
ଜିଣିପାରେ କୋଟି ମନ ।

ନଗଲେ ନ ଯାଅ ସୁଖ ସମ୍ପଦରେ
ବିପଦରେ ହୁଅ ଠିଆ,
ଜୀବ ଥିବାଯାଏ ମନେ ପଡୁଥିବ
ବାସୁଥିବ ମଲ୍ଲୀ କିଆ ।

ନ ଦେଲେ ନ ଦିଅ ଧନ ଦଉଲତ
ଦିଅ ସମ୍ବେଦନା ବାଣୀ,
ଭଗୀରଥ ସାଜି ମନ୍ଦାକିନୀ ନୀରେ
ଦୁଃଖ ରାଶି ଦେବ ଛାଣି ।

ସାହାଯ୍ୟ ବଦଳେ ପ୍ରତିଆଶା ରଖି
ଯିଏ କରେ ଉପକାର,
ଭାରାକ୍ରାନ୍ତ କରି ମସ୍ତିଷ୍କକୁ ସଦା
କ୍ରୋଧେ କରେ କଦାକାର ।

ଦୁଃଖିର ଇକ୍ଷଣେ ହସଟିଏ ଯଦି
ଖେଳାଇବା ଶକ୍ତି ନାହିଁ,
ଖେଦର ଉରଗ ଜୀବନରେ ଛାଡି
କନ୍ଦାଇ ମାରିବା କାହିଁ ?

ହସର ଝରଣା ଅନୁକମ୍ପା ବଚ
କଷ୍ଟ ମନୁନିଏ ହରି,
ଶରଧା କୁସୁମ ଆନ ହୃଦୟରେ
ଅଯାଚିତେ ଯାଏ ଭରି ।

ବରପଦର, ଗୋବିନ୍ଦପୁର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦାନାର ଅପମୃତ୍ୟୁ

ସୁଶାନ୍ତ ଶେଖର ଦାଶ



ତୁମର ଏ ଅପମୃତ୍ୟୁରେ,
ଅପବାଦର କାଳିମା ବହି
ଗରଜୁଥିବା ଟିଭି ସବୁ ଥମିଗଲେ
ଥମିଲା ଡାକବାଜି ଯନ୍ତ୍ରର ଚିତ୍କାର...
ନରମିଲା ବହୁଥିବା ବତାସୀଆ ଝଡ଼
ଥମିଲା ତେର୍ଚ୍ଛା ଘନ କଳା ମେଘ,
ଥମିଲା ହୁ ହୁ ବଢୁଥିବା ବଜାରର ଦର !

ମନକୁ ଘାରୁଥିଲା ନିରାଶା
ଜମୁଥିଲା ଅଜସ୍ର ଆଶଙ୍କା, ହତାଶା
ମେଡିଆର ବୁକୁଫଟା ଚେତାବନୀ
ମାଳ ମାଳ ସ୍ୱେଚ୍ଛାସେବୀ
ନେତାଙ୍କ ତୋଫାନୀ ଗ୍ରସ୍ତ......
ଅଙ୍କୁରୁଥିଲା ମନେ,
ରନ୍ଧାଖାଦ୍ୟ, ପ୍ୟାକେଟ ରେସନ ଓ
ମୋଟା ଅଙ୍କ ଅନୁଦାନର ଭରସା !

ତୁମର ଏ ଅପମୃତୁରେ
ପରସ୍ତେ ଆଶ୍ୱସ୍ତି ଢାଙ୍କି ହୋଇଗଲା
ପ୍ରଶାସନ, ତଟୀୟ ଜନ ମାନସରେ
କିଛି ନେତା ଲୋକସବକ ପ୍ରାଣରେ....
ହେନ୍ତାଳ,ଝାଉଁବଣ, ଲୁଣା ଘେରି ମଧ୍ୟେ
ଫୁଙ୍ଗୁଳା କିଛି ଲୋକ...
ଚରମ ଆଶ୍ୱସ୍ତିରେ ଚାହିଁ ରହିଥିଲେ,
ଆକାଶରେ ଘେରା ଧୂସର ବାଦଲ
ଅକାରଣେ ଉଡୁଥିବା ଆଳୁ ପିଆଜ
ଦୁଲକାଏ କୋହଲା ପବନ ଓ
ଶହ ଶହ ଲମ୍ବା ହାତ ସହାୟ ଆଶାରେ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗମନୀର ପ୍ରାରମ୍ଭେ
ଈଶ୍ୱର ଚିନ୍ତନ ସବୁ କୂଳ ଲଂଘୁଥିଲା
ଗାଁ ଦାଣ୍ଡେ ସହାୟତାର ବଜାର
ସମୁଦ୍ର ଢେଉରେ ବାରି ହେଉଥିଲା
ସ୍ନେହ, ପ୍ରେମ, ଭାଇଚାରାର ଆସର...
ତୁମ ଫେରନ୍ତା ରାସ୍ତାରେ,
ନେଇଗଲ ଭାତୃଭାବ ବନ୍ଧୁ ଉଦାରତା
ଉଡିଗଲା ସହାୟତା ହାତ ସବୁ
ହଜିଗଲା ଗହଳିଆ ହେନ୍ତାଳ ବଣରେ
ତୁମର ଏଇ ଅପମୃତ୍ୟୁରେ  !

ପ୍ରାକ୍ତନ ମହାପ୍ରବନ୍ଧକ
ବ୍ୟାଙ୍କ ଅଫ ଇଣ୍ଡିଆ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନୂତନ ରାହା

ଆଶୁତୋଷ ମେହେର



ଜୀବନ ଟା ଯଦି ଚାଲିବାର କଥା ବାଟ ସବୁଦିନ ସାଥୀ
ସେଇ ଏକା ରାହା ସାଥେ ସାଥେ ଥାଏ ସମୟ ତ ଯାଏ ବିତି ।
ଜଣା ବି ଅଜଣା କଣ୍ଟା ଝଣ୍ଟା ବଣ ପଥ ଲାଗେ ଅସୁମାରୀ,
ଦୁଃଖ ସୁଖ ଭରା ତରଙ୍ଗ ଲହରୀ ସଦା ରହିଥାଏ ଭରି ।।

ବାଟ ଆଗେ ନିଏ ଜୀବନର ଲକ୍ଷ୍ୟ ପୂରଣର ଅନୁରାଗେ ,
ସେଇ ଏକା ସାଥୀ ହାତଧରି ଟାଣେ ଜୀବନର ଅନୁଭବେ ।
ସମୟ ବଦଳେ ନୂଆଁ ଆବେଦନ  ନୂଆଁ ପ୍ରଶ୍ନବାଚୀ ଉଠେ,
ନୂଆଁ ବାଟ ଖୋଜି ଆଗେ ବଢିବାକୁ ମନର ସଉକ ତୁଟେ ।।

ତଥାପି ମଣିଷ ପାଦେପାଦେ ବଢେ ଯାତନା ଜଞ୍ଜାଳ ଧରି,
ଅଜଣା ପଥରେ ନୂତନ ଦିଗନ୍ତ ଦେଖାଯାଏ ଆଶା ଭରି ।
ନୂଆଁନୂଆଁ କଥା ନୂଆଁନୂଆଁ ଭାବ ନୂତନ ସୁଗନ୍ଧବାସ ,
ବାହୁ ପରଶାରି ଖୋଲି ଠିଆ ହୁଏ ଜୀବନର ମୂଳରସ ।।

ନୂତନ ରାହାର ନୂଆଁନୂଆଁ ରଙ୍ଗ ଇନ୍ଦ୍ରଧନୁ ଭରା ଛାଇ
ମଣିଷ ଜୀବନେ ନୂଆଁ ଖୋଜିବାକୁ ମନ ସଦା ହୁଏ ବାଇ ।


୫୪, ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ୟୁପକାଠ

ବିନୟ ମହାପାତ୍ର



କେବେ ବି ଭାବିବନି
ମୁଁ ତୁମକୁ ଭୁଲିଗଲି ବୋଲି,
ପ୍ରଣୟର ପ୍ରଥମ ଅନୁଭୂତି,
ସତେ କେବେ କିଏ, ପାରିଅଛି ଭୁଲି !
ସିଏ ଯେ ଚିତାକୁଟା ହୋଇଛି
ହୃଦୟର କାନ୍ଥ ସାରା ମୋର,
ସେଇମିତି ଜକ୍ ଜକ୍ ଝଟକୁ ଥିବ
ଜୀବନର ଶେଷ ଯାତ୍ରା ମଶାଣି ପର୍ଯ୍ୟନ୍ତ,
ଭୁଲିଯାଇ ସୃଷ୍ଟିର, ଦୃଷ୍ଟି ଦିଗନ୍ତ ।

ପ୍ରେମ ଆମ ବଳି ପଡିଗଲା
ସମାଜର ୟୁପକାଠେ
ମାଆ ବାପା, ଖାନଦାନ
ଇଜ୍ଜତ ମହତ ନାଆଁରେ ।

ଆଶାମାନେ ଝାଉଁଳି ଗଲେ
ଈର୍ଷାର ବୈଶାଖୀ ଝାଞ୍ଜିରେ,
ସ୍ୱପ୍ନ ସବୁ, ନିରାଶାର ଜାମା ପିନ୍ଧି
ହଜିଗଲେ ରଞ୍ଜି ରଞ୍ଜି ସଂଜ ପହରରେ
ଘନ କଳା ରାତ୍ରିର ଗହନ ଅନ୍ଧାରେ ।

ମନର କାନଭାସରେ ମୋର,
ନୁଆ ରଙ୍ଗ ବୋଳା ହେଲା,
ପୁରୁଣା କାନ୍ଥରେ ଅବା ଚୁନ ନେସି ଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧୂଳି ଜମି ଗଲା ମନ ଆଇନାରେ,
ସବୁ କିଛି ଝାପସା କରିଦେଲା,
ହେଲେ ଲିଭିଲାନି,
ଯେଉଁ ରଙ୍ଗ ବୋଳା ଥିଲା
ମୋର ମନ, ଗହନ ହୃଦୟ ଭିତରେ ।

ତୁମେ ଆଉ ମନେ ପଡୁନାହିଁ,
ଦିଶେ ନାହିଁ ତୁମ ମୁହଁ, ଆଉ ସପନରେ,
ଭୁଲି ହୁଏନାହିଁ କିନ୍ତୁ କୁମାରୀ ଜୀବନର
ସେଇ ପ୍ରଥମ ପ୍ରଣୟର ସ୍ପର୍ଶ,
ରୋମାଞ୍ଚିତ ପ୍ରତିଟି ମୁହୂର୍ତ୍ତ,
ତୁମ ଆମ ପ୍ରିତି
କେତେ ସଙ୍ଗ, ଅନ୍ତରଙ୍ଗ ଅନୁଭୂତି ।

ପ୍ରତୀକ୍ଷାର ସେଇ ମହାର୍ଘ୍ୟ ମୁହୁର୍ତ୍ତ ଗୁଡିକ
ଏବେ ବି ମନେ ପଡିଯାଏ,
ପ୍ରତିଟି ସଂଧ୍ୟାରେ
ତାଙ୍କ ଅଫିସ ଫେରନ୍ତା
ପଥ ଚାହିଁବାରେ ।
ଜୀବନର ଅସଲ ରୋମାଞ୍ଚ ଥାଏ
କଳିକାରୁ ଫୁଲ ଫୁଟିବାରେ,
ଫୁଲ ଥରେ ଫୁଟି ଗଲେ
ଚାହିଁ ରହେ ଝାଉଁଳିବା
ବେଳା ପ୍ରତୀକ୍ଷାରେ ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୃଦୟର ଠାକୁର

ଦୀପକ ରଂଜନ ଜେନା



ପ୍ରଭୁ, ଯାହା ମୁଁ ମାଗିଲି ସବୁକୁ ତ ଦେଲ
କି ମାଗିବି ଜାଣେ ନାହିଁ
ଜଗତର ନାଥ ଶ୍ରୀ ଜଗନ୍ନାଥ ଙ୍କ
ଶ୍ରୀ ଚରଣ ତଳେ ଥାଇ ।
ଡର ନାହିଁ ମୋର ଭୟ ନାହିଁ ମୋର
କିବା ଅବଶୋଷ ନାହିଁ
ଯାହାଙ୍କ କରୁଣା ଯାହାଙ୍କ ଆଶିଷ
ସଦା ମୋ ଉପରେ ଥାଇ ।
ଶୟନେ ସପନେ ଅବା ଜାଗରଣେ
ଯାହାଙ୍କୁ ମୁଁ ଭାବୁ ଥାଇ
ଯାହାଙ୍କ ଦୟାରୁ ଯାହାଙ୍କ କୃପାରୁ
କୁଶଳ ମୋ ହୋଉ ଥାଇ ।

ଦୁଃଖ ସମୟରେ କଷ୍ଟ ସମୟରେ
ମୋତେ ଯେ ଉଦ୍ଧାରୁ ଥାଇ
ଖରାପ ବେଳରେ ଦୁର୍ବଳ ସମୟେ
ଅରି ଯିଏ ନାଶୁ ଥାଇ ।
ମନ ଗଭୀରରୁ ହୃଦୟ ଭିତରୁ
ଯାହାଙ୍କୁ ମୁଁ ଡାକୁଥାଇ
ଯାଉ ମୋ ଜୀବନ ହେବି ମୁହିଁ ଧନ୍ୟ
ତାଙ୍କ ନାମ ଗୁଣ ଗାଇ ଗାଇ
ପ୍ରଭୁ, ନାମ ଗୁଣ ଗାଇ ଗାଇ ।

ରାଜନୀତି ବିଜ୍ଞାନ ଅଧ୍ୟାପକ, ପାରିମାଳ ଉଚ୍ଚ
ମାଧ୍ୟମିକ ବିଦ୍ୟାଳୟ, ପଣ୍ଡୁଆ, ଢେଙ୍କାନାଳ
ମୋ:୯୯୩୮୩୩୫୫୯୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନେ ଏମିତି ନାଟକ ଚାଲିଛି

ତାରା ପ୍ରସାଦ ଜେନା



ଜୀବନେ ଏମିତି ନାଟକ ଚାଲିଛି
ସରୁନାହିଁ ଅଭିନୟ
ହସ କାନ୍ଦ ଦ୍ୱନ୍ଦ୍ୱ ଛଳନା ଭିତରେ
ବଞ୍ଚିବାର ଅନୁନୟ
.....ଜୀବନେ ଏମିତି ନାଟକ ଚାଲିଛି .... ୦

ସତ ଅଭିନୟ ମିଛ ବେଶି ଲାଗେ
ଦୃଶ୍ୟାନ୍ତର ଆକଳନ
ବିଶ୍ୱାସର ନାଆଁ ଦୀର୍ଘଶ୍ୱାସ ଛାଡ଼େ
ଅବସୋସ ଅପଘନ,
ହସ ଠାରୁ ଲୁହ ଦାମୀ ଜଣାପଡ଼େ
ସନ୍ଦିହାନ ପରିଚୟ
.....ଜୀବନେ ଏମିତି ନାଟକ ଚାଲିଛି .... ୧

ଆଲୋକର ନିଆଁ ଦେହ ଦାହ ଦିଏ
ଅଭିସନ୍ଧି ନାରଖାର
ପୁଣ୍ୟ ବଜାରରେ ପାପୀ ସୌଦାଗର
ମାୟାଚ୍ଛନ୍ନ କାରବାର,
ଦୋଷ ନକରିବି ଦୋଷୀ ତାଲିକାରେ
ମର୍ମାହତ ପରାଜୟ
.....ଜୀବନେ ଏମିତି ନାଟକ ଚାଲିଛି .... ୩

ସା.- ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍- ୭୫୨୦୨୬,
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶୀତ ଦିନ

ସଞ୍ଜିୟ୍ ନାଏକ



ଇ ବଛର ଏନ୍ତା ହିସାବେ ଦି ଦେଉଛେ ଯେ ଜାଡ
ସତେ କି ଭାଙ୍ଗି ଜିବା ଭଲିଆ ଦିହିର ହାଡ଼ ।।
ପାଏନ କେ ଦେଖଲା ବେଳକେ ଲାଗୁଛେ ଡର
ଯେନ୍ତା ହିସାବେ ଦି ଦେଉଅଛେ ଯେ କାକର ।।

କୋଏଁଲି ପତର ଉପରେ ଶିଶିର ହେଉଛି ଢଳ ମଲ
ଏନ୍ତା କରି ଦେଉଛେ ଶୀତ ଦିନେ ଓଡ୍ରୁଛୁଁ କମ୍ବଳ ।।
ପାଏନ କେ ନେଇ ହେଉଛେ ହାତେ ଧରି
ଲାଗୁଛେ ସତେ କରେଣ୍ଟ ସଟ୍ ମାରିଲା ପରି ।।

ନେଇ ଖାଇ ହେବାରନ ଆର ପଖାଳ
ତାପସୁଁ ଯୋଏ ସଞ୍ଜେ ଆର ସକାଳ ।।
ଦେଉଛେ ହେମ କାକର ନେଇ ହେଉଛେ ଗାଦି
ଗାଦି ଦେଲା ବେଳକେ ହେଇ ଯାଉଛେ ସରଦି ।।

ଖାଇବାକୁ ମିଳେ ପିଜୁଳି ବରକୋଳି ଫଳ
କରନ୍ତି କଞ୍ଚା ପନିପରିବା ଶାଗ ଡ଼ାଳ ।।
ଶୀତ ଦିନେ ଖରା ଦିଏ ବେସି କଅଁଳିଆ
ଖରା ତାପିବାକୁ ଲାଗେ ଭାରି ବଢ଼ିଆ ।।

ରଏନଗୁଡା, କୋକସରା, କଲାହାଁଡି, ମୋ-୮୨୬୦୪୩୮୨୭୩


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଫଗୁଣ ବି କଥା କହେ

ଶିଶିର କୁମାର ପଣ୍ଡା



ଆରଗାଆଁ ନଈ ତୁଠରେ ପ୍ରିୟା ମୋ
ପଥରେ ଘଷିଲେ ପାଦ
ଏପଟେ ପବନ ମୋ ଦେହରେ ଆଣି
ବୋଳିଦିଏ ଅପବାଦ ।
ସିଏ ପଖାଳିଲେ ପିନ୍ଧାଲୁଗା ସେଠି
ଏପଟେ ସୁନାମୀ ଆସେ
ଖୋଲିଦେଲେ ପ୍ରିୟା କବରୀ ତାହାର
ବଉଳ ବଉଳ ବାସେ ।
ହସିଦେଲେ ପ୍ରିୟା ଫୁଟେ ପାରିଜାତ
କାନ୍ଦିଲେ ଝରଣା ବହେ
ଗୁଣୁଗୁଣୁ ହେଲେ କୋଉଠି କେମିତି
ଫଗୁଣ ବି କଥା କହେ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଣ କାହାଠୁ ମିଳିବ

ବିନୟ କୁମାର ମିଶ୍ର



"ଯିଏ ବା ଥାଉ ଯେଉଁ ମତେ,
କାରେ କି ମିଳେ କଦାଚିତେ ।।"
"ଯିଏ ଯେପରି ଇଚ୍ଛା କରେ,
ସେହି ସେପରି ବାଟ ଧରେ ।।"
"ଯାହାକୁ ଦରକାର ଚିନି,
ତାକୁ ଯୋଗାଏ ଚିନ୍ତା ମଣି ।।"
"ଯିଏ କରଇ ଇଚ୍ଛା ଗୁଡେ,
ଜୀବନ କଟେ ଲଡ ବଡେ ।।"
"ସାଗର କୂଳେ କେତେ ମାଟି,
ବିରଳ ମୃତ୍ତିକା ବୋଲାନ୍ତି ।।
ତହିଁରୁ ହୀରା ମାନ ମିଳେ,
ତା ହୀରାଖିଆ ପକ୍ଷୀ ଗିଳେ ।।
ହେଡା ଖାଆନ୍ତି ଗୃଧ୍ର କାକ,
ଯାହାର ଯେମନ୍ତ ବିବେକ ।।

କର୍ମ ପ୍ରକାରେ ଫଳ ପାଇ,
ପ୍ରାଣୀ ତା ବାଧ୍ୟରେ ଭୁଞ୍ଜଇ ।।
ଆମ୍ବ ବୃକ୍ଷେ କି ଲିମ୍ବ ଫଳେ,
ସୋଲ କି ବୁଡ଼ଇ ଜଳରେ ।।
ଯିଏ ଯା ହେବ ହେଉଥାଉ,
ତୁଚ୍ଛାକୁ କିମ୍ପା ହାଉ ହାଉ ।।
ଜାଣିଲେ କି ପାରିବ କରି,
ତୁଚ୍ଛାକୁ ମରଣକୁ ବରି ।।
କିଳା ଯାଉଚି ଦାଣ୍ଡେ ଦାଣ୍ଡେ
ସୁସୁରି ବଜାଇଣ ଭାଣ୍ଡେ ।।
ଡାକନ୍ତି ଆସ ଆସ ବୋଲି,
ପଶନ୍ତେ କହେ ମଲି ମଲି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯିଏ ବା ଥାଉ ଯେଉଁ ମତେ

ମନେ ନ ଧର କଦାଚିତେ ॥

ବୃଷଭ ପଛରେ ଶୃଗାଳ,

ଧାଇଁଛି  ହୋଇଣ ପାଗଳ ॥

କିଛି ନ ମିଳେ ଅବଶେଷେ

କ୍ଳାନ୍ତିରେ ବିଶ୍ରମେ ହତାସେ ॥

ଯେ ଯାହା ବାଟେ ଯାଉଥାଉ,

ସ୍ୱଚିତ୍ତ ହରି ପଦେ ରହୁ ॥

॥ଜୟ ଜଗନ୍ନାଥ ॥

ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରୟାଗରାଜରେ କୁମ୍ଭମେଳା

ନୀଳମଣି ଚାନ୍ଦ



ଜେଜେ ସଜକଲେ ଆପଣା ସାଜ
ଶୁଣିଲୁ ଯିବେ ସେ ପ୍ରୟାଗରାଜ
ସାଙ୍ଗରେ ଆଇ
କୁମ୍ଭମେଳା ଯିବେ ଦେଖିବା ପାଇଁ ।

ଆଗେ ଆଲାହାବାଦ ଥିଲା ନାଁ ଯାର
ତୀର୍ଥକ୍ଷେତ୍ର ଭାବେ ସୁଖ୍ୟାତି ତା'ର
ଯମୁନା,ଗଙ୍ଗା
ସରସ୍ୱତୀ ସଙ୍ଗମସ୍ଥଳୀ ଜାଗା ।

ଏଇ ଜାନୁୟାରୀ ତେର ଠାରୁ
ମହାକୁମ୍ଭମେଳା ହେଉଛି ସୁରୁ
ଚାଲିବ ସିଏ
ଫେବ୍ରୁଆରୀ ମାସ ଛବିଶ ଯାଏ ।

ବାର ବର୍ଷ ପରେ ଏ କୁମ୍ଭମେଳା
ପଡିଛିରେ ଯୋଗ ଓ ଶୁଭବେଳା
ସେ ମହାକୁମ୍ଭ
କିଏ କିଏ କହନ୍ତି ପୂର୍ଣ୍ଣକୁମ୍ଭ ।

ସଙ୍ଗମରେ ଯାଇ ବୁଡ଼ଟି ଦେବେ
ଏଥିରେ ଯେ ସିଏ ପ୍ରୀତଟି ହେବେ
ହିନ୍ଦୁ ଶାସ୍ତ୍ରରେ
ତା କଥା ବର୍ଣ୍ଣିତ ଅଛି ସତରେ ।

ଦେଶବିଦେଶରୁ ଆସନ୍ତି କେତେ
ତା କଥା ସରେନି କହିଲେ ଯେତେ
ପ୍ରସିଦ୍ଧି ତାର
କୁମ୍ଭମେଳାଟି ତ ମେଳାରେ ସାର ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଳାକର କଳାମୁଖ

ଡଃ ଅର୍ଜୁନ ଚନ୍ଦ୍ର ବାରିକ



ସତ୍ୟ ଶାନ୍ତି ଦୟା କ୍ଷମାର ପ୍ରତୀକ
କଳାକର କଳାମୁଖ ।
ଫଗୁଣର ଫଗୁ ରସିଆ ଶ୍ରୀକୃଷ୍ଣ
ଭକତ ସୁଖ ଦାୟକ ।।
ଲାଭ ଏ ସଂସାରେ ଶ୍ରୀହରି ଭଜନ
ପ୍ରଦାନେ ଅଶେଷ ସୁଖ ।
ଏକ ଦେବ ସେହି ପ୍ରଭୁ ଭାବଗ୍ରାହୀ
ହରଇ ସକଳ ଦୁଃଖ ।।
କାମର ପିଅର ଦେବ ଚକ୍ରଧର
ସକଳ କରଣେ ଦକ୍ଷ ।
ଦମନ କରଇ ଶମନ ଦରପ
ନାରାୟଣ ପଦ୍ମ ମୁଖ ।।
ଶିର ଶୋଭାବନ ତୁଳସୀର ଦଳ
ଶ୍ରୀଧର ଅରକ୍ଷ ରକ୍ଷ ।
ରସ ରତ୍ନାକର ଦେବ ବଂଶୀଧର
ଶ୍ରୀବତ୍ସଲାଞ୍ଛନ ବକ୍ଷ ।।

ଉପେନ୍ଦ୍ର ଇନ୍ଦ୍ରାବରଜ ଚକ୍ରପାଣି
ରୂପ ଗୁଣ ଯା ଅଲେଖ ।
ପଲକ ପତନେ ହରଇ ଦୂରୀତ
ଯତନେ ସାଧବେ ଦେଖ ।।
ବାସୁଦେବ ଦୀନ ବାନ୍ଧବ ମାଧବ
କେଶବ ପୁଣ୍ଡରିକାକ୍ଷ ।
ସଖା ସହୋଦର ତୁହି ବନ୍ଧୁ ମୋର
ସଦା ଶ୍ରୀ ପୟରେ ରଖ ।।


ପ୍ରଫେସର ଡକ୍ଟର ଅର୍ଜୁନ ଚନ୍ଦ୍ର ବାରିକ୍
ମହୁ, ଆଳି, କେନ୍ଦ୍ରାପଡ଼ା
ଦୂରଭାଷ ୯୯୩୭୯୯୦୫୯୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କହିଲ ଦେଖି

ଅମରନାଥ ବାରିକ



ପୁରୁଣା ମସିହା ଯିବଟି ଚାଲି
ନୂତନ ମସିହା ଆସିବ କାଲି ।
ଦୁଇ ଶୂନ୍ୟ ଦୁଇ ଚାରି ହଜିବ
ଦୁଇ ଶୂନ୍ୟ ଦୁଇ ପାଞ୍ଚ ଆସିବ ।
ଡିସେମ୍ବର ଥାର୍ଟିଫାଷ୍ଟ ପରେ
ଜାନୁଆରୀ ଏକ ଆସଇ ଧିରେ ।
ଆସ ପିଲେ ଆଜି ଜାଣିବା ଆସ
ଇଂରାଜୀରେ ତାକୁ କୁହନ୍ତି କିସ ?
( ଉ -: New year )

ଥିଲା ଦିନେ କେତେ ଚିଠି ପତର
ଲେଖାରେ ଦରଦି ପ୍ରେମ ଆମର ।
ଏବେ ମୋବାଇଲ୍ କରୁଛି ଖେଳ
ଜଣା ପଡୁନାହିଁ ସରୁଛି ବେଳ ।

ନବବର୍ଷ ଆଗ ପନ୍ଦର ଦିନୁ
ଲେଖୁଥିଲୁ ବାର୍ତ୍ତା ଭାବି ମନରୁ ।
ସେହି ଶୁଭେଚ୍ଛାର ପତ୍ର ଖଣ୍ଡିକୁ
ଇଂରାଜୀରେ କ'ଣ କହନ୍ତି ତା'କୁ ?
( ଉ -: greetings )

ଇଂରାଜୀ ପ୍ରଥାକୁ ଆଗେଇ ନେଲେ
ଆମ ପରମ୍ପରା ସବୁ ଭୁଲିଲେ ।
ନୁହେଁ ସିନା ହିନ୍ଦୁ ନବ ବରଷ
ତଥାପି ସଭିଏଁ ହର୍ଷ ଉଲ୍ଲାସ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆ ଜାଗା ବୁଲି ଦେଖିଣ ଥାଉ

ବଣ ଭୋଜି କରି ଏକାଠି ଖାଉ ।

ସାଙ୍ଗ ସାଥି ମେଳେ ଯୁଆଡ଼େ ଯାଉ

ଇଂରାଜୀରେ ତାକୁ କଅଣ କହୁ ?

( ଉ -: picnic )

ପିଠା ପଣା ଘରେ ଖୁସିରେ କରୁ

ନବ ବରଷକୁ ସ୍ୱାଗତ କରୁ ।

ତୁଳସୀ ଚଉଁରା କରୁ ପୂଜନ

ଇଷ୍ଟ ଦେବତାଙ୍କ ପାଖେ ଭଜନ ।

ବୈଶାଖ ମାସରେ ପାଳିତ ଏହା

ଆମ ସଂସ୍କୃତିରେ ମହାନ ତାହା ।

ଅଛି ଆମ ନବ ବରଷ ଯେଉଁ

ଓଡ଼ିଆରେ ଆମେ କାହାକୁ କହୁ ?

( ଉ -: ପଣା ସଂକ୍ରାନ୍ତି )

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବନା ଚଉତିଶା

ପ୍ରଦୀପ କୁମାର ଜିଲିକାରା



ଅବନା ଆଦ୍ୟ ପ୍ରାନ୍ତ ଯମକ ସିଂହାବଲୋକନ ଅଳଙ୍କାରରେ ଚଉତିଶା

( ରାଗ - ମାଳବ )

କର ଦରଶନ ଗଜ-ନକ୍ରର, କର ଚକ୍ରର ଉଦ୍ଧରଣ-କର ।୦୧

ଖର ତପନ ଚନ୍ଦ୍ର କର ଖର, କ୍ଷରଣ ସରସ କଞ୍ଜ ଅକ୍ଷର ।୦୨

ଗରଳ-ଧର ମସ୍ତକ ରଂଗର, ଗରବ୍ରତ-ପର ନଟ ଅଗର ।୦୩

ଘନ-ବରନ ନଗ-ଅପଘନ, ଘନ ବର୍ଣ୍ଣ ଶଇଳ ନଭ-ଘନ ।୦୪

ଉରଗ ଶୟନ ରସ ଚଉର, ଉରଶଲ ଜଗ-ଦଶ-ଚଉର ।୦୫

ଚରଣ କଞ୍ଜର ବର-ଖଚର, ଚର ସର୍ବ ସମୟ ସହଚର ।୦୬

ଛଦ-ଗହନ ରଙ୍ଗ ରଦଛଦ, ଛଦମର ବସ କରତ ଛନ୍ଦ ।୦୭

ଜନକ ନନ୍ଦ ନନ୍ଦନ ସଜ୍ଜନ, ଜନ ଅନ୍ତର ମନର ରଞ୍ଜନ ।୦୮

ଝରଇ ସରସ ରସର ଝର, ଝର ଝର ପଦ୍ମ ଲପନ ଝର ।୦୯

ନବ ନତ- ବର ବର ତ ନବ, ନବ- ନଟ ରସଦତ୍ତ ଅର୍ଣ୍ଣବ ।୧୦

ଟମକ ଚମକ ଶବଦ ଟମଟମ ଲପନ ନୟନ ମଟମ ।୧୧

ଠକବର ଗମନ ଠକଠକ, ଠକର ତପନ-ତନୟ ଠକ ।୧୨

ଡର ହର ଭ୍ରଷ୍ଟ ଦ୍ୱୟ ପଣ୍ଡର, ଡର ଅମରଙ୍କ କର ଅଡର ।୧୩

ଢଗର ରସ ବଚନର ଢ଼ଙ୍ଗ, ଢ଼ଙ୍ଗ ତ୍ରୟ ବଶକରଣ ଢଙ୍ଗ ।୧୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଘଟଣ ଘଟଣ କର ଅଘ, ଅଘ ଅଘ ଚୟ ମର୍ଦ୍ଦନ ଅଘ ।୧୫

ତମ ଚକ୍ର ଖଣ୍ଡ ନର ଉତ୍ତମ, ତମସ ଚର ବଧର ସତମ ।୧୬

ଥରଥର ମରତ-ବର ଥର, ଥରଦ ଦଶ ଦଶ ଏକଥର ।୧୭

ଦର ଚକ୍ର ଧର ରଖ ଅଦର, ଦର ହର କ୍ଷୟକର ମନ୍ଦର ।୧୮

ଧର ଧର ଉପର ବର-ଧର, ଧର ଧର ଦକ୍ଷ ରକ୍ଷ ବଧର ।୧୯

ନର ଅମର ମର୍ତ୍ତ୍ୟ -ବର ନର, ନରକ ହର ଭଜ ପ୍ରସନ୍ନର ।୨୦

ପରମ ରମ୍ୟ ସ୍ମର ଦରପର, ପରଶଂସ ଘଟ ଦଇତ୍ୟ-ପର ।୨୧

ଫଳ ଦତ୍ତକ ଦର୍ଶନ ସଫଳ, ଫଳ ବର୍ଦ୍ଧନ ଲବ୍ଧ ବର୍ଗଫଳ ।୨୨

ବରଜ ବର ନନ୍ଦନ ସ୍ତବର, ବର ସର୍ବ କରଗତ ଜବର ।୨୩

ଭରମର ମନ ପଦର ଭର, ଭରସଳ ଜଳଜ ରସ ଭର ।୨୪

ମରକତ ଅପଘନ ସମର, ମରଣବର ଭୟ ସକ୍ଷମର ।୨୫

ଯମକର ଭଜନ କର ଯମ, ଯମ ଦଣ୍ଡର ସତ ବଡ଼ ଯମ ।୨୬

ରସ ଅମଳ କମଳ ସରସ, ରସ ସରସ ପୟର ସରସ ।୨୭

ଲଭ ଅଶରଣ ଶରଣ ଲଭ୍ୟ, ଲଭ୍ୟ ଭକତର ଖଳ ଅଲଭ୍ୟ ।୨୮

ବର ଅମର ଅମର ସ୍ତବର, ବରଦ ହସ୍ତ ଖଗବରବର ।୨୯

ଶରଣଦ ଭରଣଦ ସଶର, ଶର ଆସନଧ ଭକ୍ତ ଈଶ୍ୱର ।୩୦

ଷଟଦଶ ଚନ୍ଦ୍ର ଆସ୍ୟ ଭ୍ରଷଟ, ଷଟପଦର ପଦମ ନଷଟ ।୩୧

ସଜ କଞ୍ଜ ବଦନ ଲୟ ସଜ, ସଜ ଭବ ଜଳ ଲଙ୍ଘନ ସଜ ।୩୨

ହର କଞ୍ଜ ଅମର ବୃତ୍ତ-ହର, ହରଷ ମଗନ ଅହରହର ।୩୩


କ୍ଷମ ନନ୍ଦ ତନୟ ସର୍ବ କ୍ଷମ, କ୍ଷମ ବନ୍ଦ୍ୟ ଭଦ୍ର ବନ୍ଦ ଅକ୍ଷମ ।୩୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଭିଙ୍କୁ ଦିଅ ହେ ଖୁସି

ବିଦ୍ୟୁତ ପ୍ରଭା ମିଶ୍ର



ନୂଆ ବରଷ ତୁମେ ନୂଆ ବରଷ
ବରଷକ ପରେ ଯାଇଛ ଆସି,
ନବ ଚେତନା ଓ ପ୍ରେରଣାକୁ ଦେଇ
ସଭିଙ୍କ ମନରେ ଭରହେ ଖୁସି ।
ତୁମ ଆଗମନେ ପୂର୍ବ ବରଷର
ଦୁଃଖ ଶୋକ ସବୁ ଯାଆନ୍ତୁ ଭୁଲି,
କର୍ମ ପଥରେ ଆଗେଇ ଚାଲନ୍ତୁ
ନୂଆ ଉତ୍ସାହର ପ୍ରଦୀପ ଜାଳି ।
ସମୟତ କେବେ ସମାନ ଯାଏନି
ଦୁଃଖସୁଖ ଲାଗି ରହେ ଜୀବନେ,
ତଥାପି ଆଶାରେ ବଞ୍ଚଇ ମଣିଷ
ପଡି ଉଠି ବାନ୍ଧେ ସାହସ ମନେ ।

ପୁରୁଣା ବର୍ଷରୁ ଶିକ୍ଷା କିଛି ନେଇ
ଆଗେଇବା ଯଦି ସୁଧାରି ତାକୁ,
ଆଶା ସବୁ ଆମ ଫଳବତୀ ହେବ
କର୍ମ କରୁଥିଲେ ଚିନ୍ତି ପ୍ରଭୁଙ୍କୁ ।
ସୁଜଳା ସୁଫଳା କର ଏ ଧରଣୀ
ଖାଦ୍ୟର ଅଭାବ ନଭୋଗୁ କେହି,
ମିଳିମିଶି ସର୍ବେ ରୁହନ୍ତୁ ମହୀରେ
ବିଶ୍ୱ ଭାତୃତା ର ଭାବନା ନେଇ ।
କାହା ମନେ ଦୁଃଖ ଦିଅନାହିଁ ତୁମେ
ହେ ନୂଆ ବରଷ ଏତିକି ଚାହେଁ,
ଆଗାମୀ ଦିନଟି ଶୁଭଙ୍କର ହେଉ
ସମସ୍ତେ ରୁହନ୍ତୁ ସଦା ନିର୍ଭୟେ ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସଭିଙ୍କୁ ଦିଅ ହେ ଖୁସି

ଭାସ୍କର ରାଉତ



ପଲ୍ଲୀରୁ ସହର ଉତ୍ସବ ମୁଖର
ଗୋଟେ କ୍ୟାଲେଣ୍ଡର ପାଇଁ,
ରାତି ଉଜାଗର ତୋରଣ ସୁନ୍ଦର
ଆଲୋକରେ ଝଲସଇ ।।୦।।
ଲଙ୍ଗଳା ନାଟକୁ ଲଗାଇ ତାହାକୁ
ସବୁ ମତୁଆଲା ହୋଇ,
ନାଚନ୍ତି ସେଠାରେ ସବୁ ଅଜ୍ଞାନରେ
କେ କାହାକୁ ନ ଚିହ୍ନଇ ।
ନିଶାର୍ଦ୍ଧ ରାତିରେ ଚିତ୍କାରକୁ କରେ
ନୂଆ ବର୍ଷକୁ ଡାକଇ ।।
ଉଦୟ ଭାନୁ କୁ ଡାକରେ ତାହାକୁ
ଫୁଲ ଫଳ ଜଳ ଦେଇ
ସାରା ଜଗତରେ ଅଟେ ସେ ଆଧାର
ଆରାଧନା କର ଭାଇ ।
ଜଗତ ଦୁଃଖ କୁ ଦୂର କରିବାକୁ
ଶପଥ ନିଅରେ ଯାଇ ।।
ମନର ଆଶଙ୍କା ଯୁଦ୍ଧ ବିଭୀଷିକା
ଧରାରୁ ଦିଅ ହଟାଇ,
ହସୁ ଏ ଜଗତ ନଘଟୁ ବିପ୍ରାତ
ସ୍ୱାର୍ଥପର ନୁହଁ କେହି ।
ସଭିଙ୍କ ମନରେ ଖୁସିକୁ ଭରରେ
ଭାଇଚାରା ଭାବ ନେଇ ।।

ଦେବମାୟା ଭବନ, ଶେରଗଡ଼, ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଭିଙ୍କୁ ଦିଅ ହେ ଖୁସି

ଭରତବନ୍ଧୁ ବିଶ୍ୱାଳ



ନୂଆ ଆଶା ସ୍ୱପ୍ନ  ନୂଆ ସମ୍ଭାବନା
ପ୍ରଗତି ଶାନ୍ତି ସମୃଦ୍ଧି
ଭରିଦିଅ ଖୁସି ଜୀବନେ ଆନନ୍ଦ
ନବବର୍ଷ ଉପଲବ୍ଧି ।

ନବ ବରଷର ପ୍ରତିଟି ସକାଳ
ହେଉ ସୁଖ ଶାନ୍ତି ପ୍ରଦ
ଚଲାପଥ ହେଉ ସଦା କୁସୁମିତ
ମଧୁର ହେଉ ସମ୍ବନ୍ଧ  ।

ହେଉ ପ୍ରୀତିପ୍ରଦ ଜୀବନ ସୁଖଦ
ମଧୁମୟ ପରିବାର
ଝଲସୁ ବିଶ୍ୱାସ ସକାରତ୍ମକତା
ଭବିଷ୍ୟ ହେଉ ଉଜ୍ଜ୍ୱଳ  ।

ନବ ବରଷର ଖୁସି ସୁସଙ୍କଳ୍ପ
ଅଜେୟ ଲକ୍ଷ୍ୟ ନିଷ୍ପତ୍ତି
ଅତିକ୍ରମୁ ବାଧା ମନୋବଳ ଦୃଢ
ପ୍ରତିକୂଳ ପରିସ୍ଥିତି ।

ଖେଳୁ ପ୍ରତି ଓଠେ ହର୍ଷ ଓ ଉଲ୍ଲାସ
ମିଳୁ ସୁଖ ସଫଳତା
ସଭିଙ୍କୁ ଦିଅ ହେ ଖୁସି ନବବର୍ଷ
ପୂର୍ଣ୍ଣ ହେଉ ଶୁଭ ଇଚ୍ଛା ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରଥମ ପ୍ରଣାମ ଘେନ ନୀଳାଚଳ ନାଥ

ବାସନ୍ତୀ ଦେଈ



ପ୍ରଥମ ପ୍ରଣାମ ଘେନ ହେ ନୀଳାଚଳ ନାଥ
ନୂତନ ବର୍ଷେ ପୂରିବ ସଭିଙ୍କ ମନୋରଥ ।।

ହସ ଖୁସି ଭରିଦିଅ ହେ ସବୁରି ଜୀବନେ
ନ ରହୁ କେ ଧରାରେ ଅଭାବ ଅନାଟନେ ।।

ସତ୍ୟ ଶାନ୍ତି ଦୟା କ୍ଷମା ମହତ ଗୁଣରେ
ମାନବୀୟ ଗୁଣେ ବିଭୂଷିତ ହୁଅନ୍ତୁ ନରେ ।।

ସ୍ନେହ ପ୍ରେମ ପ୍ରୀତି ମୈତ୍ରୀ ବଜାୟ ରହୁ
ହିଂସା ଦ୍ୱେଷ ରାଗ ମନରୁ ଦୂରେଇ ଯାଉ ।।

ମଙ୍ଗଳମୟ ହେଉ ଏହି ନବୀନ ପ୍ରଭାତ
ସୁଖ ଶାନ୍ତିରେ ଜୀବନ କଟୁ ଅବିରତ ।।

ଜ୍ୟେଷ୍ଠ କନିଷ୍ଠ ବରିଷ୍ଠ ସ୍ନେହ ସମ୍ମାନରେ
ପରସ୍ପର ସଦଭାବନା ରହୁ ନିରନ୍ତରେ ।।

ନିଷ୍ଠା ରହୁ କର୍ମମୟ ଜୀବନ ଜଞ୍ଜାଳେ
ଶାରୀରିକ ସୁସ୍ଥତା ରଖ ସଦା କାଳେ ।।

ମନ ମୋର ଚିନ୍ତୁଥାଉ ତୁମ ଦିବ୍ୟରୂପ
ହୃଦ ଧ୍ୟାନ କରୁ ସଦା ବିରାଟ ସ୍ୱରୂପ ।।

ଦୁଃଖ ରୋଗ ଶୋକ ଦୂର ହେଉ ପୃଥିବୀରୁ
ଅମୃତ ଲୋଚନେ ଚାହିଁ ଥାଅ ମହାମେରୁ ।।

ତୁମ ପଦପଙ୍କଜରେ ବାସନ୍ତୀର ମିନତି
ସଭିଙ୍କୁ କରୁଣା ବାରି ସିଞ୍ଚିବ ହେ ଶ୍ରୀପତି ।।

**** ଜୟ ଜଗନ୍ନାଥ ****

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗା ମୋ ଜୀବନ

ଏଲିଜା ଜେନା



ତୁମେ ତ ମାଧବ ଜଗତ ବାନ୍ଧବ
ମୁଁ ତ ସାଧାରଣ ଜୀବ
କିପରି ବୁଝିବି ଆହେ ଦୀନବନ୍ଧୁ
ସୁଖ, ଦୁଃଖ ହାନିଲାଭ ।

ଯେତେ ଦୁଃଖ ଦିଅ ହେଲେ ଜଗବନ୍ଧୁ
କରିବନି ମୋତେ ପର
ଦୁଃଖ ନିଅ ହରି ସୁଖ ଦିଅ ଭରି
ଦର୍ଶନ ଦେଇ ତୁମର ।

ଚିନ୍ତାମଣି ତୁମେ ବହିଅଛ ନାମ
ଚିନ୍ତାରୁ କରିବ ପାରି
ଶ୍ରୀରଙ୍ଗା ଚରଣେ କରୁଛି ଗୁହାରି
ସର୍ବ ଦୁଃଖ ନେବ ହରି ।

ଜୀବନ ତୁମର ଆୟୁଷ ତୁମର
ସବୁତ ତୁମରି ଦାନ
ରହିଥାଏ ପ୍ରଭୁ ସଦା ତୁମ ପାଶେ
ଯିବା ଯାଏ ମୋର ପ୍ରାଣ ।

ଚାହିଁଥିବ ଟିକେ ଆହେ ଦୀନବନ୍ଧୁ
ସୁଖ ଦୁଃଖ ସାଥେ ରହି
ଆପଣାର ଭାବି ନେବ ହେ ଚଳାଇ
ତୁମ ପରିବାର କହି ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେତେ କନ୍ଦାଇବ ଆହେ ଶ୍ରୀହରି

ନଳିନୀ ଦାଶ



କେତେ କନ୍ଦାଇବ ଆହେ ଶ୍ରୀହରି
ନିତି ବଞ୍ଚୁଅଛି ମୁଁ ମରିମରି
କେତେ ବୁହାଇବି ଆଖିରୁ ଲୁହ
ତୁମ ବିନା ସାହା ହେବ କେ କୁହ ।
ମାଆ କୋଳେ ମତେ ଜନମ ଦେଲ
ସଂସାର ହାଟରେ ବଡ଼ କରିଲ
ଡ଼ାକିଲି ବିପଦେ ହେ ଚଉବାହା
ଦୁଃଖରେ ସୁଖରେ ହୋଇଲ ସାହା ।
ମୋଠାରେ ପ୍ରଭୁହେ କଲକି ରୋଷ
କୁହ କରିଅଛି ମୁଁ କେଉଁ ଦୋଷ
ଝରାଅ ଓଠରୁ ମଧୁର ହସ
ଭକ୍ତିରେ ମୋହର ହୁଅ ହେ ତୋଷ ।
ତୁମେ ପରା ପ୍ରଭୁ ଜଗତ ପତି
ସେବାରେ ଲାଗିଥାଉ ମୋର ମତି
ଖଣ୍ଡି ଦିଅ ପ୍ରଭୁ ମୋର ଦୁର୍ଗତୀ
ଗାଉଥିବି ତୁମ ଭଜନ ଗୀତି ।

କୋଟି ଓଡିଆଙ୍କ ମଉଡ଼ମଣି
ଭକତଙ୍କୁ ତୁମେ କରିଛ ଗୁଣି
ଯେତେ ମୁଁ ଡାକୁଛି ପାରୁନ ଶୁଣି
ଆଖି ମୋ ହେଲାଣି ଲୁହ ଉଜାଣି ।
ଅନାଥର ନାଥ ହେ ଜଗନ୍ନାଥ
ପାଖେ ପାଖେ ରହି ଦେଖ ସୁପଥ
ତୁମେ ମୋର ବନ୍ଧୁ କଲି ଶପଥ
ନିର୍ଦ୍ଦେଶେ ଚାଲୁଏ ଜୀବନ ରଥ ।

ଭିକାରିପଡା, ଶରଣକୁଳ, ନୟାଗଡ଼ ।
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନୂଆ ବରଷର ନୂଆ କବିତା

ବଟକୃଷ୍ଣ ପଣ୍ଡା



ପୂର୍ବଦିନରୁ ପ୍ରସ୍ତୁତି
ରାତି ବାରଟା ଢୋ ଢା, ଠି ଠା
ଚିତ୍କାର ଖାଲି ଚିତ୍କାର
ହାପି ନିୟୁ ଇଅର ,ହାପି ନିୟୁ ଇଅର ।
ଆତ୍ମୀୟ ସୁଜନ ସାଙ୍ଗ ସାଥି ମାନଙ୍କ
 ଫୋନର ଲମ୍ବା ଧାଡି ।
ଆଖିକୁ ଆଉ ନିଦ ନାହିଁ
କଣ ହେବ ?
ନୂତନ ବର୍ଷ ଆସୁଛି
କେତେ ଖୁସି କେତେ ଆନନ୍ଦ
ସ୍ୱପ୍ନ ଅନେକ ଯୋଜନା ବି ଅନେକ ।
ଧିରେ ଧିରେ ରାତି ପାହିଲା
ଆସିଲା ଏକ ନୂତନ ସକାଳ
ସମସ୍ତଙ୍କ ମନରେ ଖୁସିର ଜୁଆର ।

ଠାକୁର ପୂଜାରେ ସକାଳ ସମୟ
ଅତିବାହିତ ହୋଇଗଲା ।
ଆଜି ଥିଲା ମାନଭୀର
ପ୍ରଥମ ଜନମ ଦିନ ।
ହୋଇଛି କବିତା ଆସର ଆୟୋଜନ
ଯିିବାକୁ ହେବ ମାଷ୍ଟର କ୍ୟାଣ୍ଟିନ
ବୁଲେନ ଭାଇଙ୍କ ବାସଭବନ
ଗାଡି ମୋର ଛୁଟିଲା
କରିବି କବିତା ପଠନ
ଆଶିର୍ବାଦତ୍ମକ କବିତା କରିଲି ଗାୟନ
ଭେଟ ହେଲେ ପୁଷ୍ପଲତା ଭଉଣୀ
ଛୁଟିଲା ନବ ବର୍ଷର ଅଭିନନ୍ଦନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖାହେଲେ ବଡ ଭାଇ

ନାରାୟଣ ସେନାପତି

ଉଠାଇଲୁ ସେଲଫି

କଥାବାର୍ତ୍ତର ଭାବ ବିନିମୟ ।

ଆସିଲେ କବି ଭାଇ ତପନ

କରିବେ ସାହିତ୍ୟ ଅନୁଷ୍ଠାନ

ଫେସବୁକରେ ହୋଇଲା ନିର୍ମାଣ ।

ବହୁ କବି ବନ୍ଧୁଙ୍କ ମିଳନ

ସଭିଙ୍କ ମୁଖରେ ଅଭିନନ୍ଦନ ।

ତୁମେତ ଆସିଛ

ଭରିଦିଅ ଖୁସି ଅଜାଡି ଦିଅ

ସୁଖର ପସରା ।

ପୂରି ଉଠୁ ମନ ପ୍ରାଣ

ହସି ଉଠୁ ସକଳ ଜୀବନ ।

ଭେରୁଣିଆ, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନୂଆ ସକାଳର ମିଠା ସମ୍ପର୍କ

ଯାଜ୍ଞସେନୀ ପଣ୍ଡା



ସ୍ନେହରେ ଗଢ଼େ ସମ୍ପର୍କ ର ନିଡ଼
ବ୍ୟବହାର କରେ ଜୀବିତ
ସେବା, ଯତ୍ନରୁ ଯେ ହୁଏ ଅନୁଭୁତି
ସ୍ନେହ ପ୍ରେମ କରେ ଉଜ୍ଜୀବିତ ।
ଅବିଶ୍ୱାସ ଆଉ ଅହଂକାରେ ପରା
ଭାଙ୍ଗି ଯାଏ କେତେ ନିଡ଼
ଭଲ ପାଏ ବୋଲି ଯେତେ ଚିଲ୍ଲେଇଲେ
କିଏ ଵା କାହିଁ ଜାଣିବ ?
ଅନୁଭବ ଯେବେ ଜଣେ ନ କରିବ
ଅନ୍ୟର ସ୍ନେହ, ପ୍ରୀତି ଓ ମମତା
କିଲାଭ ଅଛି ସେ ଭଲପାଇବାର
ମନେ ଥାଏ ଯାହା ଅଦେଖା ।।
୨୦୨୪ ମସିହାର ମିଶାଣ ଫେଡାଣ
ପୁଣି ଗୁଣନ ପରେ ହରଣ
ଯାହା ବଳିଥିବ ତାକୁ ସାଥେ ନେଇ ହେବ
ସମ୍ପୂର୍ଣ୍ଣ ଆଗତ ଜୀବନ ।।

ଖୁସି ଶାନ୍ତି ଆଣୁ ଦୁଇ ହଜାର
ପଚିଶ
ମନେ ଥାଉ ସେଇ ବିଶ୍ୱାସ
ପରସ୍ପର ସୌହାର୍ଦ୍ଦ୍ୟ ଏମିତି ଥାଉ ରେ
କୃପା କର ହେ ଜଗନ୍ନାଥ ।।
ନବ ବରଷ ର ସକାଳ କିରଣ
କରିଦେଉ ଖୁସି ମନ
ଶାନ୍ତି, ପ୍ରୀତି ଆଉ ମୈତ୍ରୀ ସହିତ
ଜଣାଏ ନବବର୍ଷର ଅଭିନନ୍ଦନ ।

ବାଙ୍ଗାଲୋର, କର୍ଣ୍ଣାଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆବର୍ଷ ସ୍ୱାଗତିକା

ଦେବାଶିଷ ଚକ୍ରବର୍ତ୍ତୀ



ନୂଆ

****

ମଉଜେ ସଭିଏଁ ଝୁମୁଅଛୁ ସିନା
ଆସିଅଛି ନୂଆ ବରଷ ବୋଲି
ଲାଭ କଣ ଯଦି ହୃଦୟ କାନନେ
ନୂଆ ଚେତନା ର ଫୁଟୁନି କଳି ?

ନିଶାର୍ଦ୍ଧ

******

ବଡପଣ ଆମେ ଦେଖାଉଛୁ ସିନା
ମଧ୍ୟରାତ୍ର ରେ ଫୁଟାଇ ବାଣ
ଅନୁଭବିଛୁ କି କେବେହେଲେ ତିଳେ
ଆମ ବିବେକର ବିବଶପଣ ?

ଶୋଷ

*****

ଛାଗ କୁକ୍କୁଟଙ୍କ ଶୋଣିତରେ କଣ
ମେଣ୍ଟାଇ ପାରିବୁ ଧରାର ଶୋଷ
ଅମଣିଷପଣେ ହୃଦରେ ତାହାର
ସୃଜିଅଛୁ ଆମେ ଯେ ଅବସୋସ ?

ଅଭିନନ୍ଦନ

********

ନୂଆବରଷ ରେ ପରସ୍ପର କୁ
ଜଣାଉଛୁ ସିନା ଅଭିନନ୍ଦନ
କି ଲାଭ କୁହନି ତା' ଭିତରେ ଯଦି
ସାଇତି ପାରିନୁ ଆପଣାପଣ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସର

*****

ନୂଆ ବରଷ କୁ ସ୍ୱାଗତ କରୁଛୁ
କବିମାନେ ସିନା ଗଳା ଫଟେଇ
କୃତଘ୍ନ ହେଉ ନାହୁଁ କି ସତରେ
ବିଗତ ଦିନର ନିନ୍ଦା ଗାଇ ?

ମଣ୍ଡୁଆ, କେନ୍ଦୁଝର ଗଡ
ମୋ-୯୪୩୭୭୫୨୩୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାଗତ ହେ ନବବର୍ଷ

ଝୁମୁରୀ ସାହୁ



ସ୍ୱାଗତ ଘେନ ହେ ନୂତନ ବରଷ
ଦୁଇ ହଜାର ପଚିଶ,
ତୁମ ଆଗମନେ ପୁଲକିତ ଦେଖ
ହୃଦୟେ ଖୁସି ପୀୟୂଷ ।।

ସବୁଜିମା ଭରା ସୁନ୍ଦର ଧରଣୀ
ମହିମା ମଣ୍ଡିତ ହେଉ,
କୋଟି ଜନ ମନେ ଆନନ୍ଦ ଉଲ୍ଲାସ
ଗୌରବ ବଢାଇ ଦେଉ ।।

ପ୍ରକୃତି ପ୍ରକୋପ ଦୂରେଇ ତ ନେବ
ଦେବନି ଦାରୁଣ ଦୁଃଖ,
ଚାଷୀ ହନ୍ତସନ୍ତ ପେଟ ପାଇଁ ଭାତ
ପଉଷ ଅମଳ ସୁଖ ।।

ଦୁଷ୍କର୍ମ ଦୁନିଆଁ ହେବନି ଛାନିଆ
ନାରୀ ଜାତି ଆମ ମାଆ,
ବିକଳ୍ପ ବ୍ୟବସ୍ଥା କରିବ ନିଷ୍କ୍ରିୟ
ଦୁର୍ଗତି ନାଶିନୀ ସାହା ।।

ଶିକ୍ଷାରେ ସଂସ୍କାର ଆଣିବ ସୁଧାର
ଦିଗ୍ ବିଜୟୀ ଶିକ୍ଷାର୍ଥୀ,
ଉର୍ଦ୍ଧ୍ୱରେ ରହିବା ବିଖ୍ୟାତ ହୋଇବା
ପ୍ରକୃତିସ୍ଥ ସତ୍ୟ ଶାନ୍ତି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ମାନିତ ହେବେ ମାତୃଜାତି ନାରୀ
ମମତା ରେ ଅଛି ମୂଳ,
ସାହସ ଶକତି ଅମୀୟ ଭାବନା
ସର୍ବେ କର ସମତୁଲ ।।

ନୂତନ ବର୍ଷ ର ନବୀନ ଆଲୋକ
ସରସ ସୁନ୍ଦର ହେଉ,
ଜୀବନ ଜଞ୍ଜାଳେ ପ୍ରତିଟି ମୁହୂର୍ତ୍ତ
ପ୍ରଭୁ ନାମ ଜପୁ ଥାଉ ।।

ଶେଷରେ ମିନତୀ କରୁଛି କାଳିଆ
ଶୁଭ ଦୃଷ୍ଟି ସଦା ଦିଅ,
କଣ୍ଟକିତ ପଥ  କୁସୁମିତ କର
କର୍ମ ପଥେ ବୁଦ୍ଧି  କୁହ ।।

ସ୍ୱାଗତ ଘେନ ହେ ନୂତନ ବରଷ
ଦୁଇ ହଜାର ପଚିଶ,
ବାଣିଜ୍ୟ ବ୍ୟବସାୟ ବିକଶିତ ହେଉ
ବିଶ୍ୱ ବାସୀ ମନେ ଖୁସି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଦାୟ ଚବିଶି ସ୍ୱାଗତ ପଚିଶି

ସୌଦାମିନୀ ତ୍ରିପାଠୀ



ବିଦାୟ ଶବ୍ଦଟି ସ୍ୱାଗତ କରୁଛି
ନୂତନ ଆଗମନକୁ
ବିଦାୟ ଶବ୍ଦଟି ବିଶେଷେ ବୁଝୁଛି
ସମୟର ଅବଧିକୁ ।
ବିଦାୟ ଶବ୍ଦରେ ବିଶେଷ ଦାୟିତ୍ୱ
ବହନ କରି ମିଆଦ
ବିଦାୟ ଡିସେମ୍ବର ଏକତିରିଶି ତାରିଖ
ପଞ୍ଜିକା ସ୍ମୃତି ତାଗିଦ ।
ବିଦାୟ ପୁରୁଣା ସ୍ୱାଗତ ଅଭ୍ୟର୍ଥନା
ଏକ ଯାଏ ଏକ ଆସେ
ବିତରଣେ ଖୁସି ସୁଖ ମାଳେ ଆଶ୍ୱାସୀ
ନୂତନ ଆଶା ବିଶ୍ୱାସେ ।
ବିଶେଷ ଆକର୍ଷଣ ନୂତନ ସଂସ୍କରଣ
ଆଶାର ତାଜମହଲେ
ବିଭିନ୍ନ ସମସ୍ୟା ବିଲୋପନେ ତୃଷା
ତୋଷଇ ପଚିଶି କୋଳେ ।

ବିରଳ ଦୃଷ୍ଟାନ୍ତ ରଚି ସୁଖ ଖେଦ
ଦୁଃଖ ବା ନାଶ ବୈଭବ
ବିଶିଷ୍ଟ ପନ୍ଥା ଅବଲମ୍ବନ ବ୍ୟବସ୍ଥା
ବଦଳେ କିର୍ତ୍ତୀ ରଚିବ ।
ବିନିଯୋଗ ପ୍ରାୟେ ଜୀବନ ସମୟେ
ଯୁଦ୍ଧ ବାତ୍ୟା ବାରମ୍ବାର
ବିଭିନ୍ନ ମାର୍ଗରେ ଜୀବନ ଛାରଖାରେ
ନୂତନର ପ୍ରତୀକ୍ଷାର ।
ବିତାଇବେ ଦିନ ବିଶେଷ ଦେଇ ଧ୍ୟାନ
ସୁଖ ବୈଭବ ଆଶାରେ
ବିଶେଷ ଧ୍ୟାନଦେବେ ସଂପର୍କ ବଢାଇବେ
ଦୁଃଖ କଷ୍ଟ ଭୁଲିବାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବଶ ବିନାଶ  ସମୟ  ସୁପ୍ରକାଶ

ଦୁଇ ହଜାର ପଚିଶ

ବିଦାୟ ବରଷ  ଦୁଇହଜାର  ଚବିଶ

ସ୍ୱାଗତ ନୂତନ ବର୍ଷ ।

ବିତରିବ ଖୁସି ଭରି ସୁନା କଳସୀ

ସୁଖ ସମୃଦ୍ଧି ସଦବୁଦ୍ଧି

ବିନୟ ପ୍ରାର୍ଥନା  ପ୍ରଭୁଙ୍କ ପୟରେ

ଦୁଇହଜାର  ପଚିଶ ସ୍ଥିତି ।

ବିତରଣ କରୁ ସୁଖ ସୌଭାଗ୍ୟ

ଏଡାଇ  ଦୁଃଖର ଗତି

ବିତରଣ ଆନନ୍ଦ  ସୁଖ  ସଂପଦ

ଭୂଲି  ସଂକଟ ସ୍ଥିତି ।

ବିକଶିତ  କର ନୂଆ ସକାଳର

ରଶ୍ମୀରେ ନୂଆ ସୁକୀର୍ତ୍ତି

ବିକସିତ ହେଉ କୁସୁମ  ପଲ୍ଲବେ

ଉନ୍ନତି  ଦେଶ ପ୍ରଗତି ।

ଭୁବନେଶ୍ୱର-୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆ ବରଷର ବାର୍ତ୍ତା

ବସନ୍ତ କୁମାର ମଲ୍ଲିକ



କେତେ ଯେ ବରଷ ଆସିଛି ଯାଇଛି
ତାହାର ହିସାବ ନାହିଁ
କାହିଁପାଇଁ ମନ ହୁଏ ଯେ ଉଛନ୍ନ
ଏ ନୂଆ ବରଷ ପାଇଁ ?

ଚାଲି ଯାଉଥିଲା ବରଷ ଚବିଶି
ପଛରୁ କେ ଡାକେ ଆସ
ପଛକୁ ଫେରିକି ଦେଖିଲା ବେଳକୁ
ଆସୁଛି ନୂଆ ବରଷ ।

ହିସାବ ତାଲିକା ମାଗୁଛି ସେ ଆଜି
ମାଗୁଛି ବ୍ୟାଲେନସ ଶିଟ୍
କେତେ ନେଇଗଲୁ କେତେ ଛାଡ଼ିଗଲୁ
ଦେଇଯା ତାହାର ଲିଷ୍ଟ ।

ଏଇ ଆସିଥିଲି ଏଇ ତ ଯାଉଛି
ସମୟ ମୋ ହେଲା ଶେଷ
କ୍ଷମା କର ଭାଇ ହିସାବ ଯେ ନାହିଁ
କହେ ବରଷ ଚବିଶ ।

ବଡ ଭାଇ ତୋର ନେଉଛି ବିଦାୟ
ଶ୍ରାବଣର ଲୁହ ନେଇ
ହସି ଉଠୁ ଆଜି ବରଷ ପଚିଶ
ଖୁସିର ବାରତା ଦେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଲୁସୁଲୁ ବାଆ ଶୀତ ଲହରୀରେ
ହସି ଉଠୁ ଏହି ଧରା
ହସି ଉଠୁ ଗଛ, ପତ୍ର ସବୁ କିଛି
ରହୁ ଦୁଆ ବର୍ଷସାରା ।

କେତେ ସ୍ମୃତି କେତେ ଅନୁଭୂତି ନେଇ
ଯାଉଛି ମେଲାଣି ନେଇ
ନୂଆ ନୂଆ ଆଶା ଆକାଂକ୍ଷାର ବାର୍ତା
ଧରା ପୃଷ୍ଟେ ଛାଡି ଦେଇ ।


ପୁଣି ଏ ଧରତୀ ନୂଆ ବରଷରେ
ନୂଆ ରଙ୍ଗ ସଜା ହେଉ
ଏତିକି ମିନତୀ ହେ ଜଗତ ପତି
ଦୁଃଖ ଯାଉ ସୁଖ ରହୁ ।

ଜଟଣୀ, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

# କିଛି ସ୍ମୃତି କିଛି ଅନୁଭୂତି

ମନ୍ଦାକିନୀ ପାଢ଼ୀ



ତୁମରି ବିଦାୟେ ଅନୁଭୂତି କିଛି
ସ୍ମୃତି ହୋଇ ଭାସିଯାଏ
ଛିଣ୍ଡି ରହେ ଅନ୍ତରରୁ କିଛି ଅଂଶ
ମନ ଛଟପଟ ହୁଏ ।।

ଦୂରରୁ ତୁମ ସ୍ମୃତିର ମୁହଁ ଦେଖି
ହୃଦୟ ମୋ ବିଦାରିତ
ଦୁଃଖର ଅତଳ ଗର୍ଭରେ ଥିଲେ ବି
ଦିଏ ତୁମକୁ ବିଦାୟ ।।

ତୁମ ସହ ପୁଣିଥରେ ଅଠାବୋଳି
ଯୋଡ଼ିହେବା ସ୍ୱପ୍ନକଷ୍ଟ
ଦିଏ ଅନେକ ଦୁଃଖ ଓ ଯନ୍ତ୍ରଣା ସେ
ଶୁଖି ଯାଏ ସତେ ଗଛ ।।

ତୁମରି ବିଦାୟେ ସ୍ମୃତି ପଦଚିହ୍ନ
ଭାସେ ମନପରଦାରେ
ହେଲେ ମୋ ନିରୁଦ୍ଧିଷ୍ଟ ଚେତନାରେ
ତୁମ ଆଲବମ୍ ଖୋଜେ ।।

ତୁମ ଆଗମନେ ହୋଇଥିଲା ଦିନେ
ଅସୁମାରୀ ଆଶା କ୍ଷୁଣ୍ଣ
କଳାବାଦଲ ତଳେ ଲୁଚିଲେ ସୂର୍ଯ୍ୟ
କିଏ ପାଇଲା ଯାତନା ।।

ମାଆ ପୁଅକୁ ହରାଇଲା ପତ୍ନୀ ସ୍ୱାମୀ
ସମସ୍ତେ ହେଲେ ବ୍ୟଥିତ
ତଥାପି ସୁଖର ଆଶାବାଡ଼ୀ ଥିଲ
ଲେଖେ କଷ୍ଟେ ଅଟୋଗ୍ରାଫ ।।


ଅଧ୍ୟାପିକା ରାଜନୀତି ବିଜ୍ଞାନ
ପଦ୍ମପୁର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକରେ ଏକ

ପ୍ରଭଞ୍ଜନ ତ୍ରିପାଠୀ



ପ୍ରାକ୍ତନ ପୃଷ୍ଠାରେ ଲିପି ଇତିହାସ ଲେଖା
ଗାଣିତଜ୍ଞ ସୃଷ୍ଟି ଥିବା ଏକ ଅଙ୍କ ରେଖା
ଶେଷ ଅଙ୍କ ହିସାବରେ ଅଙ୍କ ଏକାଧିକ
ଗଣିବା ବେଳେ ବଳକା  ଲାଗଇ କ୍ଷଣିକ ।।

ଭୁକ୍ତ ହିଷାବି ହିସାବେ ମିଶ୍ରଣ ଏ ଅଙ୍କ
ଘଣ୍ଟା କଣ୍ଟା ମାଧ୍ୟମରେ ଘୁରଇ ଶଶାଙ୍କ
ଅହିସାବି ସୌର ଦେଶେ ଘୁରନ୍ତା ମଣ୍ଡଳ
ପୃଥୀ ପୃଷ୍ଟେ ପ୍ରାଣିଗଣେ ସମୟ କାଙ୍ଗାଳ ।।

ବର୍ଷ କେତେ ଆସି ପୁଣି ଜାଇଅଛି ଫେରି
ଜନ୍ମ କେତେ ହୋଇ କେତେ ଯାଇଛନ୍ତି ମରି
କିନ୍ତୁ ମାଟି ଉଜ୍ଜୀବିତ ଧରାରେ ଜୀବନ
ଏଠି ମୃତ୍ୟୁ ଏଠି ଜନ୍ମି ଚକ୍ରରେ ଘୁର୍ଣ୍ଣନ ।।

ଭାବାବେଗ ଚିନ୍ତାଶୀଳ ଚାରିତ୍ରଚିନ୍ତନ
ଋଷି ମୁନି ଜ୍ଞାନୀ ଜଣେ କରିଛି ବର୍ଣ୍ଣନ
ମୋକ୍ଷ ମିଳେ ବୋଲି କର୍ମ ସୁକର୍ମ ଆଦରି
ପୁରାଣ ଭାଗବତ କୁ ଶେଷ ପୃଷ୍ଠା ସାରି ।।

ଧନ ଜନ ମାନ ପୂର୍ଣ୍ଣ ମର୍ଯ୍ୟାଦାର ସାଥେ
ଶେଷ କୃତ୍ୟ ହେଉ ଥାଇ ବନ୍ଧୁବର୍ଗ ହାତେ
ଏ ଜନ୍ମରେ କର୍ମ ଫଳ ଏ ଜନ୍ମେ ଭୋଗିଣ
ମୃତ୍ୟୁ ଶଯ୍ୟାରେ ମିଳଇ ଗଣର କୀର୍ତ୍ତନ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୀର୍ତ୍ତିବନ୍ତ ପ୍ରାଣ ପାଏ, ସ୍ୱର୍ଗାପୁରେ ସ୍ଥାନ
ମର୍ତ୍ତ୍ୟ ମଣ୍ଡଳରେ ହୁଏ ତାର କୀର୍ତ୍ତି ଗାନ
ସନ୍ତାନ ସନ୍ତତି ମୁଖେ ଦେଇ ଗଙ୍ଗାଜଳ
ପ୍ରାଣ ଉଡିବା ପୂର୍ବରୁ ଝାରି ଅଶ୍ରୁ ଜଳ ।।

ଆଦର ସତ୍କାର ଦେଇ ଥାନ୍ତି ସାଧୁ ସନ୍ଥ
ମୂର୍ତ୍ତି ସ୍ଥାପନ କରନ୍ତି ଗ୍ରାମମଧ୍ୟେ ପାନ୍ଥ
ସ୍ମୃତିକୁ ନେଇ ହୁଅଇ ଅନେକ ଆଲୋଚ୍ୟ
ଭବନା ବାଢ଼ି ଦିଅନ୍ତି ଅନେକ ଚିହ୍ନତ ।।

ବିଚିତ୍ର ଧାରା ଏହାର ଅନେକ ବିଧାନ
ଯେ ଗୁଣି ଜ୍ଞାନୀ  ଜାଣେ ଭାବ ର ମହାନ
ଧୈର୍ଯ୍ୟ  ଶୌର୍ଯ୍ୟ  ସୌଭାଗ୍ୟଟି  ହଜାରରେ
ଏକ
ନହେଲେ ହୁଅନ୍ତେ ମହା ପୁରୁଷ ଅନେକ ।।

ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୋହଲୁଥିବା ବସା

ସୌଦାଗର ବିଶ୍ୱାଳ



ମୁଁ
ତୁମକୁ ଖୋଜେ
କେତେ ଗୁଡିଏ
ନା, କିନ୍ତୁ, ପରନ୍ତୁର
ଶୂନ୍ୟତା ଭିତରେ...
ହୃଦୟରେ ଚେଇଁ ଉଠୁଥିବା
ଆବେଗ ଗୁଡ଼ିକ
ଡେଣା ମେଲି ଉଡ଼ି ବୁଲନ୍ତି,
ଇତସ୍ତତଃ ହୋଇ ।।
ତୁମେ ହିଁ ସେ ଶାଖା,
ଯାହାର କୋଳରେ
ବସା ମୋ'ର ...
ବସିଗଲେ
ଥକା ଡେଣା
ଆରାମକୁ ପ୍ରାପ୍ତ ହେବ  !


ଭାଙ୍ଗି ଦିଅନି,
ମୋ କୁଟା କାଠିର କୁଡିଆ
କାଠୁରିଆର କୁଠାରାଘାତରେ ....
ତପସ୍ୱୀର ତପସ୍ୟା
ବିନା ବିଭୁ ଦର୍ଶନେ
ଅବା ପ୍ରସନ୍ନେ
ତପ ଭଗ୍ନ କରିବାର ବୃଥା ପ୍ରୟାସ ..
ଅଭିଶପ୍ତ ପୃଥିବୀର ଅଭିଶାପ ଗ୍ରସ୍ତ
ଆତ୍ମା ରୂପରେ,
ଘୁରି ବୁଲ କାହିଁ ମୋ ଚତୁଃପାର୍ଶ୍ୱରେ।।
ପକ୍ଷୀର ଘୋର କ୍ରନ୍ଦନର ରୋଳ...
ତା'ର ଦୋହଲୁ ଥିବା ବସା !

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରେମ ପତ୍ର

ଲୋପାମୁଦ୍ରା ମହାପାତ୍ର



ଏମିତି ତୋ ପ୍ରେମରେ ପ୍ରେମିକା ସାଜି
କେବେ ଲେଖୁନି ମୋ ମନର ଭାବନା ତୋତେ

ତଥାପି ପ୍ରଶ୍ନ ଆସେ
ମୋ ମନରେ ଯଦି ବି ଲେଖୁଥାନ୍ତି,
କଣ ଅବା ଲେଖୁଥାନ୍ତି ?

କଣ ଏ ପ୍ରେମ କେବେ
କେଉଁ ପୂର୍ଣ୍ଣ ରୂପେ ଶବ୍ଦରେ ଅଭିବ୍ୟକ୍ତି କରି ହୁଏ .. !

ନା ଏ ମନର ଅବୁଝା ଅବ୍ୟକ୍ତି କଥାକୁ
ନିଜ ପାଖେ ହିଁ ରଖି ପାରିଲେ ପ୍ରେମରେ ପୂର୍ଣତା ପ୍ରାପ୍ତି ହୁଏ.. !

ନା ନିଜ ଅନଳକୁ ନିଜେ ପିଇ ଜୀବନ ଜିଇଁବା
ପ୍ରେମର ଦୁର୍ବଳତା ପରି ଲାଗେ ... ?

ଅନଳର ଶିଖା ହେଉ ଜୀବନର ଉପସାଗର,
ସଂଘର୍ଷରେ ଜଳୁଥିବା ଏ ମନ ନେଉ
ନୂତନ ଆତ୍ମବଳର ଅବସର !

ଗଣ୍ଡପଡ଼ା, ଗୁଆମାଳ, ଭଦ୍ରକ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶୂନ୍ୟ ଜୀବନ

ସନ୍ତୋଷ କୁମାର ସୂତାର



ଅଟ୍ଟହାଶୟ କରେ, ମୋତେ ଏ ଜୀବନ,

ହିସାବ ମାଗୁଛି ମୋତେ, ଜନ୍ମରୁ ମରଣ ।

ସମୟ ବି କୁତ୍ସାରଟନା, ପ୍ରତିକ୍ଷଣ କରେ,

ସମାଲୋଚନା ସରବେ୍ୟ, ସବୁଠି ମୁଁ ମରେ ।

ବୟସ କହୁଛି ମୋତେ, ବେଳ ତୋ ସରୁଛି,

ଶୈଶବ, କୈଶୋର ବୃଦ୍ଧକାଳ ଡାକୁଅଛି ।

କେତେଦିନ କରିବୁ ତୁ, ଛଳନା ବାହାନା,

ଧନ, ଜନ, ମାନ ତୋର ହେବ ସବୁ ଚୁନା ।

ଅସାମର୍ଥ୍ୟ ହେବୁ, ତୋର ସାମର୍ଥ୍ୟ ନଥିବ,

ଦକ୍ଷତା ପାଇଁ ତୁ ଲୋଡ଼ା, କ୍ଷମତା ତୋ ଯିବ ।

ଅହଙ୍କାରୀ, ଅହଂ ପାଇଁ ତୋ ଆତ୍ମବାଡିମା,

ଘୃଣ୍ୟ କର୍ମେ ଟପିଛୁ ତୁ, ଅନ୍ୟାୟ ର ସୀମା ।

ଜିହ୍ୱା ଲାଳସା ରେ ନେଉ ନିରୀହ ଜୀବନ,

ନିର୍ମମ ର ପାଶ୍ଚାତାପେ କଟିବ ତୋ ଦିନ ।

ସର୍ବୋତ୍କୃଷ୍ଟ ପ୍ରସାଧନ ପ୍ରଲେପ ତୋ ଯେତେ,

ଲିଭିବ ସୌନ୍ଦର୍ଯ୍ୟ ଆଭା ନ ଚିହ୍ନିବେ ତୋତେ ।

ସମୟ ଏ ଅନ୍ତିମର କେବେ ଆସିଯିବ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାର୍ଥିବ ଏ କାୟା ଦିନେ ଶବ ବୋଲାଇବ ।

ସର୍ବଶ୍ରେଷ୍ଠ ପ୍ରାଣୀ ପିଣ୍ଡେ ଜନ୍ମ ସିନା ନେଲୁ,

ଦୁର୍ଲଭ ଏ ମୂଲ୍ୟବୋଧ ମୂଲ ନବୁଝିଲୁ ।

ଅଟକିବ ଏ ପବନ ସପନ ଭାଙ୍ଗିବ,

ହିସାବ ଚାଲିଛି, ଦିନ ତୋର ବି ଆସିବ ।

ହସୁଅଛୁ, ଲିଭିଯିବ ହସୁ ହସୁ ହସ,

ଅକସ୍ମାତ ଘଟିଯିବ ନହେବ ବିଶ୍ୱାସ ।

ତୁଚ୍ଛ, ବ୍ୟର୍ଥ ଲାଗିବ ଏ ସବୁ ଉପାର୍ଜନ,

ଶୂନ୍ୟ ରୁ ଆରମ୍ଭ ପୁଣି ହୋଇଯିବୁ ଶୂନ୍ୟ ।

ସତ୍ୟ, ଏ ଶରୀର ମାଟି କୋଳରେ ଲୋଟିବ,

ପଞ୍ଚଭୂତେ ଗଢ଼ା, ପଞ୍ଚଭୂତେ ଲୀନ ଯିବ ।

ଦୁଇଟି ନିଆଁ ମଧ୍ୟରେ ଜୀବନ ଏ ତୋର,

ଜନ୍ମ ସିନା ଏନ୍ତୁଡ଼ି ରେ ମଶାଣି ତୋ ଘର ॥

ସ୍ନାତକୋତ୍ତର ଇଂରାଜୀ ସାହିତ୍ୟ ସମ୍ମାନ ବିଭାଗ

କଟକ

ମୋବାଇଲ - ୯୭୭୭୨୭୮୨୯୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚନ୍ଦ୍ରମା ଗୋ...

ଶିଲ୍ପାଲିପି ବେହେରା

ଚନ୍ଦ୍ରମା ଗୋ ତୁମେ ନିତି ନିତି
ନିଅ ଭିନ୍ନ ଭିନ୍ନ ରୂପ ,
ବିରହୀ ସାଜେ ଚକୋରୀ
ତୁମ ନାଁ'ରେ କରି ଜପ ।

ପ୍ରେମର ଲାଳସାରେ କଇଁ
ଫୁଟେ ବିରହର ଗୀତି ଗାଇ,
ଶଶା ବି ଧାଏଁ ମରୁଭୂମି ଲଂଘି
ଚନ୍ଦ୍ରମା ତୁମ ସାନିଧ୍ୟ ପାଇଁ ।

ଗଂଗଶିଉଳିର ସୁଗନ୍ଧବି
ମୋହେନି କି ତୁମ ମନକୁ ?
ଝୁରି ଝୁରି ଯାଏ ମରି
ସାରା ରାତି ଚାହିଁରହି ତୁମକୁ ।

ବଉଦର କୋମଳ ଶେଯ
ଲାଗେ କି ଏତେ ଭଲ,
ଯାହାପାଇଁ ଭୁଲିଯାଅ ପ୍ରେମ
ସ୍ନେହ ମମତାର ମୂଲ ।

+୩ ଦ୍ୱିତୀୟ ବର୍ଷ ଛାତ୍ରୀ
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ
ମହାବଦ୍ୟାଳୟ ଜଗତସିଂହପୁର
ଫୋନ୍ : ୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୟ ଶ୍ରୀ ରାମ

ଜୟନ୍ତ ଦାସ ପ୍ରଫୁଲ୍ଲ



ମର୍ଯ୍ୟାଦା ପୁରୁଷ ପ୍ରଜା ଚିତ୍ତହାରୀ
କୌଶଲ୍ୟାର କୋଳ ନନ୍ଦନ,
ପିତୃସତ୍ୟ ଧାରି ସତ୍ୟର ପୂଜାରୀ
ସତୀ ସୀତାଙ୍କର ସ୍ପନ୍ଦନ ।।

ତ୍ରେତୟା ଯୁଗରେ ବିଷ୍ଣୁ ଅବତାର
ସପ୍ତମ ନାମଙ୍କ ରାମ,
ଏକ ପତ୍ନୀବ୍ରତା ବିରତ୍ୱର ଗାଥା
ବାନର ଭକ୍ତର ଧାମ ।।

ସତ୍ୟ ଧର୍ମ ପରାୟଣ ଅଯୋଧ୍ୟା ରାଜା
ଅସ୍ତ୍ର ତୁମ ଧନୁତୀର ,
ରଘୁ ବଂଶୀ ତୁମେ ଶତ୍ରୁ ଭେଦଧାରୀ
ପୂଜନ୍ତି ନୁଆଁଇ ଶିର ।।

ସ୍ୱୟଂବରେ ଶ୍ରେଷ୍ଠ ଧନୁର୍ତ୍ତିର ଭାଙ୍ଗି
ରଚିଲ ସାହସୀକତା,
ଜନକର କନ୍ୟା ପ୍ରଥମ ନୟନେ
ପତ୍ନୀ ହେଲେ ତୁମ ସୀତା ।।

ମାତୃବର ପାଇଁ ପିତୃ ସତ୍ୟ ଧରି
ଗଲ ତୁମେ ବନବାସ,
ନିର୍ବାସନ ସମେ ବନ ଆହରଣେ
ଭୋଗିଲ ବାଧା ଅଶେଷ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତୀ ସୀତା ପାଇଁ ଗଢି ଦେଲ ସେତୁ
ନାମ ହେଲା ରାମ ସେତୁ,
କୁଶ ଶଯ୍ୟା ନେଇ ସୀତା ଠାବ ପାଇଁ
କାଟିଲ ସାତଟି ଋତୁ ।।

ହନୁମାନ ଭକ୍ତ ଭକ୍ତି ପରିଚୟେ
ଦେଲା ସେ ଛାତିକୁ ଚିରି,
ବ୍ରାହ୍ମଣରେ ଶ୍ରେଷ୍ଠ ରାବଣର ଜଙ୍ଘ
ଭେଦିଲ ତୀରକୁ ଧରି ।।

ହିନ୍ଦୁ ସମାଜର ତୁମେ ଆବାହକ
ତୁମେ ହିଁ ସତ୍ୟର ଧାମ,
ସାରା ବିଶ୍ୱ ଆଜି ତୁମକୁ ପୂଜୁଛି
ତୁଣ୍ଡ ଧରି ରାମ ନାମ ।।

ଥାଲସଡା, ବାଲେଶ୍ୱର
ମୋ -୮୪୫୫୮୬୭୨୭୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନେ ରହେ କିଛି କଥା

ଗୋଲୋକବିହାରୀ ବେହେରା



ମନେ ରହେ ନାହିଁ ସବୁ କଥା
ମନେ ରଖିବା ବି ସହଜ ନୁହେଁ
କିନ୍ତୁ ମନେ ରହିଯାଏ କିଛି କଥା,
ଯେମିତି ଦହନର ଉଲଙ୍ଗ ମସୁଧା ।

ଇଚ୍ଛା ଥାଉ ବା ନ ଥାଉ
ମନ ବନସ୍ପତିରେ ଲଟକି ରହି
ବାଇଚଢ଼େଇ ବସା ଭଳି ଝୁଲୁଥାଏ,
ହୃଦୟକୁ କୋରି ଖାଉଥାଏ ।

ଝଡ଼ ଆସୁ, ବାତ୍ୟା ଆସୁ
ସେ ବସା ଝଡି ପଡେନା,
ଜୀବନର କେତେ ଶୀତ ବସନ୍ତ
ସିଡି ଦେଇ ମଣିଷ ଯାଏ ମନେ ରହେନା ।

ନଦୀର ଗତି ପରି ଜୀବନର ବହମାନ ଗତି
ଶରତ ନଦୀର ଢେଉର ସଙ୍ଗୀତ ପରି,
ବସନ୍ତ ମନର ମର୍ମର ପରି,
ନାମ ହୀନ ଫୁଲର ସୁଗନ୍ଧ ପରି ସ୍ୱପ୍ନ;
ସେଇ ସ୍ନିଗ୍ଧ, ଶୀତଳ, ସୁରଭିତ
ମୁହୂର୍ତ୍ତଟି ମନେ ରହିଯାଏ ସବୁଦିନ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିରହ ଯନ୍ତ୍ରଣା

ସାଗର ଖରା



ଏ ଆଖିର ଲୁହ ଖୋଜୁଛି ତମକୁ
ଓଠ ମୋର ପ୍ରିୟେ ଡାକୁଛି ତମକୁ
ମନ ମୋର ବିକଳ ପ୍ରତିମୁହୂର୍ତରେ
ତୁମ ସହ ପଦେ ଭାବ ସଞ୍ଚାରକୁ....

ଏ ରଙ୍ଗୀନ ସହରର ଜନଗହଳି ଓ କୋଳାହଳ
ମୋତେ ଲାଗୁଛି ଏକ ଶୁନଶାନ୍ ଶ୍ମଶାନ
ଲାଗୁଛି ଯେମିତି ଏକ ବନ୍ଦୀ କୋଠରୀରେ
ଲୁହକୁ ପାଥେୟ କରି କାଟୁଛି ଜୀବନ....

ମନରେ ଅଜସ୍ର ପ୍ରଶ୍ନ, ଅସଂଖ୍ୟ ପ୍ରଚେଷ୍ଟା ଉଙ୍କି ମାରୁଛି
କିନ୍ତୁ ଆଜି ମୁଁ ଅକାମ୍ୟ, ଅଚଳ, ଅଚେତ
ହେଲେ ଗୋଟିଏ ପ୍ରଶ୍ନ
କା'ଣ ତୁମକୁ ବି ମୋ କଥା ବାରବାର ମନେ ପଡୁଛି ?...

ତୁମେ ବସିଥିବ କେଉଁ କୋଣେ ବା ନିରୋଳା ଏକାକୀ ସ୍ଥାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଖିରେ ଲୁହ ମନରେ ପ୍ରୟାସ ଜାରି ରହିଥିବ

ହେଲେ ଏହା କେତେ ଶକ୍ତିଶାଳୀ ,କେତେ ଦୀର୍ଘସ୍ଥାୟୀ

ମନକୁ ବୁଝାଇ ତୁନୀ ପଡୁଥିବ

କାରଣ ତୁମେ ଆଜି ଆବଦ୍ଧ ଶୃଙ୍ଖଳା ଓ ସମ୍ମାନ ର ପାଚେରୀରେ.....

ମୁଁ କିନ୍ତୁ ଆଜି ସୀମାକୁ ଲଙ୍ଘନ କରିବାକୁ ସତେଜ

ଶୃଙ୍ଖଳାକୁ ଖଣ୍ଡନ କରିବାକୁ ଶକ୍ତିଶାଳୀ

ସମ୍ମାନକୁ ଛିନ୍ନ ଛିନ୍ନ କରି ପାଦତଳେ ଚିପିବାକୁ ପ୍ରତାପୀ

ଯେହେତୁ ମୁ ଆଜି ସଂପୂର୍ଣ୍ଣ ପ୍ରେମରେ ଅନ୍ଧ

ହେଲେ ଅନ୍ଧ କ'ଣ କେବେ ହୋଇପାରେ ବଳଶାଳୀ ?...

ଏ ପ୍ରେମ ନୁହେଁ ଛଳନାର

ଏ ପ୍ରେମ ନୁହେଁ ପ୍ରତାରଣାର

ଏ ପ୍ରେମ ନୁହେଁ ସ୍ୱାର୍ଥର

ଏ ପ୍ରେମ ନୁହେଁ ଦେହ ସୁଖର

ଏ ପ୍ରେମ ହେଉଛି ଅନନ୍ତ ଆନନ୍ଦର

ଏ ପ୍ରେମ ହେଉଛି ଅସୀମ ସୁଖ ପ୍ରାପ୍ତିର

ଆଜି ପୁଣି ଏକ ଦିନ ବିତିଗଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଣି ଏକ ରାତି ଚାଲିଗଲା

ହେଲେ ଶୁଣି ପାରିଲି ନି ତମ କୋକିଳ କଣ୍ଠ

ଦେଖି ପାରିଲି ନି ତମ ଚାନ୍ଦ ମୁଖ

କେବଳ ତୁମକୁ ଅନୁଭବ କରୁଛି

ଆଖିରୁ ରୁଧିର ଝରୁଛି

କଲମ ମୁନିରେ ଲେଖି ଚାଲିଛି...

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଣିକ ପାଟଣା

ଆକୁଳାନନ୍ଦ ପୃଷ୍ଟି



ଅଜଣା ସେ ତିଥି ବାର
ମାସ ଏବଂ ବର୍ଷ
ନିର୍ଜନ ମଧ୍ୟାହ୍ନେ ହେଲା
ଘୂର୍ଣ୍ଣି ଝଡ଼ ଦୃଶ୍ୟ ।
ସମ୍ମୁଖେ ଅଟକି ଗଲେ
କଳା ଧଳା ଅଶ୍ୱ
ଅଶ୍ୱାରୋହୀ ଦୁଇ ଜଣ
ସୈନିକ ଅବଶ୍ୟ ।
ଲାଗୁଥିଲେ ତୃଷାତୁର
ଦୁଇ ଅଶ୍ୱାରୋହୀ
ଇଚ୍ଛା କଲେ ମାଣିକଠୁ
ପିଇବାକୁ ଦହି ।
ମାଣିକ ବି ଦହି କଲା
ଶ୍ରଦ୍ଧାରେ ଅର୍ପଣ
ଦହି ପିଇ ତୃପ୍ତ ହେଲେ
ସୈନ୍ୟ ଦୁଇ ଜଣ ।
ଏବେ କିନ୍ତୁ ସୃଷ୍ଟି ହେଲା
ବିଷମ ସମସ୍ୟା
ଦେବାକୁ କଉଡ଼ି ନାହିଁ
ହେବେ ଲୋକ ହସା ।
ହାତରୁ ଖୋଲିଲେ ମୁଦି
ଦେଲେ ମାଣିକକୁ
କହିଲେ ଏ ମୁଦି ଦେଇ
କହିବ ଛାମୁଙ୍କୁ ।
ଦଧି ର ପାଉଣା ଦେଇ
ନେବେ ଏ ମୁଦ୍ରିକା
ଛାମୁଁଙ୍କୁ ଅପେକ୍ଷା କର
ଶୁଭିଲାଣି ଢ଼କା ।
ଛାମୁଙ୍କୁ ମୁଦ୍ରିକା ଦେଇ
କହିଲା ବୃତ୍ତାନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରତ୍ନ ମୁଦି ଦେଖି ଛାମୁ

ହେଲେ ଆଚମ୍ବିତ ।

ଏ ନୁହେଁ ସାମାନ୍ୟ ମୁଦି

ନୁହେଁ ହୀରା ନୀଳା

ଦଧି ପିଇ ବନ୍ଧା ଦେଲେ

ପ୍ରଭୁ ଚକାଡୋଳା ?

ଏ ଅଞ୍ଚଳ ଦାନ କଲି

ତୁମ ନାମେ ହେବ ଜଣାଶୁଣା

ନୀଳାମ୍ବୁ ଚିଲିକା କୂଳେ

" ମାଣିକ ପାଟଣା "

ସେ ବେଳ ଯାଇଛି ଚାଲି

କେତେ କାଳ ହେଲାଣି ଅତୀତ

ମାଣିକର ମୃତ୍ୟୁ ନାହିଁ

ଥିଲା ଅଛି ରହିବ ଜୀବିତ ।

ଧନ୍ୟ ପ୍ରଭୁ ଧନ୍ୟ ଜଗନ୍ନାଥ

ମାଟିର ମଣିଷ ପାଖେ

ହେଲ ବନ୍ଧକିତ ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ମହାଲପଡ଼ା କଖଡି କଟକ

ମୋ -୯୪୩୭୮୬୪୫୬୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାପା

ରୋସନୀ ସାହୁ



ଥିଲା କିଛି ପଚାରିବାର
କାଇଁ ତମେ ମୋତେ ହିଁ ବେଶୀ ପ୍ରେମ କର ?

ଛାଇଁ ଦେବା ପାଇଁ ନିଜ ପାଦ ଜାଳଇ
ଛୋଟ ଛୋଟ ରାଗରୁଷାକୁ ମନାଅ ଖେଳଣା ଖେଳାଇ,
ଥିଲା ନାହିଁ ପାଖେ ଯେତେ ଦେଲ ତୁମ୍ଭେ
ହେଲେ ଖୁସିରେ ସବୁ ଦେଲ ପରିସ୍ଥିତି ନ ଦେଖାଇ ।

ଏତେ ସବୁ କେମିତି କର
ଏତେ ଦୁଃଖ ନ ଦେଖାଇ କେମିତି ରହ,
ପାଣି ତ ଆଖିରୁ ଝରୁଥିବ ନିଶ୍ଚେ
ହେଲେ ବାପା ଏତେ ସଦାବେଳେ କେମିତି ହସ ।

କେତେ କଷ୍ଟ ଗୋଟେ ଝିଅ ବାପର
ଅଜାଡ଼ି ଦିଏ ନିଜ ଘର ଛପର ,
ଯେତେ ରାଗିଲେ , ଯେତେ ଗାଳି କଲେ ମଧ୍ୟ
କେବେ ବାପ ନ ହୁଏ ପର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାୟେ ଅଭାଗା ଏ ଝିଅ ବାପ ଜୀବନ
ଛାଡ଼ିବାକୁ ପଡ଼େ ସବୁ ଖୁସି , ସୁଖ ବନ୍ଧନ
ଥରେ ଭାବିଲେ ମାଁ ହେବା ସହଜ
କିନ୍ତୁ ବାପା ସମର୍ପେ ନିଜ ସବୁ ,
ଝିଅ ପାଇଁ ଆଜୀବନ ।

ମାଁ ଜନ୍ମ ଦେଇ ଥରେ ଜିତେ
ବାପା ସେ ଛୁଆ ଖୁସି ପାଇଁ ନିତି ହାରେ ,
ଦେଖାଏ ମା ସଂସାରର ସୁନ୍ଦରତା
ବାପା ଦେଖାଏ ସମାଜର ନିରାଟ ସତ୍ୟତା ।

ମାଁ ପାଳେ ଗର୍ଭେ କେବଳ ମାସ ନଅ
ତୁମେ ତ ଦେଲ ମୋତେ ଜୀବନ ,
ଆଙ୍ଗୁଳି ଯେବେ ଧରୁଥିଲା ଏ କୁନି ହାତ
ସେ ସବୁ ସ୍ମୃତି ମୁଁ ଭୁଲି ପାରୁନି ।

ଆଜି ହାତ ଚାହୁଁଛି ସେ ଆଙ୍ଗୁଳି
ତୁମ ହାତ ପାଇଁ କରୁଛି ମୁଁ ଅଳି
ଯାହା ତୁମେ କହିଥିଲ କରୁଛି ପାଳନ
ତମ କଥାନୁସାରେ କାହା ସାଥେ କରୁନି କଳି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ସେ ପ୍ରେମମୟ ହାତ
ଧରି ଚାଲିଛି କେଜାଣି କେତେ ବାଟ ,
ବଞ୍ଚାଇଲ କେତେ ଘାତ ପ୍ରତିଘାତ
ଚାଲିଥାଉ ଆଜୀବନ ଏହି ନାଟ ।

ବାପା .. ହାତ ଥାମି ନିଅ ଗୋଡ଼ ଥରୁଛି
ବାପା .. ସାହାରା ଦିଅ ତମ ଝିଅ ଡରୁଛି,
ଦେଇ ଆଶୀର୍ବାଦ ଥାଅ ସାଥେ
ବାପା ..ଛାତିରେ ଲଗାଇ ଦିଅ ମୁଁ ନିତି ମରୁଛି ।

କରିଦେବ ମୋ ଭୁଲ ପାଇଁ ମୋତେ କ୍ଷମା
ନିଜଠୁ କେବେ ଦୂର କରିବନି ଜମା,
ରଖିଥିବ ସଦାବେଳେ ଶିରେ ହାତ
ତୁମ କାର୍ଯ୍ୟ ପାଇଁ ମୂଲ୍ୟହୀନ ଦରମା ।

ବାପା ତମ କର୍ମକୁ ସଲାମ
ଝିଅ ପାଇଁ କଲ ସବୁ ନିଲାମ ।

ଛୋଟ ଭୁଲବି ଦୁନିଆଁ ଲାଗି ପାପ
ଆଉ ଯିଏ ପାପକୁବି ଛୋଟ କରିଦିଏ ସେ ଜଣେ ବାପ ।।

+୨ ଦ୍ୱିତୀୟ ବର୍ଷ, ଏମସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୀରବ ସାଜିଛୁ

ଦୁଷ୍ମନ୍ତ ବେହେରା



ଆଜି ମୁଁ ମୋ ପାଇଁ
ନୀରବ ସାଜିଛୁ..

ନିଜକୁ ଦୁନିଆ ଆଗରେ
ଅସହାୟ ମନେ କରୁଛି..

ନୀରବ ନୀରଦଷ୍ଟା ହୋଇ
ନୀରିକ୍ଷଣ କରୁଛି..

କ'ଣ ମୁଁ ଲଢି ପାରିବି ନା
ନୀରବ ରହି ଦେଖିବି..

ମୋର ନିର୍ଣ୍ଣୟ ମୁଁ ନେଇ
ପାରୁନି ନିଛଳ ହୋଇଛି..

ମୁଁ ମୋର ଅସହାୟ ଦେଖି
ଏଠି ସେଠି କହୁଛି..

ଆଜି ମୁଁ ଲଢି ପାରୁନି
ମୁଁ ନୀରବ ସାଜିଛୁ..

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୭୩୭୨୨୨୬୭୨୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନମ୍ର ନୟନା

ଅଶୋକ କୁମାର ବାରିକ



ତୁମର ସ୍ମିତହାସ୍ୟ ନମ୍ର ନୟନା
ହୃଦେ ସୃଷ୍ଟି କଲା ପ୍ରୀତିମନା ।
ପତା ଲେଉଟେ ଲଜ୍ଜା ଛଳେ
ପୁଣି କଣେଇ ଚାହିଁ ଭାଳେ ।
ଇଚ୍ଛା ହୁଏ ସମୟ ଟିକେ ଥିମି
ଚନ୍ଦ୍ରକାନ୍ତି ହୁଅନ୍ତା ହୃଦେ ଅସ୍ତଗାମୀ ।
ତୁମ ଆଭା ପାଇ ମୋ ଜୀବନେ
ନବ ପଲ୍ଲକ ପ୍ରସ୍ଫୁଟେ ଆବେଗମନେ ।
ମୋ ଜୀବନ କାବ୍ୟ ସାର ତୁମେ
ବର୍ଣ୍ଣନାରେ ଅଳଙ୍କାର ନୁହେଁ ତୁମସମ ।
ଦୃଷ୍ୟା ପ୍ରାୟ ମୋର ସ୍ୱପ୍ନ ର ହରିଣୀ
ସଖୀ ଗୋ ସାଜିବ ମୋର ଘରଣୀ ।
ନ ଲାଗିବ କେବେ ସଂସାର ଚଡ଼କ
ରହିବ ଏ ବାଞ୍ଛାକାରୀ ହୋଇ ଚାତକ ।
ହୃଦୟ କୋଠରୀ ରେ ହୋଇ କିରଣ
ମୋ ଘରେ ସ୍ତପିବ କି ତୁମ ଚରଣ ?

ଅଧ୍ୟାପକ (ଅର୍ଥନୀତି ବିଭାଗ),
ମଡେଲ ଡ଼ିଗ୍ରୀ କଲେଜ, ନୟାଗଡ଼,
ଯୋଗାଯୋଗ - ୮୬୩୭୨୩୫୭୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବେଇମାନି ପ୍ରେମ

ତୃପ୍ତିମୟୀ ହୋତ୍ତା



ତୁ ଭାରି ବେଇମାନି, ଭାରି ମତଲବି
ସତରେ ମୁଁ ଜାଣି ନାହିଁ
ବନ୍ଧୁତା ର ବାଡ ଡେଇଁ ଆସିଥିଲୁ
କ'ଣ ସମ୍ପର୍କ ଭାଙ୍ଗିବା ପାଇଁ ?
କେତେ ସୁନ୍ଦର ଯେ ଗଢି ଉଠିଥିଲା
ସ୍ନେହ ମମତାର ଖିଅରେ
କାହିଁକି ଭାଙ୍ଗିଲୁ ବନ୍ଧୁତା ସମ୍ପର୍କ
ଆମ ଦୁହିଁଙ୍କ ଭିତରେ
ଆମ ବନ୍ଧୁତାର ପରିଚୟେ ଆଜି
ସାଜିଥାନ୍ତା ଉଦାହରଣ
ସେଇ ପରିଚୟେ ବଞ୍ଚିଥାନ୍ତୁ ଆମେ
ସାଙ୍ଗ ହୋଇ ସାରା ଜୀବନ
କାହିଁକି ଆସିଲୁ ଆମ ମଝିରେ ତୁ
କଣ୍ଟାର ପାଚେରି ସାଜି
ତୋ ପାଇଁ ଆଜି ଜଳି ମୁଁ ମରୁଛି
ମୋ ଜୀବନ ଯାଇଛି ହଜି ।

ଖଲିଆ ବଗିଚା, ବୌଦ୍ଧ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୟ (ମୃତ୍ୟୁର)

ତପସ୍ୱିନୀ ସାହୁ



ମୃତ୍ୟୁ ବସ୍ତ୍ରରେ ଜନ୍ମିତ ମୁଁ ।
ଜନ୍ମଠୁ ଭ୍ରମରେ ଭ୍ରମିତ ମୁଁ ।

ଜୀବନ ଯୌବନ, ଅନ୍ୟର ଦାନ
କାହିଁ ଅଛି ଏଠି ଭୟର ସ୍ଥାନ ।

ଜନ୍ମ ମୃତ୍ୟୁ ଚକ୍ର, ନିୟତିର ଖେଳ ।
ବାହୁଡ଼ିବେ ସଭିଁଏ ଏଠୁ ସରିଲେ ବେଳ ।

ମୃତ୍ୟୁର କରୁଣ ଦୃଶ୍ୟ ।
ନିତ୍ୟ ବିଦ୍ୟମାନ ନେଇ ଜୀବନର ସତ୍ୟ ।

ମୁଦ୍ରିତ ନୟନ
ଶୁଖିଲା ଓଠ ଆଉ କାଲୁଆ ଶରୀର
ପଡ଼ିରହେ ଦାଣ୍ଡେ
ଅଶ୍ରୁଳ ପ୍ରିୟଜନ ପାଖେ ରଖିବାକୁ ନ ହୁଅନ୍ତି ଆଗଭର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୃତ୍ୟୁର ଭୟ ଜୀବନଠୁ ବି ବଡ ହୁଏ
ବାସ୍ତବତା କୁ ମୁଁ ପୁଣି ଆଖି ବୁଜି ଦିଏ ।

ହୃଦୟର ସାହାସ ମାଟି ତଳେ ଧସେ
ବଞ୍ଚିବା ଲାଳସା ମୋତେ ଜଞ୍ଜିରରେ ବାନ୍ଧେ ।

ଯୌବନ କାଳ ବିତେ ମୃଗତୃଷ୍ଣା ପଛେ
ବୃଦ୍ଧାବସ୍ଥା ଅନ୍ତିମ ଆଶରା ଖୋଜେ ।

ନିର୍ଭୀକ, ନିଶ୍ଚଳ,ନିର୍ବାଣ ଆତ୍ମାର ପରିଚୟ
ଅଗ୍ନି ସ୍ନାନେ ଶାଶ୍ୱତ ହେଉ ମୋର ସ୍ୱଳ୍ପ ସମୟ ।

ଜୀବନେ ପ୍ରେମ ହିଁ ଚିରନ୍ତନ ସତ୍ୟ
ଜାତିପ୍ରେମ ଇତିହାସେ 'ମୁଁ' ର ନାହିଁ ଅସ୍ତିତ୍ୱ
ଆତ୍ମା ନୁହଁ କେବଳ ଅହଙ୍କାର କୁହେ ମୁଁ ସତ୍ୟ ।

ଉଦଳା, ମୟୂରଭଞ୍ଜ, ୭୫୭୦୪୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବ୍ରହ୍ମଚାରୀ

ଅରୁଣ କୁମାର ଦାସ

ଗେରୁଆ ବସ୍ତ୍ର ପରିହିତ ପାଞ୍ଚ ଫୁଟ୍ ଲମ୍ବର
ଅଣ୍ଟା ନଇଁ ପଡି ଥାଏ
ପାଦରେ ହଲେ କଠଉ
ଗୌର ବର୍ଣ୍ଣ ଚେହେରାକୁ କଳା ମଚ ମଚ ଘଞ୍ଚ ଦାଢ଼ି
କ୍ଷୀଣ ଅଥବା ସୁସ୍ଥ ଅବୟବର ।
ସଦା ଜ୍ୟୋତି ପ୍ରଦାୟୀ ମୁଖ ମଣ୍ଡଳ
ଲାଗି ରହିଥାଏ ଚେନାଏ ହସ ଅଧରରେ
ନା ଅଛି କାମନା ନା ପ୍ରତ୍ୟାଶା
ନା ପାଇବାର ଲୋଭ ନା ହରାଇବାର ଭୟ
ହସ ଖୁସିର ଏକ ମିଶ୍ରିତ ରାଗ
ପରକୁ ଆପେଣେଇବାର ଏକ ଦୁର୍ବାର ତପସ୍ୟା ।
ତ୍ରିସନ୍ଧ୍ୟା ଆଳତି, ଭଜନ, ଜଣାଣ, କୀର୍ତ୍ତନ
ଭାଗବତ ପାରାୟଣ, ଯଜ୍ଞ ଆହୁତିର ମନ୍ତ୍ର ସମ୍ମୋହନ
ହନୁମାନଙ୍କ ପୂଜା, କାର୍ତ୍ତିକ ପଞ୍ଚକର ନାମ ଯଜ୍ଞ
ଶିବ ରାତ୍ରୀ, ଧନୁ ସଂକ୍ରାନ୍ତିର ମୁଆଁ
ବାବାଙ୍କ ବ୍ରହ୍ମ ଲୀନର ତିଥି
ସାଧୁ ସନ୍ଥଙ୍କ ଆଗମନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବଳ ତୀର୍ଥ ନୁହେଁ ତ ମହା ତୀର୍ଥ

ଜ୍ଞାନ ବିଜ୍ଞାନର ମହା ମିଳନ

ଆତ୍ମା ଓ ପରମାତ୍ମାର ଅପୂର୍ବ ସଂଯୋଗ

ହରି ହରର ଭେଟ

ପାପ ପୁଣ୍ୟର ହିସାବ ନିକାଶ

ପ୍ରାପ୍ତି ଅପ୍ରାପ୍ତିର ଛେଦବିନ୍ଦୁ

ଧର୍ମ ଅଧର୍ମର ସମୀକରଣର ସମତୁଲ୍ୟନ୍ ।

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର

୯୯୩୮୭୩୩୦୭୫



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ମୃତି

ଅମୃତନାରାୟଣ ଶତପଥୀ



ସ୍ମୃତି କେବେ କୁହୁଳୁଥିବା ପାଉଁଶ ତଳର ନିଆଁ,
କେବେ ପୁଣି ଲିଭି ଯାଇଥିବା ଦୀପ ସଳିତାର ଧୂଆଁ ।(୧)
ସ୍ମୃତି କେବେ ଶୀତ ସକାଳର ସୂର୍ଯ୍ୟଙ୍କ ଉଷୁମ ପରଶ,
କେବେ ପୁଣି କାନ୍ଦ କେବେ ଅଟେ ଯେ ବନ୍ଧୁ ହରଷ ।(୨)
ଆଉ କେବେ ହୃଦୟ ଭିତର କିଛି ଯେ ଅକୁହା କଥା,
କାଗଜରେ ଲେଖା ଯାଇଥିବା ପ୍ରତ୍ୟେକ ଗଳ୍ପ କବିତା ।(୩)
କେତେବେଳେ ସ୍ମୃତି ଥାଏ ସୁଖଦ ଯେ ଆଗମନ,
ଦୁଃଖ ସ୍ମୃତି ଭରିଯାଏ କେବେ ଯେ ପ୍ରତ୍ୟାବର୍ତ୍ତନ ।(୪)
ସ୍ମୃତି କେବେ ପିତା ମାତାଙ୍କର କୋମଳ ହାତର ସ୍ପର୍ଶ,
ପୁଣି କେବେ କ୍ଷଣ କ୍ଷଣ ହୋଇ ସରୁଥିବା ମାସ ବର୍ଷ ।(୫)
ସ୍ମୃତି କେବେ ରୋମନ୍ଥିତ ହୋଇ ହୁଏ ହୃଦୟ ଅତିଥି,
କେବେ ପୁଣି ଭୁଲି ଯାଇ ହୁଅଇ ପୁଣି ବିସ୍ମୃତି ।(୬)
ସ୍ମୃତି ପୁଣି କେବେ ଲାଗେ ମହୁ ଠୁ ଅଧିକ ମିଠା,
ସବୁ ସ୍ୱାଦ ସବୁ ଭାବ ସ୍ମୃତିରେ ଥାଏ ଜାଣିଥା ।(୭)
ସ୍ମୃତିକୁ ଯେ ମନ ହୃଦୟରେ ରଖିବାକୁ ହେବ ଜୀବିତ,
ବିଚାରକୁ ରଖିବାକୁ ହେବ ସର୍ବଦା ମାର୍ଜିତ ।(୮)
ସ୍ମୃତି ଯଦି ହେଲା ବିସ୍ମୃତି ଦୁର୍ବିସହ ଯେ ଜୀବନ,
ବେଳେବେଳେ ତାହା ସୃଷ୍ଟି କରେ ଯେ ହୃଦ କମ୍ପନ ।(୯)
ସ୍ମୃତି ସତେ ଅଟେ ଅନେକ ଯେ ଆଶୀର୍ବାଦ ସମାହାର,
ଚେଷ୍ଟା ସର୍ବଦା କରିବା ସଭିଙ୍କୁ ଦେବାକୁ ଉତ୍ତମ ସ୍ମୃତିର ଉପହାର ।(୧୦)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପଉଷର ଏ ଜନ୍ମଦିନେ

କିରନ୍ ସ୍ୱାଇଁ



ସକାଳର ଯେତେ ଝୁରୁଝୁରୁ ସ୍ୱପ୍ନ
ପ୍ରାଚୀ ତଟର ସୁନେଲି କିରଣ
କାକର ସବୁକୁ ଧୋଇ,
ମଧୁମୟ ବେଳ
ମନର ମହକ
ଗୀତଟିଏ ହୋଇ
କହିଯାଏ କାନେକାନେ
ପଉଷର ଏଇ ଦିନେ ।

ଲଦାଲଦି ହୋଇ ସୋରିଷ ଫୁଲ ଯେ
ଫୁଟିଥାଏ ମୋ ଗାଁ'ରେ
ଚିତ୍ରଟିଏ ସତେ ଆଙ୍କେ
ହଳଦିଆ ସୁଷମାରେ,
ଏ ସବୁ ଉପହାର ପାଇ
ଜହ୍ନ ପରି ଝିଅଟିଏ
ପୁଲକିତ ହେଲା ମନେମନେ
ପଉଷର ଏଇ ଦିନେ ।

ରଙ୍ଗୁନ୍ ଫୁଲର ମହକ ଭିତରେ
ହଳଦୀ, ଆକାଶୀ ଛିଟ ପ୍ରଜାପତି
ଆନମନା ହେଇ
ଘୂରି ବୁଲେ ପବନେ,
କଞ୍ଚା ହଳଦୀର ବାସ୍ନା
ପବନକୁ ଗୀତ ଶୁଣାଇ
ଅମୃତ ବିଞ୍ଚେ ସେ ବନେ
ପଉଷର ଏଇ ଦିନେ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହ୍ୟୁମାନ୍ ମେଟାନ୍ୟୁମୋ ଭୂତାଣୁ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବର୍ଷ ୨୦୨୦ ଏବଂ ୨୧ରେ ସମଗ୍ର ବିଶ୍ୱକୁ କବଳିତ କରିଥିବା କୋଭିଡ଼ ଭୂତାଣୁର ପ୍ରଳୟଙ୍କାରୀ ପ୍ରଭାବ ବିଶ୍ୱ ଇତିହାସରେ ଲିପିବଦ୍ଧ ହୋଇ ରହିବ । ଏକ ଏହିଭଳି ମହାମାରୀ ଯାହା ବିଶ୍ୱର ସମସ୍ତ ଦେଶକୁ ବିସ୍ତାର ହେବା ସହ ଅସଂଖ୍ୟ ଜୀବନ ବିପନ୍ନ କରିଦେଇଥିଲା । ଭୂତାଣୁଟି ଚୀନ ଦେଶର ଉହାନ ସହରରୁ ବ୍ୟାପୀଥିବା କଥା ଅନେକେ ମତ ଦେଇଥିଲେ । ସେହି ପ୍ରଳୟଙ୍କରୀ ମହାମାରୀର ସ୍ମୃତି ଆମ ମନରୁ ଦୂର ନ ହେଉଣୁ ପୁଣିଥରେ ଚୀନରୁ ହିଁ ଏକ ନୂତନ ମହାମାରୀ ଜନ୍ମ ନେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପୁଣି ଏକ ନୂତନ ଭୂତାଣୁଜନିତ ସଂକ୍ରମଣ ଚୀନ ଦେଶର ଅନେକ ପ୍ରଦେଶମାନଙ୍କରେ ତାଣ୍ଡବ କରିବା ଆରମ୍ଭ କରିଦେଲାଣି ବୋଲି ଶୁଣିବାକୁ ମିଳୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମେତ ବିଶ୍ୱର ଅନେକ ଦେଶ ଏହା ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ଏହି ନୂତନ ଭାବରେ ବ୍ୟାପୁଥିବା ଭୂତାଣୁ କଣ ? ଏହା କୋଭିଡ଼ଠାରୁ କେତେ ଭିନ୍ନ ବା ସମାନ ? ଏହି ରୋଗର ଲକ୍ଷଣ ସବୁ କଣ ? ଏହାଠାରୁ ସୁରକ୍ଷାପାଇଁ କେଉଁ ଟୀକା ଉପଲବ୍ଧ ଅଛି ? ଆସନ୍ତୁ ଜାଣିବା ଚୀନରେ ବିସ୍ତାର ଲାଭ କରୁଥିବା ହ୍ୟୁମାନ୍ ମେଟାନ୍ୟୁମୋ ବା ଏଚ୍ ଏମ୍ ପି ଭୂତାଣୁ ବିଷୟରେ ।

ହ୍ୟୁମାନ୍ ମେଟାନ୍ୟୁମୋ ଭୂତାଣୁ ଏକ ଅସାଧାରଣ ଭୂତାଣୁ ଯାହା ଥଣ୍ଡାଜ୍ୱର ସମ୍ବନ୍ଧୀୟ ରୋଗ ସୃଷ୍ଟି କରିଥାଏ । ସାଧାରଣତଃ ଶ୍ୱାସନଳୀ ସଂକ୍ରମଣ ଭଳି ସମସ୍ୟା ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥାଏ ଏବଂ ବେଳେ ବେଳେ ଏହା ନ୍ୟୁମୋନିଆ ଏବଂ ଆଜ୍‌ମା ଭଳି ମାରାତ୍ମକ ପରିସ୍ଥିତି ସୃଷ୍ଟି କରି ଶ୍ୱାସରୋଗୀଙ୍କ ଜୀବନ ବିପନ୍ନ କରିପାରେ । ଏହି ଭୂତାଣୁ ସାଧାରଣତଃ ଶୀତ ଓ ବସନ୍ତ ଋତୁରେ ଅଧିକ ମାତ୍ରାରେ ସକ୍ରିୟ ଥାଆନ୍ତି ।

ଅଧିକାଂଶ ବ୍ୟକ୍ତି ପାଞ୍ଚବର୍ଷ ବୟସ ପୂର୍ବରୁ ହିଁ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ଅବଶ୍ୟ ପୁଣି ଏହା ଆପଣଙ୍କୁ ଆକ୍ରମଣ କରିପାରେ କିନ୍ତୁ ସେତେବେଳେ ରୋଗର ଲକ୍ଷଣ ସାମାନ୍ୟ ହୋଇଥାଏ ।

ଏହି ଭୂତାଣୁ ଥଣ୍ଡାଜ୍ୱର ଭଳି ଲକ୍ଷଣ ସୃଷ୍ଟି କରେ କିନ୍ତୁ କିଛି ବ୍ୟକ୍ତି ଅଧିକ ରୋଗାକ୍ରାନ୍ତ ହୋଇ ପଡ଼ନ୍ତି, ମୁଖ୍ୟତଃ ପ୍ରଥମଥର ସଂକ୍ରମଣ ସମୟରେ ଏହାର ଲକ୍ଷଣ ଅଧିକ ଜଟିଳ ହୋଇପାରେ, ତେଣୁ ଛୋଟ ଶିଶୁମାନଙ୍କ କ୍ଷେତ୍ରରେ ଏହା ଭୟଙ୍କର ହୋଇ ପାରେ । ବୟସ୍କ ବ୍ୟକ୍ତି, ଶ୍ୱାସ ରୋଗୀ ଏବଂ ଦୁର୍ବଳ ରୋଗୀଙ୍କୁ ଏହା ଫଳରେ ଅଧିକ କଷ୍ଟ ହୋଇଥାଏ ।

ବୈଜ୍ଞାନିକ ମାନଙ୍କ ମତରେ ପ୍ରାୟ ୧୦ରୁ ୧୨ ପ୍ରତିଶତ ଶିଶୁ ଏହି ଭୂତାଣୁ ଜନିତ ଥଣ୍ଡାକାଶ ରୋଗରେ ପୀଡ଼ିତ ହୋଇଥାନ୍ତି । ଅଧିକାଂଶ କ୍ଷେତ୍ରରେ ଏହା ସାମାନ୍ୟ ହୋଇଥିବା ବେଳେ ୫ରୁ ୧୬ ପ୍ରତିଶତ କ୍ଷେତ୍ରରେ ଏହା ବିପଦଜନକ ନ୍ୟୁମୋନିଆ ଦିଗକୁ ଗତି କରିପାରେ ।

### ଏହି ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ ଲକ୍ଷଣ:

୧. କାଶ ହେବା

୨. ଜ୍ୱର

୩. ନାକ ବହିବା ବା ବନ୍ଦ ହେବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୪. ଗଳା ବ୍ୟଥା

୫. ଶ୍ୱାସ ନେବାରେ କଷ୍ଟ

୬. ଶରୀରରେ ଲାଲ୍ ଫୋକା ଦେଖାଯିବା

## ଏହି ଭୂତାଣୁ ସଂକ୍ରମଣ କିଭଳି ହୁଏ;

ଏହି ଭୂତାଣୁଦ୍ୱାରା ସଂକ୍ରମିତ ବ୍ୟକ୍ତିଙ୍କ ସହ ସଂସ୍ପର୍ଶରେ ଆସିଲେ କିମ୍ବା ସେମାନଙ୍କ ଛିଙ୍କ ଓ କାଶ ଦ୍ୱାରା, ଛୁଇଁବା ଦ୍ୱାରା, ଭୂତାଣୁ ସଂକ୍ରମିତ ପଦାର୍ଥକୁ ଛୁଇଁବା ଦ୍ୱାରା ମଧ୍ୟ ହୋଇପାରେ ।

## ଏହି ଭୂତାଣୁ କେଉଁମାନଙ୍କୁ ଅଧିକ ହୋଇପାରେ ?

୫ ବର୍ଷରୁ କମ ବୟସର ଶିଶୁ ଓ ୬୫ ବର୍ଷ ବୟସରୁ ଅଧିକ ବୟସ୍କ ବ୍ୟକ୍ତି । ଦୁର୍ବଳ ରୋଗ ପ୍ରତିରୋଧ ଶକ୍ତିଥିବା ବ୍ୟକ୍ତି । ଆଜମା ଏବଂ ଶ୍ୱାସ ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ।

ଏହି ଭୂତାଣୁ ସଂକ୍ରମଣ ଯଦିଓ ସାମାନ୍ୟ ହୋଇଥାଏ କିନ୍ତୁ ସ୍ଥଳବିଶେଷରେ ଏହା ଭୟଙ୍କର ଶ୍ୱାସ ସଂକ୍ରମଣ, ନ୍ୟୁମୋନିଆ, ଆଜମା, କର୍ଣ୍ଣ ସଂକ୍ରମଣ, ଇତ୍ୟାଦିକୁ ଜନ୍ମ ଦେଇପାରେ ।

## ଏହି ଭୂତାଣୁକୁ କେଉଁଭଳି ଚିହ୍ନଟ କରାଯାଏ ?

ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ଗଳା ଓ ନାସିକାରୁ ତୁଳା ଲଗା କାଠିଦ୍ୱାରା ଲାଳ ସଂଗ୍ରହ କରି ପରୀକ୍ଷା କରାଯାଇଥାଏ । ଆବଶ୍ୟକ ସ୍ଥଳେ ଛାତିର ଏକ୍ସ ରେ ଏବଂ ଅନ୍ୟାନ୍ୟ ପରୀକ୍ଷା ମଧ୍ୟ କରିବାକୁ ପଡ଼ିପାରେ ।

## ଏହି ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସା କିଭଳି କରିବେ ?

ଏହି ଭୂତାଣୁ ପାଇଁ କୌଣସି ଟୀକାର ଉଦ୍ଭାବନ କରାଯାଇନାହିଁ । କିନ୍ତୁ ଘରୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପଚାର ଦ୍ୱାରା ରୋଗର ଲକ୍ଷଣକୁ କମ କରାଯାଇ ପାରେ । ଅଧିକ ଦୁର୍ବଳତା ଥିଲେ କିମ୍ବା ଲକ୍ଷଣ କମ ନ ହେଉଥିଲେ, ହସପିଟାଲରେ ଭର୍ତ୍ତି କରିବାକୁ ପଡ଼ିପାରେ ।

ହସ୍ପିଟାଲରେ ରୋଗୀଙ୍କୁ ଅତିରିକ୍ତ ଅମ୍ଳଜାନ ଦିଆଯାଏ, ଅଧିକ ଜଳୀୟାଂଶ ଦ୍ରବଣ ଶିରାରେ ଦିଆଯାଏ ଏବଂ ଶୀଘ୍ର ଉପଶମ ପାଇଁ ଷ୍ଟେରଏଡ୍ ଭଳି ଔଷଧ ମଧ୍ୟ ଦିଆଯାଇପାରେ ।

ଏହିଭଳି ରୋଗୀଙ୍କ କ୍ଷେତ୍ରରେ ଆଣ୍ଟିବାୟୋଟିକ୍‌ର ଆବଶ୍ୟକତା ନଥାଏ । ଅବଶ୍ୟ ଯଦି ରୋଗୀ ଅନେକ ଦିନଧରି ରୋଗାକ୍ରାନ୍ତ ହୁଅନ୍ତି ତା ହେଲେ ଜୀବାଣୁ ଜନିତ ସଂକ୍ରମଣ କମ କରିବାପାଇଁ ଏହା ଦିଆଯାଇଥାଏ ।

## ଏହି ରୋଗରୁ ନିଜକୁ କିଭଳି ସୁରକ୍ଷିତ କରିବେ ?

ଭୂତାଣୁ ଏବଂ ଏହା ସମ୍ବନ୍ଧିତ କୌଣସି ଦ୍ରବ୍ୟକୁ ଛୁଇଁବାର ସମ୍ଭାବନାକୁ ଏଡ଼ାଇବାକୁ ହେବ, ଏଥିପାଇଁ

୧. ନିୟମିତ ହାତକୁ ସାବୁନ ଏବଂ ପାଣିଦ୍ୱାରା ଧୋଇବେ । କିମ୍ବା ସାନିଟାଇଜର୍ ବ୍ୟବହାର କରି ପାରିବେ ।

୨. କାଶ ହେଉଥିବା କିମ୍ବା ଛିଙ୍କ ହେଉଥିବା ସମୟରେ ନିଜର ମୁଖ ଓ ନାସିକାକୁ ହାତର କହୁଣିଦ୍ୱାରା ଘୋଡ଼ାଇ ରଖିବେ ।

୩. ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିବେ ନାହିଁ । ଏଥିପାଇଁ ଯେତେ ସମ୍ଭବ ଘରେ ହିଁ ରହିବେ ।

୪. ଯଦି ଆପଣଙ୍କୁ ଏହି ରୋଗର ଲକ୍ଷଣ ଦେଖାଯାଏ ତା ହେଲେ ତୁରନ୍ତ ମାସ୍କ ବ୍ୟବହାର କରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୫. ନିଜ ମୁହଁ, ଆଖି, ନାକ ଆଦିକୁ ବାରମ୍ବାର ଛୁଅନ୍ତୁ ନାହିଁ ।

୬. ନିଜେ ବ୍ୟବହାର କରୁଥିବା କୌଣସି ଦ୍ରବ୍ୟ ଅନ୍ୟମାନଙ୍କୁ ଦିଅନ୍ତୁ ନାହିଁ କିମ୍ବା ଅନ୍ୟମାନଙ୍କ ବସ୍ତ୍ର ବା ପୋଷାକ, ବାସନ ଆଦି ବ୍ୟବହାର କରନ୍ତୁ ନାହିଁ ।

### କେତେ ଦିନ ପର୍ଯ୍ୟନ୍ତ ଏହି ରୋଗର ଭୂତାଣୁ ସକ୍ରିୟ ରହେ ?

ସାମାନ୍ୟ ସଂକ୍ରମଣ କ୍ଷେତ୍ରରେ ଏହା କିଛି ଦିନରୁ କିଛି ସପ୍ତାହ ପର୍ଯ୍ୟନ୍ତ ରହିପାରେ କିନ୍ତୁ ଯଦି ଆପଣ ଅଧିକ ରୋଗଗ୍ରସ୍ତ ହୁଅନ୍ତି ତାହେଲେ ଏହା ଦୀର୍ଘଦିନ ପାଇଁ ଆପଣଙ୍କୁ କଷ୍ଟ ଦେଇପାରେ ।

### ଏହି ରୋଗ ହୋଇଥିବା ସନ୍ଦେହ ହେଉଥିଲେ ନିଜର ସୁରକ୍ଷା କିଭଳି କରିବେ ?

୧. ଅଧିକ ଜଳ ଓ ଜଳୀୟ ଦ୍ରବଣ ସେବନ କରିବେ ।

୨. ରୋଗର ଲକ୍ଷଣ ଅନୁସାରେ ଆବଶ୍ୟକୀୟ ଔଷଧର ସେବନ କରିବେ ।

୩. ସୁରକ୍ଷା ନିୟମ ସବୁକୁ କଡ଼ାକଡ଼ି ଭାବରେ ପାଳନ କରିବେ ।

୪. ଉଷୁମ ଓ ସୁଷମ ଖାଦ୍ୟ ଗ୍ରହଣ କରିବେ ।

୫. ଯଥେଷ୍ଟ ପରିମାଣର ବିଶ୍ରାମ କରିବେ ।

### କେତେବେଳେ ହସ୍ପିଟାଲ୍ ଯିବା ଉଚିତ ?

୧. ଅତ୍ୟଧିକ ଜ୍ୱର (୧୦୩ ଡିଗ୍ରୀ ବା ଅଧିକ) ଥିଲେ

୨. ଶ୍ୱାସ ନେବାରେ ଯନ୍ତ୍ରଣା ହେଲେ

୩. ନଖ, ଓଠ କିମ୍ବା ଶରୀର ନୀଳ ପଡ଼ିଲେ

୪. ଅତ୍ୟଧିକ ଅସୁସ୍ଥତା ଅନୁଭବ ହେଲେ

MBBS, PGDMCH, PGDHM, DCND ସିନିୟର୍ ରେସିଡେ଼ଣ୍ଟ, IMS & SUM Hospital-III, Ganjam, Odisha

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ୍ତ ଦେବତା

ଅଭୟ କୁଣ୍ଡ



ଯିଏ ଦାନ କରେ ସେ ଦାତା । ଯିଏ ଦାତା ସେ ଦେବତା । ଜୀବଜନ୍ତୁ ଯାହାଠାରୁ ସର୍ବାଧିକ ଦାନ ଗ୍ରହଣ କରନ୍ତି ସେ ମାଟି ପାଣି ଓ ଉଦ୍ଭିଦ । ଚଳ ଜଗତ ଓ ଅଚଳ ଜଗତ ପରସ୍ପର ପରିପୂରକ । ଅଚଳ ଜଗତ କହିଲେ ଆମେ ବୃକ୍ଷଲତାକୁ ବୁଝିବା । ବୃକ୍ଷଲତା ବିନା ପ୍ରାଣୀ ବଞ୍ଚିବା ଅସମ୍ଭବ । ମଣିଷ ପଶୁପକ୍ଷୀଙ୍କ ଜୀବନ ଧାରଣ ପାଇଁ ଯାହା ଆବଶ୍ୟକ ସବୁକିଛି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବୃକ୍ଷଲତା ଆମକୁ ଦେଇଥାଏ । ଶ୍ୟାମଳ ସଘନ ବନଭୂମି ଶୋଭିତ ଆମ ଦେଶ ଭାରତ । ଆମ ଦେଶର ବଣଜଙ୍ଗଲରେ ଶାଳ, ଶମୀ, ପିଆଶାଳ, କୁସୁମ, ଶିଶୁ, ଆମ୍ବ, ପଣସ, ବର, ଅଶ୍ୱତ୍ଥ ଅସଂଖ୍ୟ ଲତା ଗୁଳ୍ମ ଦେଖାଯାଏ । ପୁରାଣ ଯୁଗରେ ମୁନି ଋଷିମାନେ ଆଶ୍ରମ ସ୍ଥାପନ କରି ରହୁଥିଲେ । ମଣିଷ ପ୍ରଥମେ ବଣ ଜଙ୍ଗଲରେ ରହୁଥିଲା । ବୃକ୍ଷ ତାକୁ ଖାଦ୍ୟ, ଆଶ୍ରୟ, ବସ୍ତ୍ର, ଔଷଧ ସବୁ ଯୋଗାଉଥିଲା । କ୍ରମେ ମଣିଷ ସଭ୍ୟ ହେଲା । ବିଜ୍ଞାନ ମଣିଷକୁ ଅନେକ ତଥ୍ୟ ଜଣାଇଲା । ମଣିଷ ବଣ ଜଙ୍ଗଲର ଆବଶ୍ୟକତା ଅନୁଭବ କଲା । ବୃକ୍ଷ ଠାରୁ ମଣିଷ କଣ କଣ ପାଏ ଆସନ୍ତୁ ଜାଣିବା ।

ସେବିତବ୍ୟୋ ମହାବୃକ୍ଷ
ଫଳ ଛାୟା ସମନ୍ୱିତଃ
ଯଦି ଦୈବାତ୍ ଫଳମ୍ ନାସ୍ତି
ଛାୟା କେନ ନିବାର୍ଯ୍ୟତେ ।

ବୃକ୍ଷ କେବଳ ଫଳ ଦାନ କରେ ନାହିଁ । ଆମେ ତା ଠାରୁ ଫଳ, ଫୁଲ,ପତ୍ର, କାଠ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛାୟା, ମୃର୍ତ୍ତିକା, ଜଳ, ବାୟୁ ଏବଂ ଆଶ୍ରୟ ତଥା ବିପର୍ଯ୍ୟୟରୁ ମଧ୍ୟ ରକ୍ଷା କରେ । ପ୍ରାଣୀମାନେ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ଅଙ୍ଗାରକାମ୍ଳ ତ୍ୟାଗ କରନ୍ତି । ବୃକ୍ଷ ଅଙ୍ଗାରକାମ୍ଳ ଗ୍ରହଣ କରେ ଅମ୍ଳଜାନ ଛାଡ଼ିଥାଏ । ଗୋଟିଏ ବୃହତ୍ ଗଛ ବର୍ଷକୁ ୧୦୦ କିଗ୍ରା ଅମ୍ଳଜାନ ଛାଡ଼ିଥାଏ ଓ ୨୦-୨୫ କିଗ୍ରା ଅଙ୍ଗାରକାମ୍ଳ ଶୋଷଣ କରେ । ଫଳରେ ବାୟୁମଣ୍ଡଳରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବାଷ୍ପ ସନ୍ତୁଳନ ରକ୍ଷା ହୁଏ ।

ବୃକ୍ଷ ଛାୟା ପ୍ରଦାନ କରେ, ଶୀତଳତା ଦାନ କରେ । ଫଳରେ ଉତ୍ତାପ ନିୟନ୍ତ୍ରଣରେ ରହେ । ମାଟି କ୍ଷୟ ରୋକିଥାଏ । ଯାହାଦ୍ୱାରା ମୃର୍ତ୍ତିକା ସଂରକ୍ଷଣ ହୁଏ । ପବନର ବେଗକୁ ବୃକ୍ଷ ଅଟକାଇଥାଏ । ବର୍ତ୍ତମାନ ଦେଖାଯାଉଛି ଯେ ବଜ୍ରପାତ ରୋକିବା ପାଇଁ ତାଳଗଛ ସମର୍ଥ ।

ଚରକ ସଂହିତାଅନୁସାରେ ଧରାରେ ଏପରି ବୃକ୍ଷ ନାହିଁ ଯାହାର ଔଷଧୀୟ ଗୁଣ ନାହିଁ । ନିମ, ବେଲ, ତୁଳସୀ, ପିଜୁଳି ବିଷୟରେ ସମସ୍ତେ ଜାଣନ୍ତି । ମହୁ, ଝୁଣା ମଧ୍ୟ ବୃକ୍ଷରୁ ମିଳେ । ବୃକ୍ଷ ମଣିଷ, ପଶୁପକ୍ଷୀ, କିଟପତଙ୍ଗମାନଙ୍କୁ ମଧ୍ୟ ଆଶ୍ରୟ ଦିଏ । ଗ୍ରାମ ଦେବଦେବୀମାନେ ବୃକ୍ଷମୂଳରେ ପୂଜା ପାଆନ୍ତି । ମାଆ ତାରିଣୀ ଶାଳ ଗଛ ମୂଳେ ପୂଜିତା । ଭଗବାନ ବୁଦ୍ଧ ଅଶ୍ୱତ୍ଥ ବୃକ୍ଷ ମୂଳରେ ତପସ୍ୟା କରି ସିଦ୍ଧି ଲାଭ କଲେ ଓ ଶେଷରେ ନିର୍ବାଣ ପ୍ରାପ୍ତ ହେଲେ । ପ୍ରଭୁ ଜଗନ୍ନାଥ ଦାରୁ ଦେବତା ଅର୍ଥାତ ବୃକ୍ଷରାଜଙ୍କର ଅଂଶ ମଧ୍ୟ ।

ପୁରାଣ ଶାସ୍ତ୍ରମାନଙ୍କରେ ବୃକ୍ଷଲତା ବଣଜଙ୍ଗଲକୁ ନେଇ ବିସ୍ତୃତ ବର୍ଣ୍ଣନା କରାଯାଇଛି । ସବୁଜ ବନାନୀ, କୁସୁମିତ ବନ ଉପବନ ଆମ କାବ୍ୟ କବିତାର ଆଧାର । ଅରଣ୍ୟର କାନ୍ତ କମନୀୟ ଶୋଭାଶ୍ରୀ କବି ଭାବୁକକୁ ଭାବିବାକୁ ଓ ଲେଖିବାକୁ ବାଧ୍ୟ କରେ । ଚିତ୍ରକର ମଧ୍ୟ ସୌନ୍ଦର୍ଯ୍ୟର ମନ୍ତ୍ର ଘନ ବାନରାଜିରୁ ଆହରଣ କରେ । ପ୍ରକୃତିର ଉଦାର ସୁନ୍ଦର ମଙ୍ଗଳମୟ ରୂପ ହେଉଛି ବୃକ୍ଷଲତା । ଶାସ୍ତ୍ର କହେ ବୃକ୍ଷ ନିଜର ପୁଷ୍ପରାଜି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ୱାରା ଦେବତାଙ୍କୁ, ଫଳଦ୍ୱାରା ପିତୃ ପୁରୁଷଙ୍କୁ, ଛାୟା ଦାନ କରି ଅତିଥିମାନଙ୍କୁ ତୃପ୍ତ କରେ । ସୁପୁତ୍ର ପିତାମାତାମାନଙ୍କୁ ଜୀବନକାଳ ମଧ୍ୟରେ ସେବା ଯତ୍ନ ଓ ମୃତ୍ୟୁ ପରେ ପିଣ୍ଡଦାନ କଲା ପରି ବୃକ୍ଷ ପୁତ୍ର ଧର୍ମପାଳନ କରି ଇହ ଓ ପରକାଳରେ ସୁଖ ଶାନ୍ତି ପ୍ରଦାନ କରେ । ଜୀବନରେ ବୃକ୍ଷ ନିଜର ସର୍ବସ୍ୱ ଅନ୍ୟର ହିତ ପାଇଁ ଦାନ କରେ । ବାସ୍ତବରେ ବୃକ୍ଷଲତା ଆମ ପାଇଁ ଜୀବନ୍ତ ଦେବତା ।

ପରୋପକାରିତା, ସୌହାର୍ଦ୍ଦ୍ୟ ଓ ବିନମ୍ରତାର ପ୍ରତୀକ ଫଳ ଭାରରେ ଆନତ ବୃକ୍ଷାଲତା ଆମମାନଙ୍କର ଆଦର୍ଶ ହେଉ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡିଆଭଙ୍ଗା ତାଳଚେର ଅନୁଗୋଳ
ମୋ - ୯୫୫୬୭୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଞ୍ଚିରହିବା ପାଇଁ ଜୀବନ ସଂଗ୍ରାମ

ଆଶୁତୋଷ ନାୟକ



ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନଠାରୁ ବଳଶାଳୀ । ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ୍ୟ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ । ଯେଉଁ ମନୁଷ୍ୟମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ସେମାନେ ଜାଣି ରଖିବା ଉଚିତ ପ୍ରକୃତିର ସୃଷ୍ଟି ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ । ନିଜର ଅର୍ଥ, ବ୍ୟାଙ୍କ ବାଲାନ୍ସ, ପ୍ରତିଷ୍ଠା, କ୍ଷମତା, ସୁନ୍ଦର ଆକର୍ଷଣୀୟ ଚେହେରା ପାଇଁ ଅହଂକାର କରୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତରେ ବଞ୍ଚିବା ପାଇଁ ସଂଗ୍ରାମ କରୁଛି ।

କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେ କରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା । ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡିଥିଲା । ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା । ବିକଶିତ ରାଷ୍ଟ୍ରମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡିଥିଲା । ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ । ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଥିଲା । ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

୧୪୦ ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦ କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇ ପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

"ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ତେଣିକି ଯାଇ ।"

ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି ।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ବୃଦ୍ଧିମାନ ଜୀବ ହେଉଛି ମଣିଷ । ମନୁଷ୍ୟ ନିଜର ବୃଦ୍ଧି ଓ ବିବେକ ବଳରେ ଜଳ, ସ୍ଥଳ, ଆକାଶ ପଥରେ ନିଜର ଆଧିପତ୍ୟ ବିସ୍ତାର କରିଛି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ମନୁଷ୍ୟ ନିଜର ବୃଦ୍ଧି ଅସତ ଉପାୟରେ ପରିଚାଳିତ କରି ପ୍ରକୃତି ଉପରେ ଅନବରତ ଅତ୍ୟାଚାର କରିଚାଲିଛି ଏବଂ ନିଜର ଅର୍ଥବଳ, ବାହୁବଳ ପ୍ରୟୋଗ କରି ଦୁର୍ବଳ ଉପରେ ଅତ୍ୟାଚାର କରିଚାଲିଛି । ନିଜର ସ୍ୱାର୍ଥସାଧନ ପାଇଁ ମନୁଷ୍ୟ ଜଙ୍ଗଲ, ଗଛଲତା, ବନ୍ୟପ୍ରାଣୀ, ଜୀବଜନ୍ତୁ ଧ୍ୱଂସ କରିଚାଲିଛି । ସେଥିପାଇଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି । ଜଳବାୟୁର ଅସ୍ୱାଭାବିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିବର୍ତ୍ତନ ଆମ ପାଇଁ ସତର୍କ ଘଣ୍ଟି । ଆମେ ନିଜେ ହିଁ ନିଜର ଧ୍ୱଂସ କରୁଛୁ । ସେଥିପାଇଁ କୁହାଯାଏ "ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ । "

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା  ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା,ସୁନା,ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଆବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ,ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛି ନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ ମନେ କରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମ ସୀମାରେ । ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେବି ସାଧାରଣ ଗରିବ ଓ ମଧ୍ୟବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତି ମୁହୂର୍ତ୍ତରେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି । ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି, ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ଦେଶର ସରକାରି କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ ଭାବେ ଦାୟୀ ।

ନ୍ୟାସନାଲ କ୍ରାଇମ୍‌ଏ ରେକର୍ଡ ବ୍ୟୁରୋ (NCRB)ର ରିପୋର୍ଟ ଅନୁସାରେ 'ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଯେପରି ଧର୍ଷଣ, ଗଣ ଦୁଷ୍କର୍ମ, ମର୍ଡର, ଶାରୀରିକ ଓ ମାନସିକ ନିର୍ଯାତନା ହାର ୬୪.୫% (୧ ଲକ୍ଷ ଜନସଂଖ୍ୟାର ପରିଧି ମଧ୍ୟରେ) । ଏହା ବିଂଶ ଶତାବ୍ଦୀର ସଭ୍ୟ ସମାଜରେ ବିକାଶର ପରିପନ୍ଥୀ! ନାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (NCRB) ୨୦୨୧ର ଆଉ ଏକ ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ଦେଶର ୮୬ ଜଣ ମହିଳା ଧର୍ଷଣର ଶିକାର ହେଉଛନ୍ତି ଏବଂ ୪୯ ଜଣ ମହିଳା ଦୁର୍ବ୍ୟବହାର ସାମ୍ନା କରୁଛନ୍ତି, ପ୍ରତି ଘଣ୍ଟାରେ ଭାରତରେ କୋଣ ଅନୁକୋଣରେ ଏପରି ଘଟୁଛି । ୨୦୨୦ରେ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ । ୨୦୧୯ରେ ହାଇଦ୍ରାବାଦରେ ୨୬ ବର୍ଷିଆ ମହିଳା ପଶୁ ଚିକିତ୍ସୀକା ଗଣଧର୍ଷଣ ଓ ୧୯ ବର୍ଷିଆ ଉତ୍ତର ପ୍ରଦେଶର ହାତ୍ରାସରେ ଜଣେ ମହିଳା ଗଣଧର୍ଷଣ ଭଳି ଅମାନୁଷିକ କାର୍ଯ୍ୟରେ ଶିକାର ହୋଇଥିଲେ।ଏହିପରି ଅନେକ ଘଟଣା ଆମ ଦେଶର ଜନସାଧାରଣଙ୍କୁ ସ୍ତବ୍ଧ କରିଦେଉଛି । ଏହି ସବୁ ଘଟଣା ଅତ୍ୟନ୍ତ ବିଭତ୍ସ ଓ ଲୋମ ହର୍ଷଣକାରୀ ଅଟେ । ଆମ ଦେଶରେ ବାରମ୍ବାର ଏହିପରି ଘଟଣା ପୁନରାବୃତ୍ତି ଘଟିବା ବିଡ଼ମ୍ବନାର ବିଷୟ । ଆମ ଦେଶର କ୍ଷମତା ଲୋଭି ରାଜନେତା ଆରୋପ ପ୍ରତ୍ୟାରୋପ କାଦୁଆ ଫିଙ୍ଗା ରାଜନୀତିରେ ବ୍ୟସ୍ତ । ଧର୍ଷଣ ଗଣଧର୍ଷଣ ମହିଳାଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ କମିବା ବଦଳ ରେ ବଢିବାରେ ଲାଗିଛି । ନୂତନ ଭାରତ ଶିକ୍ଷିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକେ ଏଥିପ୍ରତି ଉଦାସୀନ ନହୋଇ ସଚେତନ ହେଲେ ଆମ ଦେଶର ସ୍ୱପ୍ନ ପୂରଣ ହେବ । "ଯତ୍ର ପୂଜ୍ୟତେ ନାରୀ ତତ୍ର ତିଷ୍ଠନ୍ତି ଦେବତା ।"

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟ ସଭାରେ ଦେଇଥିବା ମନ୍ତବ୍ୟ ଆଧାରରେ, ବର୍ତ୍ତମାନ ଆମ ଦେଶରେ ପାଖାପାଖି ୫ କୋଟିରୁ ଅଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରଧୀନ ଅଛି । ଭାରତର ସର୍ବୋଚ୍ଚ ଆଦାଲତ (ସୁପ୍ରିମ କୋର୍ଟ)ରେ ୬୯୦୦୦ରୁ ଅଧିକ ମାମଲା ଏବେ ବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ଟି ହାଇକୋର୍ଟରେ ୫୯ ଲକ୍ଷ ମାମଲା ଏବେ ବି ବିଚାରଧୀନ ଅଛି । ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାରଙ୍କ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ । ଆମ ବ୍ୟବସ୍ଥାର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନ ସାଧାରଣ ଆମ ସରକାର ଓ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚିଠୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ଆମ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା "ବୋଝ ଉପରେ ଲଳିତା ବିଡା ସଦୃଶ ।" ବର୍ତ୍ତମାନ ସମୟରେ ପନିପରିବା ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ  ଜଟିଳ ବ୍ୟବସ୍ଥା ଦାୟୀ ।

ଆଇଏଲଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାରେ ଦୁଇଗୁଣା ବୃଦ୍ଧି ଘଟିଛି । ୨୦୦୦ ମସିହାରେ ଆମ ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨ %ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭ % ବୃଦ୍ଧି ଘଟିଛି । ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡିଥିବା ପରି ପ୍ରତୀୟମାନ ହେଉଛି ।

ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି । ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି । ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮, ୪୯ ଡିଗ୍ରୀ । କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି । ପାଣିପାଗ ବିଶେଷଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି । ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ । ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି । ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜ଼ନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି । ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ । ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ ।

ଗୋପାଳପୁର, ବାଲେଶ୍ୱର

ମୋବାଇଲ-୭୦୨୦୬୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଯୋଗ୍ୟ ପଦାଧିକାରୀଙ୍କ ବରଖାସ୍ତ

ପଙ୍କଜ କୁମାର ପାଣିଗ୍ରାହୀ



ଦେଶ ତଥା ରାଜ୍ୟ ଗୁଡିକର ପ୍ରଶାସନିକ କ୍ଷେତ୍ରରେ ନିୟୋଜିତ ଲକ୍ଷ ଲକ୍ଷ ସରକାରୀ ପଦାଧିକାରୀ / ଚାକିରିଆଙ୍କୁ ସର୍ବସାଧାରଣ ଅର୍ଥରୁ ଯଥେଷ୍ଟ ମାତ୍ରାରେ ଦରମା ଦିଆଯାଇଥାଏ କେବଳ ସେମାନଙ୍କ ଦାୟିତ୍ୱବୋଧତା କାରଣରୁ ଯେ ସେମାନେ ପ୍ରତ୍ୟେକ ସୋପାନର କାର୍ଯ୍ୟ ଗୁଡିକ ସାମ୍ବିଧାନିକ ଆଇନ ତଥା ସରକାରୀ ଚାକିରୀ ନିୟମାବଳୀକୁ ଆଧାର କରି ନିଜର ଦାୟିତ୍ୱ ତୁଲାଇବେ । ଆଇନ କାନୁନ ନଜାଣି କିମ୍ବା ସବୁ ଜାଣିଶୁଣି ବେଆଇନ କାର୍ଯ୍ୟ କରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା କ୍ଷତି କରିବା ଅର୍ଥାତ ସେ ଜଣେ ପଦାଧିକାରୀ ପଦବାଚ୍ୟ ନହେବା ଆବଶ୍ୟକ । ସେହିଭଳି କ୍ଷେତ୍ରରେ ସେମାନଙ୍କୁ ସରକାରୀ ଅଧିକାରୀ ପଦରୁ ବହିଷ୍କାର କରି ବିତାଡିତ କରାଯିବା ଅନିବାର୍ଯ୍ୟ ଆବଶ୍ୟକ ।

ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ସରକାରୀ ପଦାଧିକାରୀମାନେ କେତେବେଳେ ଅଜ୍ଞାନତା, ଆଇନ କାନୁନ ବିଷୟରେ ଅନଭିଜ୍ଞତା, ବ୍ୟକ୍ତିଗତ ଆଗ୍ରହ, ଆର୍ଥିକ ଲାଞ୍ଚ ଆଶା କରି ନପାଇବା, ବ୍ୟକ୍ତିଗତ ଆକ୍ରୋଶ ହେଉ କିମ୍ବା ଆତ୍ମ ଅହଙ୍କାର ଜନିତ ଅଧସ୍ତନ କର୍ମଚାରୀ କିମ୍ବା ଜନସାଧାରଣଙ୍କୁ ବ୍ୟାପକ କ୍ଷତି ପହଞ୍ଚାଇ ଥା'ନ୍ତି । ଭାରତୀୟ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର କରି ସେମାନେ ନିଜ ଇଚ୍ଛା ମୁତାବକ ଅନେକ ଅକର୍ତ୍ତବ୍ୟ ତଥା ବେଖାତିରି ଭାବେ ଅନୈତିକ କାର୍ଯ୍ୟ କରିଥା'ନ୍ତି ଯାହା ଦ୍ୱାରା ସାଧାରଣ ଲୋକେ ଆଶାତୀତ କ୍ଷତିରେ ପଡୁଛନ୍ତି । ଏମିତିକି ଅନେକ ସମୟରେ ସରକାରୀ ତହବିଲରୁ କୋଟି କୋଟି ଟଙ୍କା କ୍ଷତି ହେଉଛି ସେହିଭଳି ପଦାଧିକାରୀଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନମାନୀ କାର୍ଯ୍ୟ କଳାପ କାରଣରୁ । ସେମାନଙ୍କ ଦାୟିତ୍ୱ ଭୁଲିଯାଇ ଆଇନର ସୀମାରେଖା ପାରକରି କରୁଥିବା ସ୍ୱେଚ୍ଛାଚାରୀ କାର୍ଯ୍ୟ ହେତୁ ବ୍ୟାପକ କ୍ଷତି ହେଉଥିବା ବେଳେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ ଏହିଭଳି ଅସଂଖ୍ୟ ଘଟଣାର ଉଦୟମାନ ହେଉଛି ପ୍ରାୟତଃ ଅନେକ ସମୟରେ । ନିକଟ ଅତୀତରେ ତା. ୨୨.୧୨.୨୪ରେ ଦୈନିକ ଖବର କାଗଜ ସମାଜରେ ପ୍ରକାଶିତ ମୟୁରଭଞ୍ଜ ଡ଼ି.ଇ.ଓଙ୍କ କାର୍ଯ୍ୟର ନମୁନା ଦେଖିଲେ ଜାଣିହେବ ଯେ ଏମିତି ଆହୁରି ଅନେକ ଉଦାହରଣ ମିଳିବ ଆଜି ସମୟରେ ରାଜ୍ୟବ୍ୟାପୀ ବିଭିନ୍ନ ବିଭାଗରେ ।

କିଛି ଉଦାହରଣ ନେଇ ଦେଖିଲେ ଜାଣିହେବ ଯେ ଜଣେ ପଦାଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ଠାରୁ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ଲାଞ୍ଚ ଆଶା କରି ନପାଇବା ପରେ ଯଥେଷ୍ଟ ପ୍ରମାଣ ନଥାଇ ମଧ୍ୟ ବିଭିନ୍ନ ଆଳରେ ତାଙ୍କୁ ନିଲମ୍ବନ କରୁଛନ୍ତି । ବେଳେ ବେଳେ ଚାକିରିରୁ ବହିଷ୍କାର ମଧ୍ୟ କରିଦେଉଛନ୍ତି ! ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନିରୀହ ଚାକିରିଆ ଜଣକ ମାନ୍ୟବର ନ୍ୟାୟାଳୟଙ୍କ ଆଶ୍ରୟ ନେଇ ବହୁବର୍ଷ ପରେ ଚାକିରୀରେ ପୁନଃ ପ୍ରବିଷ୍ଟ ହେବା ସହିତ ସେହି ସମୟ ଗୁଡିକର ସମସ୍ତ ଦରମା ପାଉଛନ୍ତି କାର୍ଯ୍ୟ ନକରି । ଏହା ସରକାରୀ ଅର୍ଥରୁ ଦିଆଯାଉଥିବା ବେଳେ ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ମାନସିକ ଯନ୍ତ୍ରଣା ତଥା ସାମାଜିକ କ୍ଷତି ପୁରଣ କରାଯାଇଥାଏ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଯିଏ କ୍ଷମତାର ଅପବ୍ୟବହାର କରି କରିଥା'ନ୍ତି ସେହି ବେନିୟମ କାର୍ଯ୍ୟ । ଦେଖିବାକୁ ମିଳୁଛି ଯେ ଜଣେ ଉଚ୍ଚସ୍ତରୀୟ ଅଧିକାରୀ ନିଜର ଆଗ୍ରହକୁ ଚରିତାର୍ଥ କରିବା ପାଇଁ ସାମ୍ବିଧାନିକ ଆଇନର ଅପବ୍ୟବହାର କରିବେ ଆଉ ସରକାର ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ଠାରୁ କୌଣସି କାର୍ଯ୍ୟ ହାସଲ ନକରି ନ୍ୟାୟାଳୟରେ ଫଇସଲା ନହେବା ପର୍ଯ୍ୟନ୍ତ ଘରେ ବସାଇ ମାନ୍ୟବର ନ୍ୟାୟମୂର୍ତ୍ତିଙ୍କ ନିର୍ଦ୍ଦେଶ ଆସିବା ପରେ ତାଙ୍କୁ ବର୍ଷ ବର୍ଷର ଦରମା ଦେବେ ! କାହିଁକି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଠାରେ ଉଲ୍ଲେଖ ଯୋଗ୍ୟ ବିଷୟ ଏହାକି ଯେ ଯେହେତୁ ପଦାଧିକାରୀମାନେ ଉଚ୍ଚ ଶିକ୍ଷିତ ଓ ଜ୍ଞାନ ସମ୍ପନ୍ନ ହୋଇଥିବା କାରଣରୁ ସେମାନଙ୍କୁ ଉଚ୍ଚ ସ୍ଥାନିତ କରାଯାଉଛି ଏବଂ ତଦନୁଯାୟୀ ସେମାନଙ୍କ ଦରମା ମଧ୍ୟ ଉଚ୍ଚ ଆକାରରେ ପ୍ରଦାନ କରାଯାଉଛି ତେଣୁ ଯେକୌଣସି ବ୍ୟତିକ୍ରମ ପାଇଁ ସେମାନେ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବା ସହିତ ସମସ୍ତ ଆର୍ଥିକ ଦେୟ, ଦରମା ତଥା କ୍ଷତି ପୁରଣ କେବଳ ସେମାନଙ୍କ ଠାରୁ ହିଁ ଆଦାୟ କରାଯିବା ବିଧେୟ । ପୁନର୍ବାର ସେମାନଙ୍କ ଏତାଦୃଶ କାର୍ଯ୍ୟକଳାପ ହେତୁ ନିରୀହ ଲୋକଙ୍କ କ୍ଷତି ସହିତ ସରକାରୀ କଳର ବ୍ୟାପକ କ୍ଷତି / ଅସୁବିଧା / ଅପମାନ ତଥା ଗଣତନ୍ତ୍ରର ଅମର୍ଯ୍ୟାଦା ହେଉଥିବା କାରଣରୁ ସେମାନଙ୍କୁ କଠୋର ଶାସ୍ତି ଦେବା ସହିତ ଚାକିରିରୁ ବହିଷ୍କାର କରାଯିବା ମଧ୍ୟ ବିଧେୟ ! କାରଣ ସେମାନେ ସ୍ୱର୍ଗରୁ ଅନୁମୋଦନ କରି ଆଣି ନାହାନ୍ତି ଯେ ସେମାନେ ଯାହା କଲେ ମଧ୍ୟ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ! ଏବଂ ସେମାନଙ୍କ କାର୍ଯ୍ୟକଳାପ / ନିଷ୍ପତ୍ତି ହିଁ ଶେଷ ! ଅଦ୍ୟାବଧି ସେମାନଙ୍କ ପାଇଁ ରହିଥିବା ଦଣ୍ଡ ବିଧାନ ଆଇନ ଗୁଡିକ ବ୍ରିଟିଶ୍ର କୋହଳ ନୀତି ଆଧାରିତ ହୋଇଥିବା କାରଣରୁ ପ୍ରାୟତଃ କାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ । ତେଣୁ ସରକାର ଏଥିପ୍ରତି ସଚେତନ ହୋଇ ପ୍ରକୃତ ଗଣତାନ୍ତ୍ରିକ ପଦ୍ଧତିରେ ସର୍ବଜନ ସମାନ ନୀତିରେ ସେମାନଙ୍କ ପାଇଁ ମଧ୍ୟ କଠୋର ଆଇନ ଆଣିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ ।

ଚାକିରିଆଙ୍କ କ୍ଷେତ୍ରରେ ସରକାରୀ ତହବିଲରୁ କ୍ଷତି ହେଉଥିବା ବେଳେ ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କେତେକ ପଦାଧିକାରୀଙ୍କ ଯୋଗୁ ସାଧାରଣ ଲୋକେ ମଧ୍ୟ ବ୍ୟାପକ କ୍ଷତି / ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଣେ ସାଧାରଣ ଲୋକକୁ ସରକାରୀ ପଦାଧିକାରୀ ବ୍ରିଟିଶ୍ର ବଡ଼ଲାଟ ସଦୃଶ୍ୟ ନିଜ ପାଦ ତଳର କର ଭଳି ଆଚରଣ କରିବା ସହିତ ସେମାନଙ୍କୁ ବ୍ୟାପକ ଅସୁବିଧା ତଥା କ୍ଷତିରେ ପକାଉଥିବା ଉଦାହରଣ କିଛି କମ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିବାକୁ ମିଳୁନାହିଁ ଆମ ସମାଜରେ । ଉଦାହରଣ ସ୍ୱରୂପ ଜଣେ ଲୋକ ତାର ଜମି ଚିହ୍ନଟ କଲେ ବିକ୍ରିକରି ଝିଅ ବାହାଘର କରିବ କିମ୍ବା ପାରିବାରିକ ଜରୁରୀକାଳୀନ ସାଙ୍ଘାତିକ ରୋଗ ଚିକିତ୍ସା କରିବା ହେଉ କି ଅନ୍ୟାନ୍ୟ କୌଣସି ଅସୁବିଧାର ମୁକାବିଲା କରିବା ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ବ୍ୟାକୁଳତା ପ୍ରଦର୍ଶନ କରୁଥିବ ! ଠିକଣା ସମୟରେ ସମ୍ପୃକ୍ତ ରାଜସ୍ୱ ବିଭାଗୀୟ ପଦାଧିକାରୀ ମାନେ ତା'ର ତଣ୍ଟି ଧରିଥାନ୍ତି ! କେତେବେଳେ ବ୍ୟାପକ ଲାଞ୍ଚ ଦାବିକରି ହେଉ କିମ୍ବା ଆଉ କେତେବେଳେ ସମ୍ପୃକ୍ତ ଜମିକୁ ଜାଲିଆତି କରି ମାଫିଆଙ୍କ ହାତରେ ଟେକିଦେଇ କାନ୍ଦିଲି କିଲିବିଲି କରୁଛନ୍ତି ନିରୀହ ଜନତାଙ୍କୁ । ଅନେକ ସମୟରେ ସମ୍ପୃକ୍ତ ପୀଡିତ / ପୀଡିତା ନ୍ୟାୟାଳୟର ଆଶ୍ରୟ ନେଇ ନିଜର ଅଧିକାର ସାବ୍ୟସ୍ତ କରିବା ବେଳକୁ ସେହି ଲୋକଟି ଆଉ ଜୀବନରେ ବଞ୍ଚି ନଥାଏ । ତା'ର ଉତ୍ତରାଧିକାରୀଙ୍କୁ ମଧ୍ୟ ସମୁଚିତ ନ୍ୟାୟ ମିଳିବାର କୌଣସି ର୍ନିଦ୍ଧିଷ୍ଟ ଠିକଣା ମିଳୁନାହିଁ । ଏଭଳି କ୍ଷେତ୍ରରେ ଜଣେ ନିରୀହ ସାଧାରଣ ଜନତାକୁ ତାର ନ୍ୟାୟ ଅପେକ୍ଷା କ୍ଷତିର ଭାର ଅଧିକ ହେଉଥିବା ବେଳେ ତାହା କାହାଠାରୁ ଭରଣା କରାଯାଉ ନଥିବା ଦେଖିବାକୁ ମିଳୁଛି । ହେଲେ ଏହି ପଦସ୍ଥ ଅଧିକାରୀଙ୍କ ମନମାନୀ ସ୍ୱେଚ୍ଛାଚାରୀ କାର୍ଯ୍ୟକଳାପ ହେତୁ ନିରୀହ ଜନତା ଯେ ବ୍ୟାପକ କ୍ଷତିର ଶିକାର ହେଉଛନ୍ତି କେବଳ ସେମାନଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ । ଏହାପ୍ରତି ସରକାର ସଚେତନ ହୋଇ କଡାକଡି ଭାବେ ନିୟମ ଲାଗୁ ନକଲେ ଯେ ଏହା ଗଣତନ୍ତ୍ର ପ୍ରତି ଏକ ଉପହାସ ବ୍ୟତୀତ ଆଉ କିଛି କୁହାଯାଇ ପାରିବ ନାହିଁ ।

ସେହିଭଳି ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ମନମାନୀ ହେଉ କିମ୍ବା କାରିଗରୀ କୌଶଳ ଜନିତ ବିଭିନ୍ନ ସରକାରୀ ନିର୍ମାଣ କାର୍ଯ୍ୟରେ କେତେବେଳେ ଅଜ୍ଞାନତା ବଶତଃ ତ ଆଉ କେତେବେଳେ ଭ୍ରଷ୍ଟାଚାର ଜନିତ କ୍ଷତି ସହିବାକୁ ପଡୁଛି ସରକାର ତଥା ଜନସାଧାରଣଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହା ସମସ୍ତେ ଜାଣନ୍ତି । କହିବାକୁ ଗଲେ ଆମ ଦେଶରେ ପ୍ରାୟତଃ ଦାୟିତ୍ୱବାନ ପଦାଧିକାରୀଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନର ଅଭାବ କାରଣରୁ ସମସ୍ତେ ଏକ ରକମ ବେଖାତିରି କରି ଚଳାଉଛନ୍ତି ନିଜର ସାମ୍ରାଜ୍ୟ ଯିଏ ଯେଉଁଠାରେ ଅବସ୍ଥାପିତ ହୋଇଛନ୍ତି ସରକାରୀ କାର୍ଯ୍ୟାଳୟରେ । ସରକାର ଏ ଦିଗରେ ସ୍ୱତନ୍ତ୍ର ନିୟମ କଡାକଡି ଭାବେ ଲାଗୁ କରିବା ସହିତ ଯେ କୌଣସି କ୍ଷେତ୍ରରେ ସମସ୍ତ କ୍ଷତି ସମ୍ପୃକ୍ତ ପଦାଧିକାରୀଙ୍କ ଠାରୁ ଆଦାୟ କରିବା ସହିତ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବା ଭଳି କଠୋର ନିୟମ ଲାଗୁ ନକଲେ ଯେ ଏହାର ସମାଧାନ ହେବା ଅସମ୍ଭବ ! କାରଣ ପ୍ରାୟତଃ ପଦାଧିକାରୀ ମାନେ ଏକ ମିଳିତ ଗୋଷ୍ଠୀ ଭାବେ କାର୍ଯ୍ୟକରି ଜଣେ ଅନ୍ୟକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରି ଚଳାଉଛନ୍ତି ସେମାନଙ୍କ ଗୁପ୍ତ ରାଜତନ୍ତ୍ର ଯାହାଦ୍ୱାରା କେତେବେଳେ ସରକାରୀ ତହବିଲ ତ ଆଉ କେତେବେଳ ନିରୀହ ସାଧାରଣ ଲୋକଙ୍କ ବ୍ୟାପକ କ୍ଷତି ହେଉଥିବା ଦେଖିବାକୁ ମିଳୁଛି ।

ସରକାରୀ କାର୍ଯ୍ୟାଳୟ ଗୁଡିକରେ ଦୁର୍ନୀତି ବା ଲାଞ୍ଚ କାରବାର ଗୁଡିକ ପ୍ରାୟତଃ ସମ୍ପୃକ୍ତ ଅଧିକାରୀଙ୍କ ଗୋଚର ତଥା ଆଗ୍ରହରେ କାର୍ଯ୍ୟାଳୟ ସହାୟକ ହୁଅନ୍ତୁ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମାଧ୍ୟମରେ କରାଯାଇଥାଏ । ଯଦି କୌଣସି ସମୟରେ ଭିଜିଲାନ୍ସ କିମ୍ବା ଅନ୍ୟାନ୍ୟ କୌଣସି ଚଢ଼ାଉ ହୁଏ ତାହେଲେ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ହିଁ ଅଭିଯୁକ୍ତ ସାବ୍ୟସ୍ତ ହୁଅନ୍ତି ଏବଂ ସମସ୍ତ ଦଣ୍ଡବିଧାନ ସେମାନଙ୍କ ଉପରେ ହୋଇଥାଏ । ଏହା କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥିତ ନୁହେଁ ! କାରଣ ଯେହେତୁ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣେ ନିରୀହ ବ୍ୟକ୍ତି ଏବଂ ସମ୍ପୃକ୍ତ ଅଧିକାରୀ ସେମାନଙ୍କ ଉପରେ ଚାପ ପକାଇ ସେହି କାର୍ଯ୍ୟରେ ତାଙ୍କୁ ନିୟୋଜିତ କରୁଛନ୍ତି ତେଣୁ କୌଣସି କାର୍ଯ୍ୟାଳୟରେ ଯଦି ଦୁର୍ନୀତିର ଗନ୍ଧ ବାହାରେ ତାହେଲେ ସମ୍ପୃକ୍ତ ଅଧିକାରୀ ହିଁ ୧୦୦ ପ୍ରତିଶତ ଦୋଷୀ ସାବ୍ୟସ୍ତ ହେବା ଏକାନ୍ତ ଆବଶ୍ୟକ । ତାଙ୍କୁ ସେହି କାର୍ଯ୍ୟାଳୟର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତ ଦାୟିତ୍ୱ ଦିଆଯାଇଥିବା ହେତୁ ସେହି କାର୍ଯ୍ୟାଳୟର ସମସ୍ତ ଭଲମନ୍ଦ ପାଇଁ କେବଳ ସମ୍ପୃକ୍ତ ଅଧିକାରୀ ହିଁ ଦାୟୀ ରହିବେ ବୋଲି ଘୋଷଣା କରାଗଲେ ଖୁବ୍ କମ୍ ସମୟରେ ଦୁର୍ନୀତି ଦୂର କରାଯାଇ ପାରିବ । ଏଥିପ୍ରତି ସରକାର ସଚେତନ ହୋଇ ଠିକଣା ନିୟମ ଜାରି କଲେ ଯେ ଆମ ଦେଶ ଅନେକାଂଶରେ ଦୁର୍ନୀତି ମୁକ୍ତ ହୋଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ ।

ଯଥା ଶୀଘ୍ର ପଦାଧିକାରୀ ମାନଙ୍କ ପାଇଁ ସର୍ବ ସମାନ ଗଣତାନ୍ତ୍ରିକ ପଦ୍ଧତିରେ କଡା ନିୟମ ଜାରି କରାଯିବା ସହିତ ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ କଡା ନଜର ରଖି ଅବିଳମ୍ବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଭଳି ନିୟମ କରାଗଲେ ସମାଜର ମଙ୍ଗଳ ସାଧିତ ହୋଇପାରିବ । ଅନ୍ତତଃ ପକ୍ଷେ ଦ୍ୱିତୀୟ ଶ୍ରେଣୀ ଏବଂ ତାହାଠାରୁ ଉର୍ଦ୍ଧରେ ରହିଥିବା ସମସ୍ତ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ କରାଯିବା ବିଧେୟ । କାରଣ ସେମାନେ ଗୋଟିଏ ଗୋଟିଏ କାର୍ଯ୍ୟାଳୟର ଅଧିକାରୀ ଭାବେ ନିଯୁକ୍ତ ହୋଇଥା'ନ୍ତି ଯାହାଙ୍କ ସମସ୍ତ ଦାୟିତ୍ୱ ରହିଥାଏ ସରକାରୀ ଆଇନ କାନୁନକୁ ନିୟନ୍ତ୍ରଣ କରିବା ପାଇଁ । ସେମାନଙ୍କ କାର୍ଯ୍ୟକଳାପ ଗୁଡିକ ଉପରେ ଠିକଣା ଅଙ୍କୁଶ ଚାରଣ କରାନଗଲେ ବ୍ରିଟିଶ ଶାସନ ସମୟରେ ଅଧିକାରୀଙ୍କ କ୍ଷମତା ରାଜ ଚଳାଇ ଲୋକଙ୍କୁ କ୍ରୀତଦାସ ଭଳି ରଖିଥିବା ଜୁଲୁମରାଜ ଯେ କେବେହେଲେ ସମାପ୍ତ ହେବ ନାହିଁ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ରହିଛି ସେଇଥିରେ କୌଣସି ସନ୍ଦେହ ନାହିଁ !

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିର୍ସା ମୁଣ୍ଡା : ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମର ପ୍ରତୀକ

ଅସିତ ମହାନ୍ତି



୧୫ ନଭେମ୍ବର ୧୮୭୫ ରେ ଖୁଣ୍ଟି ଜିଲ୍ଲାର ଉଲିହାତୁ ନାମକ ଏକ ଗାଁରେ ଜନ୍ମ ହୋଇଥିବା ବିର୍ସା ମୁଣ୍ଡା କେବଳ ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ନୁହଁନ୍ତି ବରଂ ଜଣେ ଧର୍ମ ସଂସ୍କାରକ ମଧ୍ୟ ଥିଲେ । ସେ ବର୍ତ୍ତମାନର ଝାଡଖଣ୍ଡର ଛୋଟନାଗପୁର ମାଳଭୂମି ଅଞ୍ଚଳର ମୁଣ୍ଡା ଜନଜାତିର ଥିଲେ । ୨୦୨୧ ମସିହାରେ, ଭାରତ ସରକାର ୧୫ ନଭେମ୍ବର, ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକୀକୁ 'ଆଦିବାସୀ ଗୌରବ ଦିବସ' ଭାବରେ ଘୋଷଣା କରିଥିଲେ । ଏହି ଦିନ ଝାଡଖଣ୍ଡ ରାଜ୍ୟ ଗଠନ ସହିତ ସମକକ୍ଷ, ଯାହାକୁ ଝାଡଖଣ୍ଡ ସ୍ଥାପନା ଦିବସ କୁହାଯାଏ । ୧୫ ନଭେମ୍ବର ୨୦୦୦ ରେ, ଛୋଟାନାଗପୁର ଅଞ୍ଚଳ ବିହାରର ଦକ୍ଷିଣ ଭାଗରୁ ଅଲଗା ହୋଇଥିଲା ।

ଜୟପାଲ ନାଗଙ୍କ ମାର୍ଗଦର୍ଶନରେ ବିର୍ସା ସାଲଗାରେ ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିଥିଲେ ଏବଂ ପରେ ଜର୍ମାନ ମିଶନ ବିଦ୍ୟାଳୟରେ ଭାଗ ନେବାପାଇଁ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ । ତଥାପି, ସେ ଶୀଘ୍ର ଅନୁଭବ କଲେ ଯେ ବ୍ରିଟିଶମାନେ ଆଦିବାସୀମାନଙ୍କୁ ଖ୍ରୀଷ୍ଟିଆନ ଧର୍ମରେ ପରିଣତ କରିବା ପାଇଁ ଶିକ୍ଷା ବ୍ୟବହାର କରୁଛନ୍ତି । ଏହି ହୃଦୟଙ୍ଗମ ପରେ ସେ ନିଜ ବିଦ୍ୟାଳୟରୁ ନିଜକୁ ଅଲଗା କରି 'ବିରସା ଧର୍ମ' ନାମକ ଏକ ନୂତନ ଧର୍ମ ପ୍ରତିଷ୍ଠା କଲେ, ଯାହା ମୁଣ୍ଡା ସମ୍ପ୍ରଦାୟର ଅନେକ ଅନୁଗାମୀଙ୍କୁ ଆକର୍ଷିତ କରିଥିଲା ଏବଂ ଉପନିବେଶବାଦୀଙ୍କ ପାଇଁ ଏକ ବଡ଼ ବିପଦ ହୋଇଗଲା । ଏହି ଅନୁଗାମୀମାନେ ଖୋଲାଖୋଲି ଭାବରେ ଘୋଷଣା କଲେ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ 'ବିର୍ସାଇନ' ଭାବରେ ପରିଚିତ ଏବଂ ବ୍ରିଟିଶମାନଙ୍କୁ ସେମାନଙ୍କର ଶତ୍ରୁ ଭାବରେ ବିବେଚନା କରନ୍ତି । ଆଦିବାସୀ ଆନ୍ଦୋଳନ - ବିର୍ସା ମୁଣ୍ଡାଙ୍କ ସ୍ଲୋଗାନ ବ୍ରିଟିଶ ରାଜକୁ ଧମକ ଦେଇଥିଲା - ଅବୁଆ ରାଜ ଏତେ ଜାନା, ମହାରାଣୀ ରାଜ ଟୁଁଡୁ ଜନା (“ରାଣୀଙ୍କ ରାଜ୍ୟ ସମାପ୍ତ ହେବା ଉଚିତ ଏବଂ ଆମର ରାଜ୍ୟ ପ୍ରତିଷ୍ଠା ହେବା ଉଚିତ”) - ଆଜି ମଧ୍ୟ ଝାଡଖଣ୍ଡ, ଓଡିଶା, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶର ଅଞ୍ଚଳରେ ବିର୍ସା ମୁଣ୍ଡାଙ୍କ ଏହି ସ୍ଲୋଗାନ ସ୍ମରଣୀୟ । ବ୍ରିଟିଶ ଉପନିବେଶ ପ୍ରଣାଳୀ ଆଦିବାସୀ କୃଷି ବ୍ୟବସ୍ଥାର ସାମନ୍ତି ରାଜ୍ୟରେ ପରିଣତ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କଲା । ଯେହେତୁ ଆଦିବାସୀମାନେ ସେମାନଙ୍କର ଆଦିମ ପ୍ରଯୁକ୍ତିବିଦ୍ୟା ସହିତ ଅଧିକ ଉତ୍ପାଦନ କରିପାରି ନଥିଲେ, ତେଣୁ ଛୋଟନାଗପୁର ମୁଖ୍ୟମାନେ ଅଣଆଦିବାସୀ କୃଷକମାନଙ୍କୁ ଏହି ଜମି ଉପରେ ରହିବାପାଇଁ ତଥା ଚାଷ କରିବାକୁ ଆମନ୍ତ୍ରଣ କରିଥିଲେ । ଏହି କାରଣରୁ ଆଦିବାସୀମାନଙ୍କର ଜମି ସେମାନଙ୍କଠାରୁ ଛଡ଼ାଇ ନିଆଯାଇଥିଲା । ନୂତନ ଶ୍ରେଣୀର ଜମିଦାରମାନେ ଅଧିକ ଲୋଭୀ ଏବଂ ସେମାନଙ୍କ ସମ୍ପତ୍ତିର ସର୍ବାଧିକ ଲାଭ ଉଠାଇବାକୁ ଆଗ୍ରହୀ ଥିଲେ । ୧୮୫୬ ମସିହାରେ ଜାଗିର ସଂଖ୍ୟା ପ୍ରାୟ ୬୦୦ ଥିଲା ଏବଂ ସେମାନେ ଗୋଟିଏ ଗାଁରୁ ୧୫୦ଟି ଗାଁ ପର୍ଯ୍ୟନ୍ତ ରହିଥିଲେ । କିନ୍ତୁ ୧୮୭୪ ସୁଦ୍ଧା, ଜମି ମାଲିକଙ୍କ ଦ୍ୱାରା ଆରମ୍ଭ ହୋଇଥିବା କୃଷକଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ପୁରାତନ ମୁଣ୍ଡା କିମ୍ବା ଓରାଓନ୍ ସର୍ଦାରମାନଙ୍କର ଅଧିକାର ପ୍ରାୟ ସଂପୂର୍ଣ୍ଣଭାବେ ନଷ୍ଟ ହୋଇ ଯାଇଥିଲା । କେତେକ ଗ୍ରାମରେ, ସେମାନେ ସେମାନଙ୍କର ମାଲିକାନା ଅଧିକାରକୁ ସମ୍ପୂର୍ଣ୍ଣରୂପେ ହରାଇଲେ ଏବଂ କ୍ଷେତ ଶ୍ରମିକମାନ୍ୟତା ସ୍ଥିତରେ ଆସି ଯାଇଥିଲେ । କୃଷି ବିଚ୍ଛିନ୍ନତା ଏବଂ ସାଂସ୍କୃତିକ ପରିବର୍ତ୍ତନର ଯୁଗ୍ମ ଆହ୍ୱାନଗୁଡିକ ବିର୍ସା ମୁଣ୍ଡାଙ୍କ ସହିତ ତାଙ୍କ ନେତୃତ୍ୱରେ ଅନେକ ବିଦ୍ରୋହ ଏବଂ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ । ୧୮୯୫ ମସିହାରେ, ତାମରର ଚଲକଡ଼ ଗ୍ରାମରେ ବିର୍ସା ମୁଣ୍ଡା ଖ୍ରୀଷ୍ଟିଆନ ଧର୍ମ ତ୍ୟାଗ କରି ତାଙ୍କ ସହକର୍ମୀମାନଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବଳ ଗୋଟିଏ ଭଗବାନଙ୍କୁ ଉପାସନା କରିବାକୁ ଏବଂ ବୋଗାଓଁଙ୍କ ପୂଜା ଛାଡିବାକୁ କହିଥିଲେ । ସେ ନିଜକୁ ଜଣେ ଭବିଷ୍ୟତ ବକ୍ତା ବୋଲି ଘୋଷଣା କଲେ, ଯିଏକି ତାଙ୍କ ଲୋକମାନଙ୍କର ହଜିଯାଇଥିବା ରାଜ୍ୟ ପୁନରୁଦ୍ଧାର କରିବାକୁ ଆସିଥିଲେ । ସେ କହିଛନ୍ତି ଯେ ରାଣୀ ଭିକ୍ଟୋରିଆଙ୍କ ଶାସନ ଶେଷ ହୋଇଛି ଏବଂ ମୁଣ୍ଡା ରାଜ ଆରମ୍ଭ ହୋଇଛି । ବିର୍ସା ମୁଣ୍ଡା ଇଂରେଜମାନଙ୍କୁ କୌଣସି ଭଡା ନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଣ୍ଡା ଲୋକମାନେ ତାଙ୍କୁ ଧରଣୀର ପିତା ବୋଲି କହିଥିଲେ । ବିର୍ସା ମୁଣ୍ଡାଙ୍କୁ ଧରାଯାଇ ରାଞ୍ଚି (୧୮୯୦)କୁ ନିଆଯାଇଥିଲା - ଯେଉଁମାନେ ବିର୍ସାଙ୍କୁ ଅନୁସରଣ କରୁନାହାଁନ୍ତି ସେମାନଙ୍କୁ ହତ୍ୟା କରାଯିବ ବୋଲି ଗୁଜବ ହେତୁ (ଇଂରେଜମାନେ ବିର୍ସାଙ୍କ ନାମରେ ଗୁଜବ ସୃଷ୍ଟି କରିଥିଲେ) ବିର୍ସାଙ୍କୁ ୨୪ ଅଗଷ୍ଟ ୧୮୯୫ ରେ ଗିରଫ କରାଯାଇ ଦୁଇ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ୨୮ ଜାନୁଆରୀ ୧୮୯୮ରେ ଜେଲରୁ ମୁକୁଳିବା ପରେ ସେ ତାଙ୍କ ଅନୁଗାମୀମାନଙ୍କ ସହିତ ଚୁଟିଆ ଯାଇ ରେକର୍ଡ ସଂଗ୍ରହ କରିବା ସହ ମନ୍ଦିର ସହିତ ଜାତିଗତ ସମ୍ପର୍କ ସ୍ଥାପନ କରିଥିଲେ । ସେ କହିଛନ୍ତି ଯେ ମନ୍ଦିର କୋଲର ଅଟେ । ଖ୍ରୀଷ୍ଟିଆନ ମିଶନାରୀମାନେ ବିର୍ସା ଏବଂ ତାଙ୍କ ଅନୁଗାମୀମାନଙ୍କୁ ଗିରଫ କରିବାକୁ ଚାହୁଁଥିଲେ, ଏବଂ ସେମାନଙ୍କର ଧର୍ମ ପରିବର୍ତ୍ତନ କରିବାର କ୍ଷମତା ପ୍ରତି ବିପଦ ସୃଷ୍ଟି କରିଥିଲେ । ବିର୍ସା ଦୁଇ ବର୍ଷ ତଳେ ଭୂମିଗତରେ ରହିଲେ କିନ୍ତୁ ଅନେକ ଗୁପ୍ତ ସଭାରେ ଅଂଶଗ୍ରହଣ ଜାରି ରଖିଥିଲେ । କୁହାଯାଏ ଯେ ୧୮୯୯ ମସିହାର ଖ୍ରୀଷ୍ଟମାସ ସମୟରେ ପ୍ରାୟ ୭୦୦୦ ପୁରୁଷ ଓ ମହିଳା ଉଲଗୁଲାନ୍ (ମହାନ ଉପଦ୍ରବ) ଆରମ୍ଭ କରିବାକୁ ଏକତ୍ରିତ ହୋଇଥିଲେ ଯାହା ଖୁଣ୍ଟି, ତମାଡ଼, ବସିଆ ଏବଂ ରାଞ୍ଚିରେ ବ୍ୟାପିଗଲା । ମୂରହୁରେ ଏଙ୍ଗଲିକାନ୍ ମିଶନ୍ ଏବଂ ସର୍ବଡାରେ  ରୋମାନ୍ କ୍ୟାଥୋଲିକ୍ ମିଶନ୍ ମୁଖ୍ୟ ଲକ୍ଷ୍ୟ ଥିଲା । ବିର୍ସା ସମର୍ଥକମାନେ ଖୋଲାଖୋଲି ଭାବେ ଘୋଷଣା କଲେ ଯେ ପ୍ରକୃତ ଶତ୍ରୁ ବ୍ରିଟିଶ ଏବଂ ଖ୍ରୀଷ୍ଟିଆନ ମୁଣ୍ଡା ନୁହଁନ୍ତି ଏବଂ ବ୍ରିଟିଶମାନଙ୍କ ବିରୁଦ୍ଧରେ ଏକ ନିର୍ଣ୍ଣାୟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଦ୍ଧ ପାଇଁ ଆହ୍ୱାନ ଦେଇଥିଲେ । ସେ ଠିକାଦାର, ଜାଗିରଦାର ଏବଂ ରାଜା ଏବଂ ହାକିମ ଏବଂ ଖ୍ରୀଷ୍ଟିଆନମାନଙ୍କୁ ହତ୍ୟା କରିବାପାଇଁ ଆଗ୍ରହ କରିଥିଲେ ଏବଂ ପ୍ରତିଶ୍ରୁତି ଦେଇଥିଲେ ଯେ ବନ୍ଧୁକ ଏବଂ ଗୁଳିକୁ ପାଣିରେ ପରିଣତ କରାଯିବ । ଦୁଇବର୍ଷ ଧରି ସେମାନେ ବ୍ରିଟିଶମାନଙ୍କ ପ୍ରତି ବିଶ୍ୱସ୍ତ ପଦବୀ ଉପରେ ଆକ୍ରମଣ କରିଥିଲେ । ୧୮୯୯ରେ, କ୍ରିସମାସର ପୂର୍ବ ସନ୍ଧ୍ୟାରେ ବିର୍ସାଙ୍କ ଅନୁଗାମୀମାନେ ରାଞ୍ଚି ଏବଂ ସିଂଭୂମ ଚର୍ଚ୍ଚ ଜାଳିବାକୁ ଚେଷ୍ଟା କରିଥିଲେ । ୫ ଜାନୁଆରୀ ୧୯୦୦ରେ, ବିର୍ସାଙ୍କ ଅନୁଗାମୀମାନେ ଏଲକେଡିହରେ ଦୁଇଜଣ ପୋଲିସ କନଷ୍ଟେବଳଙ୍କୁ ହତ୍ୟା କରିଥିଲେ । ଜାନୁଆରୀ ୭ରେ ସେମାନେ ଖୁଣ୍ଟି ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରି ଜଣେ କନଷ୍ଟେବଳଙ୍କୁ ହତ୍ୟା କରି ସ୍ଥାନୀୟ ଦୋକାନୀଙ୍କ ଘର ଭାଙ୍ଗି ଦେଇଥିଲେ । ସ୍ଥାନୀୟ କମିଶନର ଏ ଫୋବେସ ଏବଂ ଡେପୁଟି କମିଶନର ଏଚ୍.ସି ସ୍ଟ୍ରେଟ ଫିଲଡ ବିଦ୍ରୋହକୁ ଦମନ କରିବା ସେନାସହିତ ଖୁଣ୍ଟି ପହଞ୍ଚିଥିଲେ । ଔପନିବେଶିକ ପ୍ରଶାସନ ବିର୍ସା ମୁଣ୍ଡାଙ୍କ ପାଇଁ ୫୦୦ ଟଙ୍କା ପୁରସ୍କାର ମଧ୍ୟ ଘୋଷଣା କରିଥିଲା । ଫୋବସ୍ ଏବଂ ଷ୍ଟ୍ରେଟଫିଲ୍ଡଙ୍କ ନିର୍ଦ୍ଦେଶରେ ସୈନ୍ୟମାନେ ଡମ୍ବାରି ହିଲରେ ମୁଣ୍ଡାଙ୍କ ଗରିଲାମାନଙ୍କୁ ଆକ୍ରମଣ କରି ପରାସ୍ତ କରିଥିଲେ, ଯଦିଓ ମୁଣ୍ଡା ନିଜେ ସିଂହଭୂମ ପାହାଡକୁ ପଳାଇଥିଲେ । ତାଙ୍କୁ ୩ ଫେବୃଆରୀ ୧୯୦୦ରେ ଚକ୍ରଧରପୁରର ଜାମକୋପାଇ ଜଙ୍ଗଲରେ ଗିରଫ କରାଯାଇଥିଲା । ଡେପୁଟି କମିଶନର ରାଞ୍ଚିଙ୍କ ଚିଠି ଅନୁଯାୟୀ ୧୫ଟି ଭିନ୍ନ ଭିନ୍ନ ଅପରାଧିକ ମାମଲାରେ ୪୬୦ ଆଦିବାସୀ ଅଭିଯୁକ୍ତ ହୋଇଥିଲେ, ସେଥିମଧ୍ୟରୁ ୬୩ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଜଣଙ୍କୁ ମୃତ୍ୟୁଦଣ୍ଡ, ୩୯ ଜଣ ଆଜୀବନ ନିର୍ବାସନ ଏବଂ ୨୩ ଜଣ ଚଉଦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ବିର୍ସା ମୁଣ୍ଡାଙ୍କ ସମେତ ଜେଲରେ ୬ଟି ମୃତ୍ୟୁ ହୋଇଥିଲା । ୯ ଜୁନ୍ ୧୯୦୦ରେ ବିର୍ସା ମୁଣ୍ଡା ଜେଲରେ ମୃତ୍ୟୁ ବରଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ଆନ୍ଦୋଳନ ଦୁର୍ବଳ ହୋଇଗଲା । ୧୯୦୮ ମସିହାରେ, ଔପନିବେଶିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୋଟାନାଗପୁର CNT ଆକ୍ଟ - ବିଦ୍ରୋହର ଜବାବରେ ବ୍ରିଟିଶମାନେ ୧୯୦୮ର ଛୋଟାନାଗପୁର (CNT) ଅଧିନିୟମ (ଆଦିବାସୀ ଜମି କ୍ରୟ ଏବଂ ବିକ୍ରୟକୁ ନିୟନ୍ତ୍ରଣ କରେ) ପ୍ରଣୟନ କରିଥିଲେ । CNT ଆକ୍ଟ କେବଳ ଜମି ରେକର୍ଡ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦେଶ ଦେଇନାହିଁ, ବରଂ ଏକ ଅନନ୍ୟ କାର୍ଯ୍ୟକାଳ ବର୍ଗ, "ମୁଣ୍ଡାରି ଖୁଣ୍ଟକଟିଦାର୍" (ମୁଣ୍ଡାମାନଙ୍କ ମଧ୍ୟରେ ଜମିର ମୂଳ ବାସିନ୍ଦା ଭାବରେ ବିବେଚନା କରାଯାଏ) ଏବଂ ଆଦିବାସୀ ଜମିକୁ ଅଣ ଆଦିବାସୀମାନଙ୍କୁ ହସ୍ତାନ୍ତର ଉପରେ ବାରଣ କରିଥିଲା । ଏହା ସହିତ, CNT ଅଧିନିୟମ ଜଳ, ଜଙ୍ଗଲ ଏବଂ ଜମି (ଜଳ, ଜଙ୍ଗଲ ଏବଂ ଜମିନ୍) ସମ୍ବନ୍ଧୀୟ ପାରମ୍ପାରିକ ସମ୍ପ୍ରଦାୟର ଅଧିକାରକୁ ରେକର୍ଡ କରିବା ପାଇଁ ବ୍ୟବସ୍ଥା କରିଥିଲା । ଏହି ଅଧିକାରଗୁଡିକ ଜଙ୍ଗଲରୁ ଉତ୍ପାଦ ଅମଳ କରିବା, ଗୋରୁ ଚରାଇବା ଏବଂ ଧାନ ଚାଷ ପାଇଁ 'ବର୍ଜ୍ୟବସ୍ତୁ' (କୋରକର) ପୁନରୁଦ୍ଧାର ଅଧିକାର ଅନ୍ତର୍ଭୁକ୍ତ କରି ଆଦିବାସୀ ସମ୍ପ୍ରଦାୟର ଜମି ଅଧିକାରକୁ ସୁରକ୍ଷା ଦେଇଥିଲା । ବିର୍ସା ମୁଣ୍ଡାଙ୍କ ଆପୋଷହୀନ ସଶସ୍ତ୍ର ସଂଘର୍ଷ ଇଂରେଜ ମାନଙ୍କୁ ତାଙ୍କର ଅଧିକାରକୁ ମାନିବାକୁ ବାଧ୍ୟ କରିଥିଲା । ଆଜି ଇଂରେଜ ନାହାନ୍ତି, କିନ୍ତୁ ଆଜି ମଧ୍ୟ ଆଦିବାସୀ ଜନଜାତିମାନଙ୍କର ଶୋଷଣ ଆମ ଦେଶର ପୁଞ୍ଜିପତି ପରସ୍ତ ସମାଜ ବ୍ୟବସ୍ଥା ଜାରି ରଖିଛି । ସେମାନଙ୍କ ସହିତ ପ୍ରତାରଣା କରାଯାଉଛି । ସେମାନଙ୍କର ଧର୍ମ ପରିବର୍ତ୍ତନ ସହିତ ଜଳ, ଜଙ୍ଗଲ ଏବଂ ଜମିକୁ ସେମାନଙ୍କଠାରୁ ଛଡାଇ ନିଆଯାଉଛି । ତେଣୁ ଆଜିର ଦିନରେ ବିର୍ସା ମୁଣ୍ଡାଙ୍କ ସଂଘର୍ଷରୁ ଶିକ୍ଷା ନେଇ ପୁଞ୍ଜିପତି ପରସ୍ତ ଶକ୍ତିମାନଙ୍କ ବିରୁଦ୍ଧରେ ଆନ୍ଦୋଳନକୁ ତେଜ କରିବା ଛାଡ ଅନ୍ୟ କେଉଁ ଉପାୟ ନାହିଁ ।

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର , ଯାଜପୁର

୯୪୩୭୨୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All Videos Images Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All Images Videos Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

## Bhagabata Geeta Katha

Available on Spotify and 4 other platforms >
8 episodes

Share | Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad